ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 177 | ମୂଲ୍ୟ₹୭/-







ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ଗୁଳିକାଣ୍ଡ ପରେ ଜଣେ ବ୍ୟକ୍ତି ଇସ୍ରାଏଲୀ ପତାକା ଘୋଡ଼େଇ ହୋଇ ଲୋକଙ୍କୁ ଅଟକାଉଛନ୍ତି।

### ୱାଶିଂଟନ୍ ଇହୁଦୀ ମ୍ୟୁଜିୟମ୍‌ରେ ଗୁଳି

# ଇସ୍ରାଏଲୀ ଦୂତାବାସର ୨ କର୍ମଚାରୀ ନିହତ

**ୱାଶିଂଟନ୍,୨୨।୫**

ଆମେରିକାର ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ବୁଧବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ସ୍ଲୋଗାନ ଦେଇ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ଇସ୍ରାଏଲୀ ଦୂତାବାସର ୨ ଜଣ ଷ୍ଟାଫ୍ ମେମ୍ବର ନିହତ ହୋଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୁଳିମାଡ଼ରେ ପ୍ରାଣ ହରାଇଥିବା କର୍ମଚାରୀ ଦ୍ୱୟ ୟାରୋନ୍ ଲିସ୍କିନ୍‌ସ୍କାଏ ଏବଂ ସାରାହ ମିଲଗ୍ରିମ୍ ବୋଲି ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଗିଡେଓନ୍ ସାର ସୂଚନା ଦେଇଛନ୍ତି। ଲିସ୍କିନ୍‌ସ୍କାଏ ଜଣେ ଗବେଷକ ସହାୟକ ହୋଇଥିବାବେଳେ ମିଲ୍‌ଗ୍ରିମ୍ ଇସ୍ରାଏଲକୁ ଗସ୍ତ ଓ ମିଶନଗୁଡ଼ିକର ଆୟୋଜକ ଥିଲେ। ସନ୍ଦିଗ୍ଧ ବ୍ୟକ୍ତି ଜଣକ ୪ ଜଣଙ୍କ ନିକଟକୁ ଯାଇ ଗୁଳି କରିବା ସମୟରେ ଏହି ୨ ଜଣ ଉକ୍ତ ସଂଗ୍ରହାଳୟରୁ ବାହାରୁଥିଲେ। ୩୦ ବର୍ଷୀୟ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍ ଶିକାଗୋ ବାସିନ୍ଦା ଗୁଳି ଚଳାଇବା ପୂର୍ବରୁ ମ୍ୟୁଜିୟମ୍ ବାହାରେ ଲୋକଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। କାଣ୍ଡ ଭିଆଇବା ପରେ ସେ ମ୍ୟୁଜିୟମ୍ ଭିତରକୁ ପ୍ରବେଶ କରିଥିଲେ। ସେଠାରେ କାର୍ଯ୍ୟକ୍ରମରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ ବୋଲି ମେଟ୍ରୋପଲିଟାନ୍ ପୋଲିସ ମୁଖ୍ୟ ପାମେଲା ସ୍ମିଥ୍ ଏକ ପ୍ରେସ୍ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ଇସ୍ରାଏଲୀ ଦୂତାବାସ




ଗିରଫ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍

ସୁରକ୍ଷା କଡ଼ାକଡ଼ି କରାଯାଇଛି।

ଇସ୍ରାଏଲ୍ ପକ୍ଷରୁ ଗାଜାରେ ଆଉ ଏକ ବଡ଼ ଆକ୍ରମଣ ଚାଲିବା ପରେ ଏହି ଗୁଳିକାଣ୍ଡ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଏହାର ନିନ୍ଦା କରି କହିଛନ୍ତି, ବର୍ତ୍ତମାନ ଇହୁଦୀ ବିରୋଧୀ ମନୋଭାବ ବନ୍ଦ ହେବା ଜରୁରୀ। ଆମେରିକାରେ ଘୃଣା ବିସ୍ତାରକାରୀ ଓ କେଠାରପନ୍ଥୀଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ସେ ନିଜ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ପୋଷ୍ଟ କରିଛନ୍ତି। ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଏହାକୁ ଏକ ଭୟଙ୍କର ଓ ଇହୁଦୀ ବିରୋଧୀ ଗୁଳିକାଣ୍ଡ ବୋଲି ଅଭିହିତ କରିଛି।

ଆକ୍ରମଣକାରୀ ରୋଡ୍ରିଗୁଏଜ୍ ପାର୍ଟି ଫର୍ ସୋସିଆଲିଜମ୍ ଆଣ୍ଡ ଲିବରେଶନ୍ (ପିଏସ୍ଏଲ୍) ପାଇଁ କାର୍ଯ୍ୟ କରୁଥିବାବେଳେ ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ସେ ୨୦୧୭ରେ ତତ୍କାଳୀନ ଶିକାଗୋ ମେୟର ରହମକ୍ ଏମାନ୍ୱେଲଙ୍କ ବାସଭବନ ବାହାରେ ଆୟୋଜିତ ଏକ ବିକ୍ଷୋଭରେ ମଧ୍ୟ ସାମିଲ ଥିଲେ।

C. V. Raman Global University
ODISHA BHUBANESWAR INDIA
www.cgu-odisha.ac.in
CGU ODISHA
Home Grown World Class



FOR ADMISSION PROCESS AND WEB-BASED COUNSELLING
candidates are advised to register themselves through
www.cgu-odisha.ac.in
Apply ONLINE Now
(For UG, PG and Ph.D.Programs)
No Application Fee/No Exam Fee
Ranked among Top 100 Engineering Institution in India since last 09 years by NIRF (National Institutional Ranking Framework), MHRD, Govt. of India

Engineering & Technology
UG PROGRAMS :
- Computer Science (CSE, CS &IT, CS (AI & ML), CSE (Data Sc.), IoT & Cyber Security, Robotics & AI, AI & Data Sc.
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA (Bachelor of Computer Applications)

PG PROGRAMS :
- Compuer Science & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Electronics & Commun. Engg. (Signal Processing & Commun.)
- Heat Power Engg.
- M.Sc in Computer Science
- MCA (Master of Computer Applications)

Ph.D. (DOCTORAL) PROGRAMS
- CSE
- Chemical Engg.
- Civil Engg.
- Electrical Engg.
- ECE
- Mechanical Engg.
- Marine Engg.

MARINE ENGINEERING
- B. Tech
- GME
- GP Rating
- High Voltage
- STCW
- CCMC

DIPLOMA ENGINEERING
- Comp. Sc.
- Civil
- Electrical
- Mechanical
- Electronics & Telecom.

Tourism and Hospitality
- B.Sc in Hotel & Hospitality Admin.
- Bachelor of Hotel Management & Catering Technology (BHMCT)
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

Pharmacy
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

Forensic Sciences
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics

Management and Law
- BBA (Bachelor in Business Administration)
- MBA (Master in Business Administration)
- Ph.D. in Business Management

Humanities and Social Sc.
- M.A. in English
- Ph.D. in English

Physical & Mathematical Sc
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

Agriculture and Allied Sc
- B.Sc. in Agriculture
- M.Sc in - Zoology, Botany, Bio-tech

Scan the code to APPLY Now

CONTACT
CAMPUS :
C. V. Raman Global University
Bidyanagar, Mahura, Janla, Bhubaneswar
Odisha, INDIA. Pin - 752054
0674-6636555
+91-9040021102
+91-9040021100 / 101 / 102 / 103
admission@cgu-odisha.ac.in

# ସିନ୍ଦୂର ଯେବେ ବାରୁଦ ହୁଏ...

**ବିକାନେର,୨୨।୫**

ସିନ୍ଦୂର ଯେତେବେଳେ ବାରୁଦରେ ପରିଣତ ହୁଏ, ସେତେବେଳେ କ'ଣ ସବୁ ଘଟେ ତାହା ଭାରତର ଶତ୍ରୁମାନେ ଜାଣି ସାରିଛନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏହି ଅବସରରେ ନିଜ ପରାକ୍ରମ ବଳରେ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ୍ୟ କରିଥିବା ଭାରତୀୟ ସଶସ୍ତ୍ର ବଳକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

'ଅପରେଶନ୍ ସିନ୍ଦୂର' ପରେ ରାଜସ୍ଥାନରେ ପ୍ରଥମ ଥର ପାଇଁ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ କଡ଼ାଭାଷାରେ ନିନ୍ଦା କରିଛନ୍ତି। ପାକିସ୍ତାନ ସୀମା ସଂଲଗ୍ନ ବିକାନେରର ପଲାନାରେ ମୋଦି କହିଛନ୍ତି, ଏପ୍ରିଲ ୨୨ ଆକ୍ରମଣର ପ୍ରତିଶୋଧ ମାତ୍ର ୨୨ ମିନିଟ୍ ଭିତରେ ନିଆଯାଇଥିଲା। ଏଥିରେ ଆତଙ୍କବାଦୀଙ୍କ ୯ ଆଡ୍ଡା ଧ୍ୱଂସ ହୋଇଯାଇଥିଲା। ସିନ୍ଦୂର ବାରୁଦରେ ପରିଣତ ହେଲେ କ'ଣ ହୁଏ ତାହା

### ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ କଡ଼ା ଚେତାବନୀ



ବିଶ୍ୱ ଏବଂ ଭାରତର ଶତ୍ରୁମାନେ ଦେଖିଛନ୍ତି। ଏବେ ମୋଦିଙ୍କ ଶିରାପ୍ରଶିରାରେ ରକ୍ତ ନୁହେଁ, ଗରମ ସିନ୍ଦୂର ପ୍ରବାହିତ ହେଉଛି। ପାକିସ୍ତାନକୁ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣ ପାଇଁ ମୂଲ୍ୟ ଦେବାକୁ ପଡ଼ିବ। ଆତଙ୍କବାଦୀ ଆକ୍ରମଣକୁ ଭାରତର ଜବାବ ପ୍ରତିଶୋଧର ଏକ ଖେଳ ନୁହେଁ, ବରଂ ନ୍ୟାୟର ନୂଆ ରୂପ। ପାକିସ୍ତାନ ସହ ବାଣିଜ୍ୟ ଓ ଆଲୋଚନା ହେବନାହିଁ। କେବଳ ପାକ୍-ଅଧିକୃତ କଶ୍ମୀର (ପିଓକେ) ସମ୍ପର୍କରେ ଆଲୋଚନା ହେବ। ପାକିସ୍ତାନର ଆଣବିକ ଧମକକୁ ନେଇ ଭାରତ ଭୟଭୀତ ହେବ ନାହିଁ। ଆତଙ୍କବାଦୀ ଆକ୍ରମଣ ହେଲେ କେବେ ଓ କିପରି ଭାବେ ଏହାର ମୁହଁତୋଡ଼ ଜବାବ ଦିଆଯିବ ତାହା ଭାରତୀୟ ସେନା ନିର୍ଦ୍ଧାରଣ କରିବ। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ସରକାରଙ୍କୁ ଆମେ ପୃଥକ୍ ଦୃଷ୍ଟିରେ ଦେଖିବୁ ନାହିଁ। ଉଭୟଙ୍କୁ ଗୋଟିଏ ବୋଲି ଧରିବୁ। ଏହା ହେଉଛି 'ଅପରେଶନ୍ ସିନ୍ଦୂର'ର ୩ ସୂତ୍ର।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପାକିସ୍ତାନ ବିକାନେରର ନାଲ୍ ଏୟାରବେସ୍‌କୁ ଟାର୍ଗେଟ ଉଦ୍ୟମ କରିଥିଲା। କିନ୍ତୁ ଏହାର କିଛି କ୍ଷତି କରିପାରି ନ ଥିଲା। ଅନ୍ୟପକ୍ଷେ ପାକିସ୍ତାନର ରହିମ୍‌ୟାର ଖାନ୍ ଏୟାରବେସ୍ କେବେ ଖୋଲିବ ତାହା କେହି ଜାଣନ୍ତି ନାହିଁ। ଏହା ଏବେ ଆଇସିୟୁରେ ରହିଛି। ଭାରତୀୟ ସଶସ୍ତ୍ର ବଳର ଆକ୍ରମଣରେ ଏହି ଏୟାରବେସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପାକିସ୍ତାନ ଭାରତ ବିରୋଧରେ ପ୍ରତ୍ୟକ୍ଷ ଲଢ଼େଇରେ କେବେହେଲେ ଜିତିପାରିବ ନାହିଁ। ଏଥିଲାଗି ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଲଢ଼େଇରେ ଆତଙ୍କବାଦକୁ ନିଜ ଅସ୍ତ୍ରରେ ପରିଣତ କରିଛି। ପାକିସ୍ତାନ ଭାରତ ଭାଗରେ ପଡୁଥିବା ସିନ୍ଧୁ ନଦୀ ଜଳ ପାଇବ ନାହିଁ। ଆତଙ୍କବାଦୀଙ୍କୁ ସମର୍ଥନ ଜାରି ରଖିଥିବା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ଓ ଅର୍ଥନୀତିକୁ ସବୁବେଳେ ଭିକ ମାଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗୁଜରାଟ ପାଇଁ ଭର୍ଚୁଆଲି ୧୦୩ 'ଅମୃତ ଭାରତ' ଷ୍ଟେଶନ୍‌ର ଲୋକାର୍ପଣ କରିଛନ୍ତି।

# ମୁକୁଳା ବୁଲୁଛନ୍ତି ଆତଙ୍କବାଦୀ

**ପହଲଗାମ୍,୨୨।୫(ପି.ଟି.)**

ପହଲଗାମ୍ ବୈସରନ୍‌ରେ ୨୫ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଘୋଡ଼ାବାଲାଙ୍କୁ ଗୁଳିକରି ହତ୍ୟା କରିବାର ମାସକ ପରେ ମଧ୍ୟ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। କଶ୍ମୀର ଉପତ୍ୟକାରେ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ବ୍ୟାପକ ତଲାସି ଅଭିଯାନକୁ ଏଯାଏ ସଫଳତା ମିଳିନାହିଁ। ଏପ୍ରିଲ ୨୨ ଆକ୍ରମଣ ପରଠାରୁ ଅପରେଶନ୍‌ରେ ଅନେକ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନିହତ ହୋଇଥିଲେ ମଧ୍ୟ ଏହି ଗଣହତ୍ୟା ଭିଆଇଥିବା ଆତଙ୍କବାଦୀମାନେ ସୁରକ୍ଷା ବଳ ଆଖିରେ ଧୂଳି ଦେଇ ଫେରାର

### ପହଲଗାମ୍ ଆକ୍ରମଣକୁ ମାସେ ବିତିଲା




ହେବାରେ ସକ୍ଷମ ହୋଇଛନ୍ତି। ପହଲଗାମ୍ ଆକ୍ରମଣର ତଦନ୍ତ ଭାର ହାତକୁ ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅଦ୍ୟାବଧି ୧୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କଲାଣି, ଯେଉଁମାନେ କି ଗଣହତ୍ୟାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ଥାଇପାରନ୍ତି। ଜେରାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଫୁଡ୍ ଷ୍ଟଲ୍ ମାଲିକ, ଜିପ୍‌ଲାଇନ୍ ଅପରେଟର ଓ ଘୋଡ଼ାବାଲା ରହିଛନ୍ତି। ଏନ୍‌ଆଇଏ ୩ ଆକ୍ରମଣକାରୀ ଆଦିଲ ହୁସେନ ଠୋକେର(ଅନନ୍ତନାଗ ବାସିନ୍ଦା) ଏବଂ ୨ ପାକିସ୍ତାନୀ ନାଗରିକ ଅଲୀ ଭାଇ ଓରଫ୍ ତଲ୍‌ହା ଭାଇ ଏବଂ ହାସିମ୍ ମୁସା ଓରଫ୍ ସୁଲେମାନ୍‌ଙ୍କ ସ୍କେଚ୍ ଜାରି କରିଥିଲା। ଏମାନଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇ ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ଆକ୍ରମଣ ଦିନର ପହଲଗାମ୍ ମୋବାଇଲ୍ ଡେଟା ଏବଂ ଭିଡିଓଗୁଡ଼ିକୁ ବିଶ୍ଳେଷଣ କରାଯାଇଛି। ଏହାସତ୍ତ୍ୱେ ହତ୍ୟାକାରୀମାନଙ୍କ ପତ୍ତା ମିଳି ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣରେ ୪ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

## ଗୁଳି ବିନିମୟରେ ଯବାନ, ୨ ଆତଙ୍କବାଦୀ ମୃତ

**ଶ୍ରୀନଗର, ୨୨।୫**

ଜମ୍ମୁ-କଶ୍ମୀରର କିସ୍ତୱାରରେ ଗୁରୁବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ସିଂପୁରା ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଖବର ମିଳିଥିବାରୁ ସୁରକ୍ଷା ବଳ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଅପରେଶନ ତ୍ରାଶି ଆରମ୍ଭ କରାଯାଇଥିଲା। ଅପରେଶନ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଘଟିଥିଲା। ସୁରକ୍ଷା ବଳ ପକ୍ଷରୁ ପ୍ରତି ଜବାବରେ ମଧ୍ୟ ଗୁଳିଚାଳନା କରାଯାଇଥିଲା। ଗୁଳି ବିନିମୟ ବେଳେ ଭାରତୀୟ ସେନାର ଜଣେ ଯବାନଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗୁଳି ବିନିମୟରେ ୨ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିବା ଭାରତୀୟ ସେନାର ହ୍ୱାଇଟ ନାଇଟ କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

# ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ



**ନୂଆଦିଲ୍ଲୀ, ୨୨।୫**

ଜମ୍ମୁ-କଶ୍ମୀରର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ସହ ଜଡ଼ିତ ଏକ ଭ୍ରଷ୍ଟାଚାର ମାମଲାରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ ଏବଂ ଅନ୍ୟ ୭ ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି। ମାମଲାରେ ୩ ବର୍ଷ ଧରି ତଦନ୍ତ କରିବା ପରେ ସିବିଆଇ ପକ୍ଷରୁ ଜମ୍ମୁର ଏକ ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଛି। ତେବେ ସିବିଆଇର ଚାର୍ଜଶିଟ ଦାଖଲ ପରେ ଅସୁସ୍ଥ ଥିବା ନେଇ ସତ୍ୟପାଲ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି। ସେ କହିଛନ୍ତି, ଏବେ ମୁଁ ଅସୁସ୍ଥ ଥିବାରୁ ମେଡିକାଲ୍‌ରେ ଭର୍ତ୍ତି ହୋଇଛି। ତେଣୁ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିପାରିବି ନାହିଁ। ୨୦୨୨ରେ ଜମ୍ମୁ-କଶ୍ମୀର ସରକାରଙ୍କ ଅନୁରୋଧ କ୍ରମେ ସିବିଆଇ ଏହି ମାମଲାକୁ ଗ୍ରହଣ କରିଥିଲା। ପୂର୍ବରୁ ମାମଲାର ତଦନ୍ତ କରି ସିବିଆଇ ସତ୍ୟପାଲଙ୍କ ଅନେକ ଠିକଣାରେ ଚଢ଼ାଉ କରିଥିଲା। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିଲେ।



ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025 | ପୃଷ୍ଠା-୧



ଯାଜପୁର ଜିଲା କଳିଙ୍ଗନଗରରେ ଇଡ୍‌କୋ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଜେକ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ବଡ଼ଚଣା ବିଧାୟକ ଅମର ନାୟକ।

## ଶିଳ୍ପ ପାଇଁ ବଳିଦାନ ନୁହେଁ, ଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଯାଜପୁର,୨୨।୫
(ହର୍ଷବର୍ଦ୍ଧନ ବେହେରା)

■ କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

■ ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଶିଳ୍ପ କ୍ଷେତ୍ରରେ ଆଜି ସାରା ରାଜ୍ୟରେ ଏକ ଐତିହାସିକ ଦିନ। ଗୋଟିଏ ଦିନରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ଓ ଉଦ୍‌ଘାଟନ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପରେ ୩୬ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ମନେପକାଇ ଶିଳ୍ପ ପ୍ରତିଷ୍ଠା ପାଇଁ ବଳିଦାନ ନୁହେଁ, ଭାଗୀଦାରିର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲର ସମ୍ପ୍ରସାରଣ ଏବଂ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମେକ୍ ଇନ୍ ଓଡ଼ିଶାର ୧୧୩ ଦିନ ମଧ୍ୟରେ ଶିଳ୍ପଗୁଡ଼ିକର ଶିଳାନ୍ୟାସ ହୋଇପାରିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିଛି। ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଉଦ୍‌ଘାଟନ ନୁହେଁ କି ଶିଳାନ୍ୟାସ ନୁହେଁ, ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଆମ ଗାଁର ଜଣେ ଯୁବକଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ। ରାଜ୍ୟର ଶିଳ୍ପ ବିକାଶର ଏକ୍ସଟ୍ରିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥୀ କରି ଆମ ସରକାର କାର୍ଯ୍ୟ କରୁଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା। ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେବା ସହ ଆମ ରାଜ୍ୟର ବିକାଶ ହେଉଛି ବୋଲି କହିଛନ୍ତି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କଳିଙ୍ଗନଗରରେ ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କା ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସି, ଏସ୍‌ଟିଙ୍କ ଜମି କିଣିବେ ସରକାର

**ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଲୋକଙ୍କ ଜମିକୁ ଧନୀ ଲୋକମାନେ ହଡ଼ପ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସି,ଏସ୍‌ଟି ଲୋକଙ୍କ ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ତଦନୁଯାୟୀ ଯଦି ସେମାନେ ଚାହିଁବେ ସେମାନଙ୍କ ଜମିକୁ ସିଧା ରାଜ୍ୟ ସରକାରଙ୍କୁ ବିକ୍ରି କରିପାରିବେ। ସରକାର ତାହାକୁ ଅନ୍ୟ କାହାକୁ ବିକ୍ରି ନ କରି ୨ରୁ ୩ ବର୍ଷ ନିଜ ପାଖରେ ରଖିବେ। ଏହି ଅବଧି ମଧ୍ୟରେ ସେମାନେ ବିକ୍ରି ବାବଦ ଅର୍ଥ ପୈଠ କରି ନିଜ ଜମି ଫେରସ୍ତ ପାଇପାରିବେ। ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ପାଇଁ ଏଭଳି ବ୍ୟବସ୍ଥା ରାଜ୍ୟ ସରକାର ଖୁବ୍‌ଶୀଘ୍ର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।**

■ ଖୁବ୍‌ଶୀଘ୍ର ଗଠନ ହେବ କର୍ପସ ଫଣ୍ଡ: ରାଜସ୍ୱ ମନ୍ତ୍ରୀ

■ ଚାପ ପକାଇ ଜାତି, ଜନଜାତିଙ୍କ ସମ୍ପତ୍ତି ହଡ଼ପ କରିପାରିବେନି ଧନିକ ଗୋଷ୍ଠୀ

ଭୁବନେଶ୍ୱର,୨୨।୫
(ରବିନାରାୟଣ ଜେନା)


ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନେ କୌଣସି ଜରୁରୀ ଆବଶ୍ୟକତା ବେଳେ ଜମି ବିକ୍ରି କରିବା ସହଜ ହେଉନାହିଁ। ପ୍ରଚଳିତ ଆଇନ ବ୍ୟବସ୍ଥା ସେମାନଙ୍କ ଜମିକୁ ସୁରକ୍ଷା ଦେଉଥିଲେ ମଧ୍ୟ କିଣାବିକା ସମୟରେ ପ୍ରଶାସନିକ କ୍ଲିଷ୍ଟତା ରହୁଛି। ଏଥିଯୋଗୁ ସାଧାରଣ ବର୍ଗର ଲୋକେ ଏସ୍‌ସି, ଏସ୍‌ଟି ଲୋକଙ୍କ ଜମି କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଏହାର ଫାଇଦା ନେଉଛନ୍ତି ଧନୀ, ପ୍ରଭାବଶାଳୀ ଏବଂ ଦଲାଲ ଗୋଷ୍ଠୀ। ଏହିମାନଙ୍କ ହାତକୁ ଏସ୍‌ସି, ଏସ୍‌ଟି ଲୋକମାନେ ଜରୁରୀ ସମୟରେ ସେମାନଙ୍କ ଜମିକୁ କମ୍ ମୂଲ୍ୟରେ ଟେକି ଦେଇ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ସିଧା ଏସ୍‌ସି,ଏସ୍‌ଟି ଲୋକଙ୍କ ଜମି କିଣିବାକୁ ଯାଉଛନ୍ତି। ଫଳରେ ସେମାନଙ୍କୁ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ଏବଂ ପରବର୍ତ୍ତୀ ସମୟରେ ଜମି ଫେରିପାଇବା ସୁଯୋଗ ମଧ୍ୟ ମିଳିବ। ଏଥିପାଇଁ ସରକାର ଖୁବ୍‌ଶୀଘ୍ର ଏକ କର୍ପସ ପାଣ୍ଠି ବ୍ୟବସ୍ଥା କରିବାକୁ ଯୋଜନା କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ଏସ୍‌ସି, ଏସ୍‌ଟି ବିକାଶ ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କେତେଜଣ ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତିମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଓ ଏସ୍‌ଟି ବିକାଶ ବିଭାଗର ଗୃହ କମିଟି ଏବଂ ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଝିଅ ବାହାଘର, ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ। ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ନିଜ ପାଖରେ ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ।

## କୋଟିଆ ପାଇଁ ୧୬ ଜଣିଆ କମିଟି

ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)

କୋଟିଆ ବିବାଦ ପ୍ରସଙ୍ଗକୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ଥିବାବେଳେ ମୋଟ ୧୬ ଜଣ କମିଟିରେ ରହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିରେ ଆବାହକ ତଥା ସଦସ୍ୟ ଥିବାବେଳେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଏସ୍‌ସି, ଏସ୍‌ଟି ବିଭାଗର ପ୍ରମୁଖ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ, ଶ୍ରମ ବିଭାଗ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ, ଓଡ଼ିଶା ଭାଷା, ସଂସ୍କୃତି ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଆର୍‌ଡିସି ବ୍ରହ୍ମପୁର, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏହି କମିଟିରେ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୨




# ସଲ୍‌ମାନଙ୍କ ଘରେ ପଶିବାକୁ ଉଦ୍ୟମ: ୨ ଗିରଫ

ମୁମ୍ବାଇ, ୨୨।୫





ଗାଲାକ୍ସି ଆପାର୍ଟମେଣ୍ଟର ସିସିଟିଭିରେ କଏଦ ଇଶା ଛାବରିଆଙ୍କ ଫଟୋ।

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୨ ଦିନ ମଧ୍ୟରେ ସଲ୍‌ମାନଙ୍କ ମୁମ୍ବାଇର ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତ ଅଲଗା ଅଲଗା ସମୟରେ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଉଭୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସିଂ(୨୩) ଏବଂ ଇଶା ଛାବରିଆ (୩୨) ହୋଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଜିତେନ୍ଦ୍ର ଛତିଶଗଡ଼ ନିବାସୀ ହୋଇଥିବାବେଳେ ମଙ୍ଗଳବାର ସକାଳ ୯.୩୦ ସମୟରେ ସେ ସଲ୍‌ମାନଙ୍କ ଘର ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଗାଲାକ୍ସି ଆପାର୍ଟମେଣ୍ଟରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ ସେଠାରୁ ଚାଲିଯିବା ପାଇଁ କହିବାରୁ ଜିତେନ୍ଦ୍ର ରାଗରେ ସୁରକ୍ଷା କର୍ମୀ ଧରିଥିବା ଫୋନ୍‌କୁ ତଳେ ପକାଇଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଲାକ୍ସି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ କାର୍‌କୁ ପିଛା କରି ଜିତେନ୍ଦ୍ର ଗାଲାକ୍ସି ଆପାର୍ଟମେଣ୍ଟ ପରିସରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ତେବେ କିଛି ସମୟ ପରେ ସୁରକ୍ଷା କର୍ମୀ ତାଙ୍କୁ ଧରିବା ସହ ବାନ୍ଦ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ପଚରାଉଚରା ସମୟରେ ଜିତେନ୍ଦ୍ର କହିଛନ୍ତି, ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଥିଲେ। ସୁରକ୍ଷାକର୍ମୀ ଏଥିପାଇଁ ତାଙ୍କୁ ଅନୁମତି ଦେଉ ନ ଥିଲେ। ତେଣୁ ସେ ଗାଲାକ୍ସି ଆପାର୍ଟମେଣ୍ଟରେ ଲୁଚି ପ୍ରବେଶ କରିଥିବା ଜିତେନ୍ଦ୍ର କହିଛନ୍ତି। ସେହିପରି ଗୁରୁବାର ଭୋର୍ ୩.୩୦ ସମୟରେ ଇଶା ମଧ୍ୟ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ସଫଳ ହୋଇଥିଲେ। ସେ ଆପାର୍ଟମେଣ୍ଟର ଲିଫ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିବା ବେଳେ ସେଠାରେ ସୁରକ୍ଷା କର୍ମୀ ତାଙ୍କୁ ଧରିଥିଲେ। ଇଶାଙ୍କୁ ମଧ୍ୟ ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ପଚରାଉଚରା ସମୟରେ ଇଶା କହିଛନ୍ତି, ସଲ୍‌ମାନ ତାଙ୍କୁ ୬ ମାସ ହେବ ଜାଣିଛନ୍ତି ଏବଂ ତାଙ୍କ ନିମନ୍ତ୍ରଣରେ ହିଁ ସେ ଗାଲାକ୍ସି ଆପାର୍ଟମେଣ୍ଟକୁ ଆସିଥିଲେ। ତେବେ ସଲ୍‌ମାନ ଇଶାଙ୍କୁ କୌଣସି ନିମନ୍ତ୍ରଣ ଦେଇ ନ ଥିବା ଗାଲାକ୍ସି ଆପାର୍ଟମେଣ୍ଟର ଜଣେ କର୍ମଚାରୀ ପୋଲିସକୁ କହିଛନ୍ତି। ସଲ୍‌ମାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ବାରମ୍ବାର ହତ୍ୟା ଧମକ ମିଳିଥିବାରୁ ଏହି ଘଟଣା ମୁମ୍ବାଇ ପୋଲିସର ଚିନ୍ତା ବଢ଼ାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ସଲ୍‌ମାନ ଓ ଗାଲାକ୍ସି ଆପାର୍ଟମେଣ୍ଟର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

## ଆସୁଛି ଲଘୁଚାପ, ୨୭ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨।୫(ଅନୁରାଧା ମହାରଣା)

ଏବେ ରାଜ୍ୟରେ ବର୍ଷା ଜାରି ରହିଛି। ୨୭ ତାରିଖରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବ। ଅନ୍ୟପକ୍ଷରେ ଲଘୁଚାପ ସୃଷ୍ଟି ହେବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଆଡକୁ ଅଗ୍ରସର ହେବାକୁ ଆହୁରି ସକ୍ରିୟ କରିବ। ଫଳରେ ମୌସୁମୀର ଓଡ଼ିଶା ଆଗମନ ନେଇ ବାଟ ଫିଟିବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ୨୬ ଓ ୨୭ ତାରିଖରେ ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୁରୁବାର ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ଦେବଗଡ଼କୁ ବାଦ୍ ଦେଲେ ଅନ୍ୟ ୨୬ ଜିଲାରେ ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଜିର ସମ୍ପାଦକୀୟ
ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ତ୍ରିଧାରା ପକ୍ଷରୁ ଓଡ଼ିଶୀସନ୍ଧ୍ୟା 'ଦେବସ୍ମୃତି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସଂଭାବନା ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ଅଭିଯାନର ବିଂଶବର୍ଷ ଅବସରରେ 'ଓଡ଼ିଶା: ଆଜି ଓ କାଲିର– ଐତିହ୍ୟ, ଇତିହାସ ଓ ପର୍ଯ୍ୟଟନ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ବ୍ୟଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (କପାପଦା ସାହି ), ବଡ଼ମ୍ବା ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସାକ୍ଷୀଗୋପଳାଙ୍କ ଜଳ କ୍ରୀଡ଼ା ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ଆଧ୍ୟାତ୍ମିକ ୩୨ ବେଶର ୨ୟ ଦିବସରେ ଯଜ୍ଞ, ନୀତିକାନ୍ତି ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ନିଶନପୁର ଗ୍ରାମ ମନ୍ଦିର, ଭୋଗରାଇ, ସମୟ: ସକାଳରୁ ରାତି ପର୍ଯ୍ୟନ୍ତ।
- ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି, ସମୟ: ସକାଳ ୭ଟା।
- ନୟାଖଣ୍ଡି, କଇଥଗଡ଼ିଆ ଓ ଗଡ଼ପୋଖାରୀ ପଞ୍ଚାୟତବାସୀଙ୍କ ସୋର – କୁପାରୀ ରାସ୍ତା ଅବରୋଧ, ସ୍ଥାନ: ତୋରାଣିପଦା ଛକ, ଖଇରା, ସମୟ: ସକାଳ ୭ଟା ୩୦।
- ମାଟ୍ରିକ ପରୀକ୍ଷା ଏ୧ ଛାତ୍ରୀଛାତ୍ରଙ୍କ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ, ସ୍ଥାନ: ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ନିର୍ବାଚନ ମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ବାସୁଦେବପୁର, ସମୟ: ସକାଳ ୯ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କଲେଜ ଛକ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ନହରପଦା ୱାର୍ଡ ନଂ. ୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେ.ସି. ପବ୍ଲିକ ସ୍କୁଲ, ଟାଟା ବେଞ୍ଚ ଛକ, ସମୟ: ସକାଳ ୭ଟା ୩୦।
- ସବୁଜ ବାହିନୀ ପକ୍ଷରୁ ବିଶ୍ୱ କଇଁଛ ଦିବସ ପାଳନ, ସ୍ଥାନ: ସୁନାପୁର ବେଳାଭୂମି, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ମେଗା ରକ୍ତଦାନ ଶିବିର,ସ୍ଥାନ: ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବୁଗୁଡ଼ା ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କାମାକ୍ଷାନଗରର ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ଶୁଭ ଉଦଘାଟନ, ସ୍ଥାନ: ମୁଣ୍ଡିଦେଉଳି ଉପ୍ରା ବିଦ୍ୟାଳୟ, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମହୋତ୍ସବ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ' କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର

- ଜିଲାସ୍ତରୀୟ ଯୁକ୍ତ ଅଭିଯୋଗ ଶୁଣାଣି ଶିବିର ପାଇଁ ଅନଲାଇନ ପଞ୍ଜୀକରଣ, ସ୍ଥାନ: ଜନଶୁଣାଣୀ ପୋର୍ଟାଲ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ରୁକ୍ମିଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଚାଷୀଙ୍କ ସହ ଆଲୋଚନା, ସ୍ଥାନ: ବି. ନାରାୟଣ ପୁର,ରାୟଗଡା, ସମୟ: ସକାଳ ୮ ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମ,
- ସ୍ଥାନ: ରାୟଗଡା ମ୍ୟୁନିସିପାଲିଟି ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୧ଟା।
- ରଣନୈତିକ ବିକ୍ରୟ ଦକ୍ଷତା, ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ଆଧାରିତ ପରିଚାଳନା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ବଡବଜାର ଶ୍ରୀଶ୍ରୀ ଶିତଳେଶ୍ୱର ବାବା ଏବଂ ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଶିତଳଷଷ୍ଠୀ ଯାତ୍ରା କମିଟିର ବୈଠକ, ସ୍ଥାନ : ବଡବଜାର ସ୍ଥିତ ଗୋକୁଳ କଲ୍ୟାଣ ମଣ୍ଡପ, ସମୟ ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ, ସ୍ଥାନ: ଭାଲେର ପାକ୍ସ, ଭାଲେର, ପୁଇଁତଲା ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା

- ମ୍ୟାଙ୍ଗୋ ଭେଲୁ ଏଡେଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଓରମାସ୍, ସମୟ: ସକାଳ ୮ଟା।
- ଜ୍ଞାନକୌଶଳ ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ହନୁମାନ ବାଟିକା, ସମୟ: ସନ୍ଧ୍ୟା ୬ଟା ୩୦
- ସ୍ୱେରେଜ ଅବ୍ୟବସ୍ଥା ନେଇ କମିଶନରଙ୍କୁ ଫେରାଦ, ସ୍ଥାନ: ଆର୍‌ଏମ୍‌ସି ପ୍ରେକ୍ଷାଳୟ, ସମୟ: ସକାଳ ୧୧ଟା ୩୦।
- ଦିବଂଗତ ସମାଜସେବୀଙ୍କ ସ୍ମୃତିସଭା, ସ୍ଥାନ: ବିର୍ସାମୁଣ୍ଡା ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ: ସକାଳ ୮ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୬ଟା ୩୦
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼, ସମୟ: ସକାଳ ୮ଟା
- ଧନୁଯାତ୍ରା ଉପଦେଷ୍ଟା, କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୧ଟା
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନଦୀପଡ଼ା(ଅଲେଖ ମନ୍ଦିର), ବରଗଡ଼, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଅଙ୍ଗନୱାଡି କେନ୍ଦ୍ର ଲୋକାର୍ପଣ, ୬୩ଟି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ହାଟପଦା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୧୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଛକଠାରୁ ନୂଆପଡ଼ା ପୋଲିସ ପଡିଆ, ସମୟ: ସକାଳ ୮ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବରଷା ଖରା, ଭୃତ୍ୟ ମଗରା,
ଗୋଦରୀ ଦାରୀ, ନିର୍ମୁଣ୍ଡି ନାରୀ,
ଏ ଚାରିରେ ଦାଉ ସହି ନ ପାରି ।**

ବରଷା ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ । ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସେହିପରି ଗୋଦରୀ ଦାରୀ ଓ ନିର୍ମୁଣ୍ଡି ନାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବିପଦ ବେଳେ ବେଙ୍ଗ ବାଟ ଛାଡ଼େ ନାହିଁ ।**

ଶତ୍ରୁର ଦୁର୍ବଳ ମୁହୂର୍ତ୍ତରେ ତାକୁ ଆଘାତ ଦେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବନ୍ୟପ୍ରାଣୀ ଅପରାଧର ମୁକାବିଲା ହେଲେ ଜୈବବିବିଧତା ସମୃଦ୍ଧ ହେବ




ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପାଳିତ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ।

**ଭୁବନେଶ୍ୱର,୨୨।୫(ବନ୍ଦନା ସେଠୀ)**

ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ(ଓପ୍‌ସା)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରକୃତି ସହିତ ସମନ୍ୱୟ ଏବଂ ନିରନ୍ତର ବିକାଶ' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳରେ ବଢୁଥିବା ବନ୍ୟପ୍ରାଣୀ ଅପରାଧର ମୁକାବିଲା ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ହେଲେ ଜୈବ ବିବିଧତା ସମୃଦ୍ଧ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଦଶପଲ୍ଲା, ମହୀପୁର, ଓଡ଼ଗାଁ, ଖଣ୍ଡପଡ଼ା ଏବଂ ପଞ୍ଚୁରିଡା ରେଞ୍ଜର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ବିଷୟରେ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ। ଏହି ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ ହାତୀ, କୁଟୁରା, ସମ୍ବର, ଗୟଳ ସହିତ ବିଭିନ୍ନ ସରୀସୃପ ଏବଂ ପକ୍ଷୀଙ୍କ ବାସସ୍ଥାନ ଭାବେ ପରିଚିତ। ମାତ୍ର ଅବାଧ ଶୀକାର, ବନ୍ୟଜନ୍ତୁ ମାଂସ ବିକ୍ରି ଏବଂ ଅବୈଧ ବନ୍ୟପ୍ରାଣୀ ଚୋରାଚାଲାଣ ଏଠାରେ ବଡ଼ ସମସ୍ୟା ଭାବେ ଉଭାହୋଇଛି। ତେଣୁ ଶିକ୍ଷା ସଚେତନତା ମାଧ୍ୟମରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲାଗି ଉପସ୍ଥିତ ପରିବେଶ କର୍ମୀ ଓ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଥିଲେ। ଏଥିସହିତ ଆସନ୍ତା ୨ ବର୍ଷରେ ୫ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ସଚେତନତା ସୃଷ୍ଟି କରାଯିବା ନେଇ 'ଓପ୍‌ସା' ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ 'ଓପ୍‌ସା' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ, ଆମକୁ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ବିକଳ୍ପ ଜୀବିକା ସୃଷ୍ଟି ସହିତ ସ୍ଥାନୀୟ ଜୈବ ବିବିଧତା, ଜଙ୍ଗଲ ପରିସଂସ୍ଥାର ପରିବେଶଗତ ଗୁରୁତ୍ୱ ବିଷୟରେ ଯୁବପିଢୀଙ୍କୁ ଶିକ୍ଷିତ କରିବା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ସେହିପରି ନିୟମିତ ସଚେତନତା ଅଭିଯାନ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍‌ର କଠୋର ପ୍ରୟୋଗ ବର୍ତ୍ତମାନର ପରିସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆଣିପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଗ୍ରୀନ୍ କ୍ଲବ୍ ହରିପୁରର ସମ୍ପାଦକ କୁମାର ବରଦା, ଓପ୍‌ସା ଟ୍ରଷ୍ଟର ସୁମନ ପ୍ରଧାନ, ପରିବେଶକର୍ମୀ ପମି ନାୟକ ପ୍ରମୁଖ ଯୋଗଦେଇ ନୟାଗଡର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସରକାରୀ ସଂସ୍ଥା, ସଂରକ୍ଷଣ ସଂଗଠନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପୂର୍ଣ୍ଣ ସମନ୍ୱୟରେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିସହ ନୟାଗଡ଼ ଜିଲ୍ଲାରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ।

ପ୍ରଥମ ପୃଷ୍ଠାରୁ...

## କୋଟିଆ ପାଇଁ...

### ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ ସଦସ୍ୟ ରହିଲେ

- ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଖୋଲିବ ସ୍ୱତନ୍ତ୍ର ଅଫିସ୍
- କୋଟିଆବାସୀଙ୍କୁ ସବୁ ପ୍ରକାର ସୁବିଧା ଗୋଟିଏ ଏଜେନ୍ସି ଜରିଆରେ ମିଳିବ

ଅନୁଷ୍ଠିତ ବୈଠକ ପରେ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସେହି କ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଏହି କମିଟି ଘୋଷଣା କରାଯାଇଛି।

ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର କୋଟିଆ ଗ୍ରାମପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ସେଠାରେ ଯେପରି ସବୁ ପ୍ରକାର ସରକାରୀ ସୁବିଧା ଏକ ପ୍ରଶାସନିକ ବ୍ୟବସ୍ଥା ଭିତରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କୋଟିଆ ଗ୍ରାମପଞ୍ଚାୟତର ବିକାଶ ଲାଗି ଗୋଟିଏ ଏଜେନ୍ସି ଦ୍ୱାରା ସବୁ ପ୍ରକାର ସରକାରୀ ସୁବିଧା ସେଠାକାର ବାସିନ୍ଦାଙ୍କୁ ଯୋଗାଇ ଦିଆଯିବ। ଏହାର ଦାୟିତ୍ୱ ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଇ କରାଯିବ। ସେଠାରେ ଓଡ଼ିଆ ଭାଷା, ସଂସ୍କୃତି, ପର୍ବଭଲ ଭାବେ ପାଳନ କରାଯିବ। ସେଠାକାର ଲୋକଙ୍କୁ କିପରି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ଅର୍ଥ ବ୍ୟବସ୍ଥା କିପରି ହେବ, ସୀମାନ୍ତବର୍ତ୍ତୀ ରାଜ୍ୟ କେଉଁ ସୁବିଧା ଦେଉଛନ୍ତି ତା'ର ତର୍ଜମା ରାଜ୍ୟସ୍ତରୀୟ କମିଟିକରିବ ବୋଲିକୁହାଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତ ଏପ୍ରିଲ ୨୨ରେ କୋରାପୁଟ ଜିଲାର କୋଟିଆ ଗ୍ରାମ ପଞ୍ଚାୟତ ସମ୍ପର୍କରେ ସମୀକ୍ଷାକରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ଏହାର ସମାଧାନ ପାଇଁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ ବୋଲି କୁହାଯାଇଥିଲା। ଉକ୍ତ କମିଟି ସ୍ଥିତି ଅନୁଧ୍ୟାନକରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବ ବୋଲି କୁହାଯାଇଥିଲା।

# ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଲେ ଯୁବକ

**ଭୋଗରାଇ,୨୨।୫(ପ୍ରଦୀପ ଦାସ)**

ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଛନ୍ତି ଜଣେ ଯୁବକ। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳପାହି କୀର୍ତ୍ତନିଆ ଗ୍ରାମର ଆନନ୍ଦ ମିର୍ଦ୍ଧା (୨୧)। ବୁଧବାର ରାତିରେ ଆନନ୍ଦ ମାନସିକ ଭାରସାମ୍ୟ ହରାଇ ଘର ପାଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ କହିବାନୁଯାୟୀ, ଆନନ୍ଦ ବହୁ ସମୟ ଧରି ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ବହୁ ଅର୍ଥ ବରବାଦ କରୁଥିଲେ। ଏନେଇ ମା' ବାପା ବାରମ୍ବାର ତାଗିଦ୍ କରୁଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ବୁଧବାର ଗେମ୍ ଖେଳି ହାରିବା ପରେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ପରିବାର ଲୋକେ ଗୁରୁବାର ସକାଳେ ମୃତଦେହ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** — ମଙ୍ଗଳ ନୀଚ ରାଶିରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଙ୍କୁଚିତ ମନେକରିବେ। ଏକାଦଶସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉନ୍ନତ ହେବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହୋଇପାରନ୍ତି।

**ବୃଷ** — ଶୁକ୍ର ଏକାଦଶରେ ମିତ୍ରଯୁକ୍ତ ହେତୁ ଘର ସକାଶେ ଆବଶ୍ୟକ ବିଳାସୋପକରଣ କ୍ରୟ କରିବେ। ଜମିଜମା କିମ୍ବା ଯାନ୍ତ୍ରିକ ମରାମତି କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ବନ୍ଧୁମାଙ୍କ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବାର ସମ୍ଭାବନା ରହିଛି।

**ମିଥୁନ** — ବୃହସ୍ପତିଙ୍କ ପ୍ରଭାବରୁ ଯାହା ନିଷ୍ପତ୍ତି ନେବେ ତାହା ନିର୍ବିବାଦରେ ଗ୍ରହଣଯୋଗ୍ୟ ହେବ। କର୍ମକ୍ଷେତ୍ରରେ ମିତ୍ରମାନେ ପୂର୍ବ ଶତ୍ରୁତା ସ୍ମରଣ କରି ଅସହଯୋଗ କରିପାରନ୍ତି। ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ପରିଲକ୍ଷିତ ହେବ। ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ସୁଫଳ ପାଇବେ।

**କର୍କଟ** — କର୍ମଜଞ୍ଜାଳ ବୃଦ୍ଧିରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧପ୍ରକାଶ କରିବେ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିପାରେ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** — ରାଶ୍ୟାଧିପ କର୍ମସ୍ଥ ହେତୁ ବିବାଦୀୟ ଘଟଣାର ସମାଧାନ କରିବାରେ ସଫଳ ହେବେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ଆତ୍ମୀୟଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତିରେ ଲାଗିପଡ଼ିବେ।

**କନ୍ୟା** — ରାଶିରେ କେତୁଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହୋଇପାରନ୍ତି। ଏକ ଭିନ୍ନ ପରିବେଶ ଓ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ ତଥାପି କାମ ଅଟକିବ ନାହିଁ।

**ତୁଳା** — ମାରକାଧିପଙ୍କ ଦୁର୍ବଳତାରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ସାମାଜିକ ସ୍ତରରେ ପ୍ରଶଂସନୀୟ କାମ କରି ଅନ୍ୟର ଦୃଷ୍ଟିଆକର୍ଷଣ କରିପାରନ୍ତି।

**ବିଛା** — ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ , ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ବିବାଦୀୟ ଘଟଣା ଆଶଙ୍କା ଦୂର ହୋଇଯିବ। ନୀଚାରୋହୀ ଶନିଙ୍କ ଯୋଗୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** — କର୍ମକ୍ଷେତ୍ର ଏକାଧିକ ଗ୍ରହଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିବେ। ପରିବାରର ଖର୍ଚ୍ଚଭାର ସାଙ୍ଗକୁ ଋଣଭାର ବୃଦ୍ଧିଜନିତ ଚିନ୍ତାପ୍ରକଟ କରିବେ। ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ଜମିଜମା ବ୍ୟବସାୟ, ପରିବହନ କ୍ଷେତ୍ର ଏବଂ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** — ଆପଣଙ୍କ ସାହାଯ୍ୟ ନେଇ ନିଜକାମ ହାସଲ କରିବା ମାନସରେ ଆତ୍ମୀୟମାନେ ପାଖେଇ ଆସିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ହେବ। ପାରିବାରିକ କ୍ଷେତ୍ରର ଟେନସନ୍ କମିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଜଣେ ବନ୍ଧୁଙ୍କୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** — ଦୈହିକ ଅସୁସ୍ଥତା ହେତୁ ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିବାରୁ ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା ଜଟିଳ ହେବାର ସୂଚନା ରହିଛି।

**ମୀନ** — କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଗୃହକାମରେ ବ୍ୟସ୍ତରହି କୌଣସି କାମକୁ ଭୁଲିଯିବାରୁ ସମାଲୋଚିତ ହେବେ। ଜଣେ ପୁରୁଣା ବନ୍ଧୁ ହଠାତ୍ ଆପଣଙ୍କ ନିକଟକୁ ଆସି ଶୁଭଖବର ଦେଇପାରନ୍ତି।

ଆଜି ମେ ୨୩ ତାରିଖ, ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଜଳକ୍ରୀଡ଼ା ଏକାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରଭାଦ୍ରପଦ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୪ ଗତେ ଘ.୦୬.୫୬ ମଧ୍ୟେ, ଘ.୧୨.୦୯ ଗତେ ଘ.୦୨.୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୦୫ ଗତେ ଘ.୧୧.୪୩ ମଧ୍ୟେ ରାହୁ କାଳ।

## ହୀରାକୁଦ ଜଳଭଣ୍ଡାରରୁ ମଣିଷ କଙ୍କାଳ ଜବତ

ଲଖନପୁର,୨୨।୫(ଗୌତମ ସାହୁ): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର ଭିତରୁ ଏକ ମଣିଷ କଙ୍କାଳ ଗୁରୁବାର ଜବତ କରାଯାଇଛି। କଙ୍କାଳ ପାଖରେ ଲାଲ୍ ରଙ୍ଗର ଶାର୍ଟ ଓ ରୁମାଲ ପଡିଥିଲା। ଖବରପାଇ ବନହରପାଲି ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜବତ କଙ୍କାଳକୁ ସୁନ୍ଦରଗଡ଼ ଏଫ୍ଏମ୍‌ଟିକୁ ପଠାଯିବ ବୋଲି ଥାନା ଅଧିକାରୀ ରଞ୍ଜିତ କୁମାର ନାଏକ କହିଛନ୍ତି।




# ଅଭିମାନ କଲେ, ମିଟିଂ ବାହାରେ ବସିଲେ ଟିଟିଲାଗଡ଼ ବିଧାୟକ

ବଲାଙ୍ଗୀର,୨୨।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଗୁରୁବାର ସମୀକ୍ଷା ବୈଠକ ଡାକିଥିଲେ। ତେବେ ସମ୍ମିଳନୀ କକ୍ଷ ଭିତରକୁ ନ ଯାଇ ବାହାରେ ପଡିଥିବା ୱେଟିଂ ଚେୟାରରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଆସି ବସି ରହିଥିଲେ। ଏହି ଅବସରରେ ସେ ଅଭିମାନ କରି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଜିଲାର ସମସ୍ତ ଜନପ୍ରତିନିଧି, ଅଧିକାରୀଙ୍କୁ ଆଜିର ସମୀକ୍ଷା ବୈଠକ ପାଇଁ ଚିଠି ହୋଇଥିଲେ ମଧ୍ୟ ତାଙ୍କୁ ଚିଠି କରାଯାଇନାହିଁ। ଟିଟିଲାଗଡ ସ୍ୱତନ୍ତ୍ର ଜିଲା ହେଲା ବୋଧେ। ତା' ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକ କେବେ ହେବ ସେନେଇ ସେ ମନ୍ତ୍ରୀଙ୍କୁ ପଚାରିବା ପାଇଁ ଆସିଥିବା ଟିପ୍ପଣୀ ଦେଇଥିଲେ। ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଟିଟିଲାଗଡ ଅଞ୍ଚଳର ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ


ଟିଟିଲାଗଡ ବିଧାୟକ ନବୀନ ଜୈନ ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷ ବାହାରେ ବସିଛନ୍ତି।

### କହିଲେ ଚିଠିରେ ତାଙ୍କ ନାଁ ନାହିଁ

ଗତ ୧୦/୧୧ ମାସ ଭିତରେ ସେ ଜିଲା ପ୍ରଶାସନକୁ ଅନେକ ଚିଠି କରିଛନ୍ତି, ମାତ୍ର ତାଙ୍କ ଚିଠିକୁ ଚାପି ଦିଆଯାଉଛି। କୌଣସି ଚିଠିର ଉତ୍ତର ଦିଆଯାଉନାହିଁ। ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବଦଳି, ଛତୁଆ ଦୁର୍ନୀତି ଭଳି ବିଷୟରେ ସେ ପ୍ରଶାସନକୁ ଲେଖିଛନ୍ତି। ଅଧିକାରୀମାନେ ଶୁଣୁନାହାନ୍ତି। କାହିଁକି ଶୁଣୁନାହାନ୍ତି ବୋଲି ପଚାରିଲେ ମାଡାମ୍ କହିଛନ୍ତି ପରେ ଦେଖିବା ବୋଲି ଅଧିକାରୀମାନେ କହୁଛନ୍ତି। ଟିଟିଲାଗଡ ବିକାଶକୁ କେଉଁ ମାଡାମ୍ ଅଟକାଉଛନ୍ତି ବୋଲି ପ୍ରଶ୍ନ କଲେ କେହି କିଛି କହୁନାହାନ୍ତି ବୋଲି ବିଧାୟକ ଜୈନ ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ରୁଲ ୪୭ ଅନୁଯାୟୀ ତାଙ୍କ ପ୍ରତି ଚିଠିର ଉତ୍ତର ୧୫ ଦିନ ମଧ୍ୟରେ ଦିଆଯିବା କଥା । ମାତ୍ର ତାଙ୍କୁ ଉତ୍ତର ଦିଆଯାଉନାହିଁ। ଏଣୁ ଏହି ପ୍ରସଙ୍ଗକୁ ସେ ଆଗାମୀ ବିଧାନସଭାରେ ଉଠାଇବେ ବୋଲି କହିଥିଲେ। ପରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ବିଧାୟକ ଜୈନଙ୍କ ପାଖକୁ ଆସି ଚିଠିରେ ତାଙ୍କ ନାଁ ଉଲ୍ଲେଖ ନ ହେବା ଏକ କମ୍ପ୍ୟୁଟରଜନିତ ତ୍ରୁଟି ବୋଲି ଦର୍ଶାଇଥିଲେ। ଆପଣଙ୍କୁ ଫୋନ୍ କରି ନିମନ୍ତ୍ରଣ କରିଥିଲି। ଏଣୁ ବୈଠକକୁ ଆସନ୍ତୁ ବୋଲି ମହାପାତ୍ର କହିବାରୁ ବିଧାୟକ ଜୈନ ସମୀକ୍ଷା ବୈଠକକୁ ଯାଇ ବସିଥିଲେ। ପରେ ମନ୍ତ୍ରୀ ନାଏକ ଏହା ଉପରେ ପ୍ରତିକ୍ରିୟା ରଖି ସେ ଆମ ଦଳର ବିଧାୟକ କହି କଥାକୁ ହାଲୁକା କରିଦେଇଥିଲେ। ଆଗକୁ ଏଭଳି ତ୍ରୁଟି ଯେଭଳି ନହେବ ସେଥିପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ବିଧାୟକ ଜୈନ ତାଙ୍କ ପ୍ରତିକ୍ରିୟାରେ ମାଡାମ୍ ପ୍ରସଙ୍ଗ ଉଠାଇ ସେ କାହା ଆଡକୁ ଇସାରା କରିଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଆଜି ଲଇକେରାରେ ଧାନ କିଣା

ଝାରସୁଗୁଡା, ୨୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଇକେରା ପେକ୍ସଠାରେ ଶୁକ୍ରବାର ସକାଳ ୯ଟାରେ ଚାଷୀଙ୍କଠାରୁ ରବି ଧାନ କିଣା ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଝାରସୁଗୁଡା ଜିଲାରେ ଧାନ ବିକ୍ରି ପାଇଁ ୧୫୮୫ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ମୋଟ୍ ୨୬ଟି ପେକ୍ସରୁ ଧାନ କିଣା ହେବ। ସମଗ୍ର ଜିଲା ପାଇଁ ୨୮ ହଜାର କୁଇଣ୍ଟାଲ ଧାନ କିଣିବା ନିମନ୍ତେ ଟାର୍ଗେଟ ଆସିଥିବାବେଳେ ସରକାର କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବେ। ବର୍ଷା, ପବନକୁ ଆଖି ଆଗରେ ରଖି ଆର୍‌ଏମ୍‌ସି ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବାବେଳେ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିବେ ସେଥିପାଇଁ ପ୍ରତି ପେକ୍ସକୁ କୁହାଯାଇଥିବା ଜିଲା ଯୋଗାଣ ଅଧିକାରୀ ବେହେରା କହିଛନ୍ତି।

# ଚୋରି ଅଭିଯୋଗରେ ୨ ଯୁବକ ଗିରଫ

ପାଟଣାଗଡ,୨୨।୫(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପୋଲିସ ଚୋରି ଅଭିଯୋଗରେ ଦୁଇ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଦ୍ୱୟ ହେଲେ ପାଟଣାଗଡ ଏନଏସି ଲାଇନପଡାର ତ୍ରିନାଥ ଥପ୍ପା (୨୬) ଓ ଲରମ୍ଭା ଥାନା ଜୁରିଆ ଗାଁର ସୁରଜ ଥପ୍ପା (୨୮) । ସେମାନଙ୍କ ଠାରୁ ଗୋଟିଏ ୱାଗନର କାର୍ (ନଂ ଓଡି-୦୩-କେ- ୨୩୭୭), ସିସି ଟିଭି କ୍ୟାମେରା, ୩୦ ମିଟର କେବୁଲ ତାର ଓ ନଗଦ ୪ ହଜାର ୬୫୦ ଟଙ୍କା ଜବତ ହୋଇଛି । ପାଟଣାଗଡ ଏସଡିପିଓଙ୍କ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ସଦାନନ୍ଦ ପୂଝାରୀ ଏହି ସୂଚନା ଦେଇଛନ୍ତି । ପୂଝାରୀଙ୍କ ସୂଚନା ଅନୁସାରେ ପାଟଣାଗଡ ଏନଏସି କାଦୋପଡାର ଗଣେଶ ମେହେର ଗତ ୧୯ ତାରିଖ ରାତିରେ ତାଙ୍କର କାର୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓଙ୍କ ନେତୃତ୍ୱରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍ ସିସିଟିଭି କ୍ୟାମେରା ଫୁଟେଜକୁ ଆଧାର କରି ୨୪ ଘଣ୍ଟା ଭିତରେ ଚୋରି ହୋଇଥିବା ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରି ଥାନାକୁ ଆଣି ଅଧିକ ପଚରାଉଚରା କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।






ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା

-ଜଳକ୍ରୀଡ଼ା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା



କାରୋଲିନ ଚିସାଓ୍ଜା

ବିଶ୍ୱରେ ଲିଙ୍ଗଗତ ସମାନତା ପାଇଁ ସବୁ ପ୍ରକାର ଅଗ୍ରଗତି ହୋଇଥିଲେ ମଧ୍ୟ ଅନେକେ ଅଦ୍ୟାବଧି ସଶସ୍ତ୍ର ସଂଘର୍ଷକୁ ମୁଖ୍ୟତଃ ପୁରୁଷ ପ୍ରାଧାନ୍ୟ ଭାବେ ଦେଖିବାକୁ ଅଧିକ ଉତ୍ସାହିତ ହେଉଛନ୍ତି। ବାସ୍ତବରେ ମହିଳାମାନେ ବହୁ ସମୟରେ ଯୁଦ୍ଧ, ଅଣଯୁଦ୍ଧ ଓ ନେତୃତ୍ୱ ଭୂମିକାରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲେ ମଧ୍ୟ ଔପଚାରିକ ଶାନ୍ତି ପ୍ରକ୍ରିୟାରେ ଏବଂ ଯୁଦ୍ଧ ପରବର୍ତ୍ତୀ ଶାସନରେ ସେମାନଙ୍କୁ ନିୟମିତ ଭାବେ ଅଣଦେଖା କରାଯାଉଛି। ଏହି ଧାରା ଏକ ନୈତିକ ଓ ବ୍ୟବହାରିକ ବିଫଳତାକୁ ଦର୍ଶାଉଛି। ସଶସ୍ତ୍ର ଯୁଦ୍ଧରେ ମହିଳାମାନେ ଗଣହତ୍ୟା, ଚାଲାଣ, ଦାସତ୍ୱ ଓ ଯୌନ ନିର୍ଯାତନା ସହ ସବୁ ପ୍ରକାର ସ୍ୱାସ୍ଥ୍ୟଗତ ବିପଦ ତଥା ମାନସିକ ଆଘାତର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ। କେବଳ ଏଇଥିପାଇଁ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରେ ଭାଗନେବାରେ ସେମାନଙ୍କର ଅଧିକାର ରହିଛି। ମହିଳାମାନେ ଯେ କେବଳ କ୍ଷତି ସହୁଛନ୍ତି ତାହା ନୁହେଁ, ବରଂ ଯୁଦ୍ଧଭୂମିରେ ଯୁଦ୍ଧ ସମୟରେ ସେମାନଙ୍କର ବ୍ୟାପକ ଯୋଗଦାନ ରହିଛି, ଯାହା ଆମେ ୟୁକ୍ରେନରେ ଦେଖିଛେ। ଏହା ସହ ନାଗରିକ ସମାଜ ଓ ଶାନ୍ତି ପାଇଁ ସ୍ୱର ଉତ୍ତୋଳନ କରିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। ଏ ଦୃଷ୍ଟିରୁ ଯୁଦ୍ଧ ସମୟରେ ମହିଳାମାନେ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ବହୁ ସମୟରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ାଇଥାନ୍ତି। କିନ୍ତୁ ଯେତେବେଳେ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଏ, ପରେ ଯାହା ଘଟେ ଯୁଦ୍ଧରେ ସେମାନଙ୍କ ପ୍ରତିନିଧିତ୍ୱର ଲାଭ ବିପରୀତ ହୋଇଯାଏ। ବିଶେଷକରି ୟୁକ୍ରେନ ଘଟଣାରେ ଏହା ସ୍ପଷ୍ଟ ହୋଇଛି, ଯେଉଁଠି ପୁରୁଣା ଲିଙ୍ଗଗତ ମାନଦଣ୍ଡ ପୁନର୍ବାର ଦୃଢ଼ ଭାବେ ସାମ୍ନାକୁ ଆସିଛି। ଏହା ବିଶେଷକରି ଯୁଦ୍ଧ ପ୍ରଭାବିତ ତଥା ଅଧିକ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ଦେଶଗୁଡ଼ିକରେ ଦେଖାଯାଉଛି।

ଯୁଦ୍ଧସମାଧାନ, ଶାନ୍ତିପ୍ରତିଷ୍ଠା ଏବଂ ଯୁଦ୍ଧପରେ ପୁନର୍ଗଠନରେ ମହିଳାଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରୁଥିବା ନ୍ୟାୟିକ ଢାଞ୍ଚା ଏବେ ସୁଦ୍ଧା ନକାରାତ୍ମକ ଧାରାକୁ ବଦଳାଇପାରିନାହିଁ। ନ୍ୟାୟିକ ଢାଞ୍ଚା ଆଂଶିକ ରୂପେ କାର୍ଯ୍ୟକାରୀ ହେବା ଓ ପରିଚାଳନାଗତ ଆହ୍ୱାନ ଯୋଗୁ ଏଭଳି ହେଉଛି। ଉଦାହରଣ ସ୍ୱରୂପ, ଜାତିସଂଘର ସବୁ ସଦସ୍ୟ ଦେଶ ମହିଳା ଭାଗୀଦାରି ବୃଦ୍ଧି କରିବା ସହ ଏହାର ସମସ୍ତ ଶାନ୍ତି ଓ ସୁରକ୍ଷା ପଦକ୍ଷେପରେ ଲିଙ୍ଗଗତ ଦୃଷ୍ଟିକୋଣକୁ ସାମିଲ କରିବା ଆବଶ୍ୟକ ବୋଲି ୨୦୦୦ରେ ଗ୍ରହଣ କରାଯାଇଥିବା ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବନା ୧୩୨୫ରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ୨୦୧୮ ସୁଦ୍ଧା ଶାନ୍ତି ଚୁକ୍ତି ବା ବୁଝାମଣାରେ ସ୍ୱାକ୍ଷର କରିଥିବା ମହିଳାଙ୍କ ସଂଖ୍ୟା ଅଧିକ ବୃଦ୍ଧି ହୋଇ ନ ଥିଲା। ଶାନ୍ତି ଚୁକ୍ତିର ସଫଳତା ଓ ଶାନ୍ତି ଉପରେ ଏହାର ବଡ଼ ପ୍ରଭାବ ରହିଛି। ନିକଟରେ ମୋ ସହ-ଗବେଷକ ମାଥ୍ୟୁ କ୍ଲାସ୍ପ, ରୋମୁଆଲ୍ଡ ମିନଗୋ ଏବଂ ଚାର୍ଲ ଭାନ ସ୍କୁର ଓ ମୁଁ ୧୯୯୦ରୁ ୨୦୨୩ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିଗୁଡ଼ିକରେ ଲିଙ୍ଗଗତ




ଭାଷା (ଯଥା ମ୍ୟାନ୍, ଗର୍ଲ, ବୟ, ହର୍, ହିଜ୍, ଫିମେଲ, ମେଲ୍, ୱାଇଫ୍, ଡଟର୍ ଇତ୍ୟାଦି)ର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିଥିଲୁ ଏବଂ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ବ୍ୟବହାର କରିଥିଲୁ। ଆମେ ଏକ 'ଲିଙ୍ଗଗତ ଅସମାନତା' ମାନକ ସୃଷ୍ଟି କରିଥିଲୁ। ଏଥିରେ କମ୍ ସ୍କୋର କମ୍ ଲିଙ୍ଗଗତ ଭାଷା ବ୍ୟବହାର ଏବଂ ଲିଙ୍ଗ ଆଧାରିତ ପରିଣାମ ଉପରେ କମ୍ ଗୁରୁତ୍ୱ ଦିଆଯାଇଛି ବୋଲି ଦର୍ଶାଏ। ତେବେ ଆମେ ଯେଉଁସବୁ ଶାନ୍ତି ଚୁକ୍ତି ଉପରେ ସମୀକ୍ଷା କରିଥିଲୁ ସେଥିରୁ କୌଣସି ଗୋଟିଏରେ ବି ନିର୍ଦ୍ଦିଷ୍ଟ ଭାବେ ଅଧିକ ଲିଙ୍ଗଗତ ଅସମାନତା ନ ଥିଲା, କିନ୍ତୁ ସେସବୁରେ ଅଧିକ ଲିଙ୍ଗଗତ ଭାଷା ବ୍ୟବହାର ହୋଇଥିଲା, ଯାହା ମହିଳାଙ୍କ ପ୍ରତି କିଛି ସକାରାତ୍ମକ ଦୃଷ୍ଟିକୋଣ ରହିଥିଲା। କିନ୍ତୁ ଏହିସବୁ ଚୁକ୍ତି ମହିଳାଙ୍କ ପ୍ରତିନିଧିତ୍ୱରେ ଅଧିକ ଉନ୍ନତି ଆଣିବାରେ ଆଶାନୁରୂପ ଜଡ଼ିତ ନ ଥିଲା। ଅନ୍ୟପକ୍ଷରେ, ଏପରି କି ଲିଙ୍ଗଗତ ସମ୍ବେଦନଶୀଳ ଢାଞ୍ଚାଗୁଡ଼ିକ (ଯାହା ଲିଙ୍ଗଗତ ଅସମାନତାକୁ ନିର୍ଣ୍ଣୟ କରେ) କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନ ଥିଲା।

ସମସ୍ୟା ହେଉଛି, ଲିଙ୍ଗ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଠୋସ୍ ଆବଶ୍ୟକତା ସମ୍ପର୍କରେ କିଛି ଦର୍ଶାଯାଇ ନ ଥିଲା କିମ୍ବା ସଞ୍ଚାଳନ ଓ ପ୍ରବର୍ତ୍ତନ ପ୍ରକ୍ରିୟା ବିଷୟ ଆଦୌ ନ ଥିଲା। ଉଦାହରଣ ସ୍ୱରୂପ, ଏକ ଶାନ୍ତି ଚୁକ୍ତି ମହିଳାଙ୍କ ରାଜନୈତିକ ଭାଗୀଦାରି ଉପରେ ଜୋର ଦେବା କଥା, କିନ୍ତୁ ଏହା କେତେ ରହିବ ତାହା ସ୍ଥିର କରାଯାଇନାହିଁ। ଏଣୁ ଯଦି କିଛି ଫଳ ମିଳୁଛି ତାହା ବହୁତ କମ୍। କିନ୍ତୁ ପଦକ୍ଷେପ ନିଆଯାଉଛି ବୋଲି ସୂଚିତ କରାଯାଉଛି କିନ୍ତୁ ବାସ୍ତବତା ତାହା ନୁହେଁ। ଏଣୁ ଏହି ଦୃଷ୍ଟିକୋଣ ଲିଙ୍ଗ ସମାନତାକୁ କ୍ଷତି କରିପାରେ। ଅନ୍ୟ କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ନିରସ୍ତ୍ରୀକରଣ, ସେନା ସଞ୍ଚାଳନ ବନ୍ଦ କରିବା ଏବଂ ପୁନଃ ଏକୀକରଣ (ଡିଡିଆର)କୁ ନେଇ କରାଯାଉଥିବା ଶାନ୍ତି ଚୁକ୍ତିରେ ମହିଳାଙ୍କୁ କ୍ୱଚିତ ସୂଚିତ କରାଯାଇଥାଏ। ଏହା ମହିଳା ସୈନ୍ୟଙ୍କ ଯୁଦ୍ଧ ଉପରାନ୍ତ ଥଇଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ସେମାନେ ପୁରୁଷଙ୍କ ପାଇଁ ନିଆଯାଉଥିବା ପଦକ୍ଷେପରୁ ବାଦ ପଡ଼ିବାର ସମ୍ଭାବନା ଅଧିକ ଥାଏ। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଯୁଦ୍ଧ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କଲେ ସମସ୍ତଙ୍କ ପାଇଁ ସୁଫଳ ମିଳେ। ୨୦୧୮ରେ କରାଯାଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଯେ, ଶାନ୍ତି ଚୁକ୍ତିର ସ୍ୱାକ୍ଷରକାରୀ ଭାବେ ମହିଳା ପ୍ରତିନିଧିମାନଙ୍କୁ ସାମିଲ କରାଯିବା ଏବଂ ଯୁଦ୍ଧ ପର ଶାନ୍ତିର ସ୍ଥାୟିତ୍ୱ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି। ତେବେ ମହିଳାଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକରେ ରାଜନୈତିକ ସୁଧାର କୈନ୍ଦ୍ରିକ ଅଧିକ ପ୍ରାବଧାନ ରହିବା ଦରକାର ଏବଂ ଏହି ପ୍ରାବଧାନଗୁଡ଼ିକୁ ଅଧିକ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏଲ୍ ସାଲଭାଡରରେ ୧୯୯୨ ଚୁକ୍ତି ସେଠାରେ ଦୀର୍ଘ ୧୨ ବର୍ଷର ଗୃହ ଯୁଦ୍ଧର ଅବସାନ ଘଟାଇଥିଲା, ଯାହା ଲଢୁଆ ସୈନ୍ୟଙ୍କୁ ଲାଭ ଦେଇଥିଲା ଏବଂ ଯୁଦ୍ଧରେ ଭାଗ ନେଇ ନ ଥିବା ବିରୋଧୀ ଆନ୍ଦୋଳନର ମହିଳା ସଦସ୍ୟଙ୍କୁ ଏକୀକରଣ କାର୍ଯ୍ୟକ୍ରମରେ ସାମିଲ କରିଥିଲା। ଫଳରେ ମହିଳାମାନେ ଏକୀକରଣ ପ୍ରକ୍ରିୟାରେ ଏକ ସ୍ଥାୟୀ ଭୂମିକା ନେବା ସହ ପୁନର୍ଗଠନ ପଦକ୍ଷେପରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଥିଲା। ଏକୀକରଣ ଓ ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଗୋଷ୍ଠୀଗୁଡ଼ିକ ଅଧିକ ସୁସଙ୍ଗତ ଓ ବ୍ୟବସ୍ଥିତ ସମର୍ଥନ ପାଇଲେ, ସେମାନଙ୍କର ଲିଙ୍ଗଗତ ସମାନତା ଓ ବିକାଶରେ ଅଧିକ ପ୍ରଗତି ହୋଇଥିଲା। ସେହିପରି ଲାଇବେରିଆରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ପାଇଁ ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ହୋଇଥିବା ବୁଝାମଣାରେ ମହିଳାଙ୍କୁ ସାମିଲ କରାଯାଇଥିଲା। ପରେ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ କ୍ରମଶଃ ବୃଦ୍ଧି ପାଇଥିଲା। ଫଳରେ ୨୦୦୫ରେ ଲାଇବେରିଆରେ ଏଲେନ ଜନଶନ ସାର୍‌ଲିଫ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଓ ଆଫ୍ରିକାରେ ପ୍ରଥମ ମହିଳା ଭାବେ ଏହି ସଫଳତା ପାଇଥିଲେ। ଏହିସବୁ ଉଦାହରଣ ଏକ ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଯେକୌଣସି ଶାନ୍ତି ପ୍ରକ୍ରିୟାରେ ଆଲୋଚନା, ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରଠାରୁ ଆରମ୍ଭ କରି ଯୁଦ୍ଧ ପରବର୍ତ୍ତୀ ସ୍ଥିରତା ଓ ପୁନର୍ଗଠନ ଯୋଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିବା ଉଚିତ। ସେମାନଙ୍କ ନିକଟରେ ସମସ୍ତ ଲାଭଭିତ୍ତିକ କାର୍ଯ୍ୟକ୍ରମ ଏବଂ ନିର୍ଦ୍ଦିଷ୍ଟ ଭାବେ ଲିଙ୍ଗଗତ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ପହଞ୍ଚାଯିବା ଦରକାର।

ବ୍ୟାପକ ଦୃଷ୍ଟିରୁ ଦେଖିଲେ, ଶାନ୍ତି ପ୍ରକ୍ରିୟା ସ୍ପଷ୍ଟ ଭାବେ ମହିଳା ପ୍ରତିନିଧିତ୍ୱକୁ ସ୍ୱୀକୃତି ଦେବା ସହ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିବା ଦରକାର। ତେବେ ଉତ୍ତରଦାୟିତ୍ୱ କମାଇବା ଲାଗି ମହତ୍ତ୍ୱାକାଂକ୍ଷୀ ଭାଷା ଉପରେ ଭରସା କରାଯାଉଥିଲେ ମଧ୍ୟ ମହିଳାଙ୍କ ଆବଶ୍ୟକତା ଓ ଯୋଗଦାନକୁ ସ୍ୱୀକାର କରି ତା' ଉପରେ କିଛି ପଦକ୍ଷେପ ନ ନେବାର ହିଁ ମାନେ କିଛି ନାହିଁ। ବରଂ ଶାନ୍ତି ପ୍ରତିଷ୍ଠାରେ ତଥା ଯୁଦ୍ଧ ଉପରାନ୍ତ ଭବିଷ୍ୟତ ଗଢ଼ିବାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରାଯିବା ଦରକାର। ଏଥିପାଇଁ ମହିଳାଙ୍କ ଅଧିକାର ବଜାୟ ରଖିବା ଓ ସବୁ ପ୍ରକାର ନୀତି ନିର୍ଦ୍ଧାରଣରେ ସେମାନଙ୍କ ଭାଗୀଦାରିକୁ ବଢ଼ାଇବା ଲାଗି ଦୃଢ଼ ତଥା ଲାଗୁହେବା ଯୋଗ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ।

**ସହ-ପ୍ରାଧାପିକା(ଅର୍ଥନୀତି), ପ୍ରିଟୋରିଆ ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଆଫ୍ରିକା**

# ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ



ଡି. ଶୁଭମ୍

ସାଧାରଣତଃ ମାଣ୍ଡିଆ ଏକ କ୍ଷୁଦ୍ର ଦାନାଯୁକ୍ତ, ସାଗରମ ଦିନିଆ ଫସଲ। ଏଥିରେ ଅଧିକ ପରିମାଣରେ ପ୍ରୋଟିନ୍, ଫାଇବର, ନିଆସିନ୍, ଥାଏମିନ୍, ରାଇବୋଫ୍ଲାବିନ୍, ମିଥିଓନାଇନ, ଲେସିଥିନ୍ ଓ ଭିଟାମିନ -ଇ ଥାଏ। ଏହା ବିଭିନ୍ନ ପ୍ରକାର ଖଣିଜ ଲବଣ ଯଥା ଆଇରନ୍, ମାଗ୍ନେସିୟମ, କ୍ୟାଲସିୟମ ଓ ପଟାସିୟମରେ ଭରପୂର ଥାଏ। ସମୟ ଥିଲା ଲୋକମାନେ ନିଜ ଫୁଡ୍ ମେନୁ ଅବା ଖାଦ୍ୟଥାଳିରେ ମାଣ୍ଡିଆକୁ ଗ୍ରହଣ କରୁ ନ ଥିଲେ। ବୋଧହୁଏ ଏ ଦିଗରେ ସେତେଟା ପ୍ରଚାର ପ୍ରସାର ହୋଇ ନ ଥିବାରୁ ଏହା ଲୋକମାନଙ୍କଠାରୁ ଦୂରରେ ଥିଲା। କିନ୍ତୁ ସମୟ ବଦଳିଛି। ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପରଷା ଯାଉଛି। ଏହା ହିଁ ତ ପରିବର୍ତ୍ତନ। ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ୍ ଆଗରେ ଅଛି। ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭ କରି ସୀମାନ୍ତ ମୟୂରଭଞ୍ଜ ଯାଏ ସବୁଠି ଏବେ ମାଣ୍ଡିଆର ମହକରେ ମହକିତ ହେଉଛି।

ଦେଶୀମାଣ୍ଡିଆ କଥା କହିଲେ ଆମେ ସବୁବେଳେ କୋରାପୁଟର କଥା ପ୍ରଥମେ ଭାବିଥାଉ। ଦେଶୀ ବିହନ, ଦେଶୀଚାଷ ଏସବୁର ସଂଜ୍ଞା ଏବେ ବୁଝାଇବାର ଆବଶ୍ୟକତା ନାହିଁ। କିନ୍ତୁ ଯେଉଁ ଦେଶୀମାଣ୍ଡିଆ ପାଇଁ ଓଡ଼ିଶା ତା'ର ପରିଚୟ ବହନ କରିଥିଲା ଆମର ଉତ୍ତରଦାୟିତ୍ୱ ଦେଶୀମାଣ୍ଡିଆର ଉପଯୁକ୍ତ ସଂରକ୍ଷଣ। ତେବେ ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଗଠନ ଅପରିହାର୍ଯ୍ୟ। ଯାହାସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସାହାଯ୍ୟ କରିପାରିବ। ଓଡ଼ିଶାରେ କାଳିଆ ମାଣ୍ଡିଆ, ବଡ଼ତାରା ମାଣ୍ଡିଆ, ଜାମମାଣ୍ଡିଆ ପରି ବିହନକୁ ନିଜେ ସଂରକ୍ଷଣ କରିବା ସହ ଚାଷୀମାନେ ଆଖପାଖର ଗାଁଲୋକମାନଙ୍କୁ ଚାଷକରିବାକୁ ଦେଇଥାନ୍ତି। ପ୍ରତିବଦଳରେ ଚାଷ ପରେ ସେହି ବିହନକୁ ପୁଣି ସେମାନେ ଦେଇଥିବା ଚାଷୀଙ୍କୁ ଫେରାଇଥାନ୍ତି। ସତରେ କେଡ଼େ ନିଆରା ପ୍ରୟାସ। ବାସ୍ତବରେ ଆମ ଦେଶୀବିହନ ଆଜି ବିଳାପ କରୁଛି। ଅନ୍ତର୍ଜାତୀୟ କୃଷିବିଜ୍ଞାନୀ ରୋନିଭେରୋନ କହିଥିଲେ, ଉତ୍ତମ ଗୁଣ ଥିବା ଦେଶୀବିହନଗୁଡ଼ିକ ଆମ ପରବର୍ତ୍ତୀ ପିଢ଼ିପାଇଁ ଏକ ଶୁଭସଙ୍କେତ। ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ସ୍ୱରୂପ ଗଠନ ହେବା ଜରୁରୀ। କାରଣ ଏଥିରେ ଅନ୍ତର୍ଭୁକ୍ତ ଚାଷୀମାନେ ବିହନର ବିପଣନ, ଅମଳ, ସଂରକ୍ଷଣ ତଥା ଏହାର ଗୁଣାତ୍ମକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥାନ୍ତି। ବିଶେଷକରି ଜଳବାୟୁର ଏହି ଅନିୟମିତତା ସମୟରେ ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଏକ ବଡ଼ ଭୂମିକା ରହିଥାଏ। ଏହା ମାଧ୍ୟମରେ ଚାଷୀମାନେ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତକରି ଏହାର ଉତ୍ପାଦନ ତଥା ବିକ୍ରୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ଜାତୀୟସ୍ତରରେ 'ସିଡ୍ ଫର ନିଡ୍' ଉପରେ ଅନେକ ଗୁରୁତ୍ୱ ଦିଆଯାଇଛି। ଯାହା କୃଷିକ୍ଷେତ୍ରରେ ବିବିଧତାକୁ ରକ୍ଷାକରିବା ଦିଗରେ ମୁଖ୍ୟ ଭୂମିକା ନେଇଛି। ମୁଖ୍ୟତଃ ଏହି ପ୍ରୟାସଗୁଡ଼ିକ ଚାଷୀମାନଙ୍କୁ ଏକତ୍ରକରି ଏକ ମଧୁମୟ ଭବିଷ୍ୟତ ଗଠନ ସହ ଖାଦ୍ୟ ନିରାପତ୍ତାକୁ କିପରି ମୁକାବିଲା କରାଯାଇ ପାରିବ, ସେ ଦିଗରେ ପ୍ରବର୍ତ୍ତାଇଥାଏ। ଯାହା ସ୍ଥାନୀୟ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ଏହି ଦେଶୀ ବିହନକୁ ନେଇ ସଚେତନତା ବୃଦ୍ଧିକରିଥାଏ। ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ବିଗତ ୨୦ ବର୍ଷ ମଧ୍ୟରେ ଚାଷୀମାନଙ୍କ ଅଧିକାର ଉପରେ କାମକରୁଛି। ଏହି ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଆମେ ଶ୍ରୀଅନ୍ନର ଅଧିକ ପ୍ରସାର କରିପାରିବା।

କେବଳ ପୁଷ୍ଟି ଶସ୍ୟରେ ସୀମିତ ନ ରହି ମାଣ୍ଡିଆ ଆଜି ଏକ ବିପ୍ଳବ ସୃଷ୍ଟିକରିଛି। ତେବେ କମ୍ୟୁନିଟି ସିଡ୍ ବ୍ୟାଙ୍କ ମାଧ୍ୟମରେ ଆମେ ଶ୍ରୀଅନ୍ନର ବିହନ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେଇପାରିବା। ଅନେକ ଚାଷୀ ଏବେ ମାଣ୍ଡିଆର ବିଭିନ୍ନ କିସମକୁ ସଂରକ୍ଷଣ କରିବା ଦିଗରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଏପରିକି ଓଡ଼ିଶା ମାଣ୍ଡିଆର ଚାରୋଟି ଭୂପ୍ରଜାତି ଯଥା -କୁନ୍ଦ୍ରାବାଟି, ମାଲ୍ୟବନ୍ତ ମାମି, ଗୁପ୍ତେଶ୍ୱର ଭାରତୀ ଓ ଲକ୍ଷ୍ମୀପୁର କାଳିଆ ଜାରି କରିବାରେ ପ୍ରଥମ ରାଜ୍ୟ। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାରେ ଏହି ବିହନ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି। ଅନେକ ବେସରକାରୀ ସଂସ୍ଥା ଏ ଦିଗରେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛନ୍ତି। କେବଳ ଜୈବକୃଷି ନାରା ଦେଇ ଆମେ ଚୁପ୍‌ରହିଲେ ହେବ ନାହିଁ ବରଂ ଏହାର ବାସ୍ତବତାକୁ ଉପଲବ୍ଧି କରିବା ସହ ଆମେ ବିଲୁପ୍ତହେବାକୁ ଯାଉଥିବା ଏହି ଦେଶୀ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ଅଣ୍ଟାଭିଡ଼ିବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

ମହାରାଷ୍ଟ୍ର ଠାଣେର ହେନିକ ଗାଲା ଓ ଶ୍ରେୟାସ ଜଲାପୁର ସ୍କୁଲରେ ପଢ଼ିବାବେଳେ ଜଣେ କବାଡିବାଲାଙ୍କ କାର୍ଯ୍ୟକୁ ଦେଖୁଥିଲେ। ଏହି ଦୁଇ ବନ୍ଧୁ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବା ପରେ କବାଡିବାଲାଙ୍କ କାମର ଗୁରୁତ୍ୱକୁ ଉପଲବ୍ଧି କରି ବର୍ଜ୍ୟ ସଂଗ୍ରହ ଓ ସେଗୁଡ଼ିକର ରିସାଇକିଲିଂ କରୁଛନ୍ତି। ସେମାନେ 'ସ୍କ୍ରାପ୍ ଜି'ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହାକୁ ସେମାନେ ୨୦୨୩ରେ ପ୍ରତିଷ୍ଠା କରିଥିଲେ। ପ୍ରତି ମାସରେ ସେମାନେ ୧୦,୦୦୦ କେଜି ବର୍ଜ୍ୟ ରିସାଇକିଲିଂ କରିବାକୁ ସକ୍ଷମ ହେଉଛନ୍ତି। ସେମାନଙ୍କ ସହ ଅନେକ ଯୁବକ ମଧ୍ୟ ଯୋଗଦେଇଛନ୍ତି । ମୁଖ୍ୟତଃ ଖବରକାଗଜ, ପ୍ଲାଷ୍ଟିକ, ଧାତବ ଓ ଇ ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରାଯାଉଛି। ଏବେ ସୁଦ୍ଧା ୨୦୦୦ରୁ ଊର୍ଦ୍ଧ୍ୱ ପରିବାରୁ ଏସବୁ ସଂଗ୍ରହ ହେଉଛି ଓ ସେମାନଙ୍କୁ ମଧ୍ୟ ଏବାବଦରେ ଟଙ୍କା ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏହିସବୁ ପରିବାର ସହ ଯୋଗାଯୋଗ ରଖିଛନ୍ତି ଏବଂ ଠିକ୍ ସମୟରେ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଆଣିବାର ବ୍ୟବସ୍ଥା କରିବା ସହ ରିସାଇକିଲିଂ ସେଣ୍ଟରକୁ ପଠାଯାଉଛି। ସ୍କ୍ରାପ ଜି' କାରବାର ଏବେ ୨୫ ଲକ୍ଷ ଟଙ୍କାକୁ ଟପିଗଲାଣି ଓ ୨୦୨୫ ସୁଦ୍ଧା ୧ କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି ଏହି ଦୁଇବନ୍ଧୁ।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୭୬

- ଯୌତୁକ ଦେବା କିମ୍ବା ଗ୍ରହଣ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପଞ୍ଜାବରେ ଆଇନ ପ୍ରଣୟନ କରାଯାଇଛି।
- ଭାରତର ପ୍ରଥମ ସମୁଦ୍ର ଶଯ୍ୟାସ୍ଥିତ ତୈଳ ଉତ୍ପାଦନ କେନ୍ଦ୍ର 'ବମ୍ବେ ହାଇ'ରୁ ବ୍ୟାବସାୟିକ ସୂତ୍ରରେ ତୈଳ ଉତ୍ପାଦନ କାର୍ଯ୍ୟ ଆରମ୍ଭ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 5 | | | | |
| 4 | | | 1 | | | | | 3 |
| | | 1 | | | | | | 2 |
| | | 5 | | | | | | |
| 2 | | | | | 3 | | 9 | |
| | | 3 | | 7 | | | 6 | |
| | 4 | | 8 | 1 | | | | |
| | | 8 | | | | 2 | 1 | |
| | 7 | | | | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 7 | 9 | 6 | 5 | 2 | 3 |
| 5 | 2 | 7 | 8 | 1 | 3 | 4 | 9 | 6 |
| 6 | 9 | 3 | 4 | 5 | 2 | 8 | 7 | 1 |
| 7 | 3 | 5 | 9 | 4 | 1 | 6 | 8 | 2 |
| 9 | 8 | 1 | 2 | 6 | 5 | 7 | 3 | 4 |
| 4 | 6 | 2 | 3 | 8 | 7 | 9 | 1 | 5 |
| 1 | 7 | 6 | 5 | 2 | 8 | 3 | 4 | 9 |
| 2 | 4 | 8 | 6 | 3 | 9 | 1 | 5 | 7 |
| 3 | 5 | 9 | 1 | 7 | 4 | 2 | 6 | 8 |

ଗତକାଲିର ଉତ୍ତର

# ଜଳସଙ୍କଟର ସମାଧାନ



ବରେଣ୍ୟ ଦାସ

ଜଳ ହେଉଛି ଜୀବନର ମୂଳାଧାର, କିନ୍ତୁ ଭାରତରେ ଜଳସଙ୍କଟ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ନୀତି ଆୟୋଗର ୨୦୧୮ ରିପୋର୍ଟ ଅନୁସାରେ ଭାରତର ୬୦୦ ନିୟୁତ (୪୫% ଜନସଂଖ୍ୟା) ଲୋକ ଅତି ଗମ୍ଭୀର ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ୨୦୩୦ ସୁଦ୍ଧା ଦେଶର ଜଳ ଚାହିଦା ଉପଲବ୍ଧ ଜଳର ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି। ଭାରତ ବିଶ୍ୱ ଜନସଂଖ୍ୟାର୧୮% ଅଧିକାର କରୁଥିବା ସତ୍ତ୍ୱେ, ମାତ୍ର ୪% ମଧୁର ଜଳସମ୍ପଦ ରହିଛି। ଜଣେ ବ୍ୟକ୍ତିଙ୍କ ପାଇଁ ଜଳ ଉପଲବ୍ଧତା ୧୧୦୦ଘନମିଟର, ଯାହା ଜଳ ଅଭାବର ଅନ୍ତର୍ଜାତୀୟ ସୀମା (୧୭୦୦ଘନମିଟର)ଠାରୁ କମ୍। ମୌସୁମୀ ବର୍ଷାରେ ଅସମତା ଏହି ସମସ୍ୟାକୁ ଜଟିଳ କରୁଛି। ଉଦାହରଣ ସ୍ୱରୂପ, ୨୦୧୯ରେ ମହାରାଷ୍ଟ୍ର, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକ କମିଥିଲା, ଯାହା ପାଇଁ ଜଳାଶୟଗୁଡ଼ିକ ହ୍ରାସ ପାଇଥିଲା। ଭାରତର ୮୫% ପାନୀୟ ଓ କୃଷି ଜଳ ଭୂମିଗତ ଜଳ ଉପରେ ନିର୍ଭର କରେ। କେନ୍ଦ୍ରୀୟ ଭୂମିଗତ ଜଳ ବୋର୍ଡ (ସିଜିଡବ୍ଲ୍ୟୁବି)ଅନୁସାରେ ୧୪୬୦ବ୍ଲକ ମଧ୍ୟରୁ ୨୫୬ଟିରେ ଜଳସ୍ତର 'ଗମ୍ଭୀର' ବା 'ଅତ୍ୟଧିକ ଶୋଷିତ' ଶ୍ରେଣୀରେ। ପଞ୍ଜାବରେ ୭୯% ଓ ହରିୟାଣାରେ ୬୧% ଭୂମିଗତ ଜଳ ଅଞ୍ଚଳ ଅତ୍ୟଧିକ ଶୋଷିତ। ବିଶ୍ୱବ୍ୟାଙ୍କର ୨୦୧୮ରିପୋର୍ଟ ଅନୁସାରେ ଭାରତ ବାର୍ଷିକ୨୫୧ବିଲିୟନ ଘନମିଟର ଭୂମିଗତ ଜଳ ଉତ୍ତୋଳନ କରୁଛି, ଯାହା ବିଶ୍ୱର ସର୍ବାଧିକ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ, ଭାରତର ୭୦% ଉପରିସ୍ଥ ଜଳ ପ୍ରଦୂଷିତ। ଗଙ୍ଗାନଦୀରେ ୨୭୫ ସହରରୁ ୬୦୦୦କୋଟି ଲିଟର ଜଳ ନିଷ୍କାସନ ହେଉଛି, ଯାହାର ୮୦% ଅଶୋଧିତ। ଏହା ସହ କୃଷିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଯୋଗୁ ୩୦% ଭୂମିଗତ ଜଳ ଆର୍ସେନିକ, ଫ୍ଲୋରାଇଡ ଓ ନାଇଟ୍ରେଟ୍‌ଦ୍ୱାରା ଦୂଷିତ। ଏହା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରୁଛି, ଯେଉଁଠାରେ ପ୍ରତିବର୍ଷ ୧.୫ ନିୟୁତ ଶିଶୁ ଅପରିଷ୍କାର ଜଳଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି। କୃଷିକ୍ଷେତ୍ର ଭାରତର ୮୫% ମଧୁରଜଳ ବ୍ୟବହାର କରୁଛି, କିନ୍ତୁ ଅତ୍ୟଧିକ ଜଳସେଚନ ଯୋଗୁ ୬୫% ଜଳନଷ୍ଟ ହେଉଛି। ସହରୀ ଜଳବଣ୍ଟନରେ ଲିକେଜ ଯୋଗୁ ମୁମ୍ବାଇରେ ୩୫% ଓ ଦିଲ୍ଲୀରେ ୪୦% ଜଳ ନଷ୍ଟ ହେଉଛି। ଏହା ସହିତ, ଜଳସଂରକ୍ଷଣ ପାଇ ଁ ଅପର୍ଯ୍ୟାପ୍ତ ନିବେଶ ଓ ଅବ୍ୟବସ୍ଥାପନା ସଙ୍କଟକୁ ବୃଦ୍ଧିକରୁଛି।

ଜଳସଙ୍କଟ ମହିଳା ଓ ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରୁଛି। ଗ୍ରାମାଞ୍ଚଳରେ ମହିଳାମାନେ ଦୈନିକ ୩-୪ଘଣ୍ଟା ପାଣି ଆଣିବାରେ ବ୍ୟୟ କରନ୍ତି, ଯାହା ସେମାନଙ୍କ ଶିକ୍ଷା ଓ ରୋଜଗାର ସୁଯୋଗକୁ ସୀମିତ କରୁଛି ଓ ଅର୍ଥନୀତିରେ୧.୫% ଜିଡିପି ହ୍ରାସ ଘଟାଉଛି। ଅପରିଷ୍କାର ଜଳ ଯୋଗୁ ପ୍ରତିବର୍ଷ ୪ଲକ୍ଷ ଲୋକ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଜଳ ସଙ୍କଟର ମୂଳ କାରଣଗୁଡ଼ିକ ଶିଳ୍ପାୟନ, ସହରୀକରଣ, ଜଳବାୟୁ ପରିବର୍ତ୍ତନ ଓ ନୀତିଗତ ଅସଙ୍ଗତି। ଭାରତର ଜନସଂଖ୍ୟା ୧୯୫୧ରେ ୩୬ କୋଟି ଥିବାବେଳେ ୨୦୨୫ରେ ୧୪୦କୋଟି ଅତିକ୍ରମ କରିଛି, ଯାହା ଜଳ ଚାହିଦାକୁ ୩୦୦% ବୃଦ୍ଧିକରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀ ବର୍ଷାରେ୧୫-୨୦% ଅନିୟମିତତା ଦେଖାଦେଇଛି, ଯାହା ଜଳାଶୟ ଓ ନଦୀଗୁଡ଼ିକୁ ହ୍ରାସକରିଛି। ଉଦାହରଣ ସ୍ୱରୂପ ୨୦୧୯ରେ ଚେନ୍ନାଇରେ ଜଳସଙ୍କଟ ଏତେ ଗମ୍ଭୀର ହୋଇଥିଲା ଯେ ୨୦୦କିଲୋମିଟର ଦୂରରୁ ଟ୍ରେନ୍ ଯୋଗେ ୧୦ନିୟୁତ ଲିଟର ଜଳ ଆଣିବାକୁ ପଡ଼େ।



ଭାରତରେ ଜଳସଙ୍କଟ ନିରାକରଣ ପାଇଁ ପରିମାଣଗତ ଓ ବାସ୍ତବ ସମ୍ମତ ସମାଧାନ ଆବଶ୍ୟକ। ଏକ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଏହି ସଙ୍କଟକୁ ୨୦୩୦ ସୁଦ୍ଧା ୫୦% ହ୍ରାସ କରାଯାଇ ପାରେ। ବର୍ଷାଜଳ ସଂଗ୍ରହ ଓ ଭୂମିଗତ ଜଳ ରିଚାର୍ଜ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଜଳଯୁକ୍ତ ଶିବାର ପ୍ରକଳ୍ପ ୨୦୧୬-୨୦୨୦ ମଧ୍ୟରେ ୨୨,୦୦୦ ଗ୍ରାମରେ ୫୦,୦୦୦ ଜଳସଂରକ୍ଷଣ ଷ୍ଟ୍ରକଚର ନିର୍ମାଣ କରି ଭୂମିଗତ ଜଳସ୍ତର ୧.୫ ମିଟର ବୃଦ୍ଧି କରିଛି। ଏହି ମଡେଲକୁ ଦେଶବ୍ୟାପୀ ୫୦୦,୦୦୦ ଷ୍ଟ୍ରକଚର ନିର୍ମାଣ କରି ବାର୍ଷିକ ୧୦୦ ବିଲିୟନ ଘନମିଟର (ବିସିଏମ୍) ଜଳ ସଂରକ୍ଷଣ କରାଯାଇ ପାରିବ।

କୃଷିକ୍ଷେତ୍ରରେ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇପାରେ। ୨୦୨୮ ସୁଦ୍ଧା କୃଷିଜଳ ବ୍ୟବହାର ୪୦% ହ୍ରାସକରି ୧୫୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ଏଥିପାଇଁ ଡ୍ରିପ ଓ ସ୍ପ୍ରିଙ୍କଲର ଜଳସେଚନକୁ ୫୦% କୃଷକଙ୍କ ମଧ୍ୟରେ ପ୍ରୋତ୍ସାହିତ କରାଯାଇପାରିବ। ଉଦାହରଣ ସ୍ୱରୂପ ଗୁଜରାଟରେ ଡ୍ରିପ ଜଳସେଚନ ୩୦% ଜଳ ସଂରକ୍ଷଣ କରିଛି ଓ ଫସଲ ଉତ୍ପାଦନ ୨୦% ବୃଦ୍ଧି କରିଛି।

ଜଳପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପ୍ରତି ସହରରେ ଅପଶିଷ୍ଟ ଜଳଶୋଧନ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରାଯାଇପାରେ। ଯେମିତି ସୁରଟରେ ୧୧୫ଟି ଏସ୍‌ଟିପି ୨୦୨୦ରେ ୩୦% ଅପଶିଷ୍ଟ ଜଳ ପୁନଃବ୍ୟବହାର କରିଛି। ଦେଶବ୍ୟାପୀ ୫୦୦୦ ଏସ୍‌ଟିପି ସ୍ଥାପନ କରି ବାର୍ଷିକ ୧୮,୨୫୦ ନିୟୁତ ଲିଟର ଜଳ ପୁନଃ ବ୍ୟବହାର କରାଯାଇପାରେ। ଏହା ସହିତ, ଶିଳ୍ପପାଇଁ 'ଜିରୋଲିକ୍ୱିଡ ଡିସ୍‌ଚାର୍ଜ' ନୀତି କଠୋର କାର୍ଯ୍ୟକାରୀ କରିବା ଆବଶ୍ୟକ।

ସହରୀ ଜଳବଣ୍ଟନ ବ୍ୟବସ୍ଥାରେ ଉନ୍ନତି କରିବା ଆବଶ୍ୟକ। ୨୦୨୮ ସୁଦ୍ଧା ସହରୀ ଜଳ ଲିକେଜ ୧୫%କୁ ହ୍ରାସ କରି ୨୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ସ୍ମାର୍ଟମିଟରିଂ ଓ ପାଇପଲାଇନ ମରାମତି ମାଧ୍ୟମରେ ଜଳବଣ୍ଟନ ଦକ୍ଷତା ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁରେ ସ୍ମାର୍ଟମିଟରିଂ ମାଧ୍ୟମରେ୧୫% ଜଳ ନଷ୍ଟ ହ୍ରାସ କରାଯାଇଛି।

ସାମୁଦାୟିକ ଅଂଶଗ୍ରହଣ ଓ ସଚେତନତାକୁ ପ୍ରୋତ୍ସାହନ ଆଉ ଗୋଟିଏ ଉପାୟ। ୨୦୩୦ ସୁଦ୍ଧା ୭୫% ଗ୍ରାମପଞ୍ଚାୟତରେ ଜଳ ସଂରକ୍ଷଣ କମିଟି ଗଠନ କରାଯାଇପାରେ। ସ୍ଥାନୀୟ ସ୍ତରରେ ଜଳ ବ୍ୟବସ୍ଥାପନା ପାଇଁ ଗ୍ରାମବାସୀଙ୍କୁ ଟ୍ରେନିଂ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରେ। ଯେମିତି ରାଜସ୍ଥାନର ତରୁଣ ଭାରତ ସଙ୍ଗଠନ ୧୦୦୦ ଗ୍ରାମରେ ଜଳସଂରକ୍ଷଣ କମିଟି ଗଠନ କରି ୨୫% ଜଳ ବ୍ୟବହାର ହ୍ରାସ କରିଛି।

ଭାରତର ଜଳସଙ୍କଟ ଏକ ବହୁମୁଖୀ ସମସ୍ୟା, ଯାହା ଦେଶର ସ୍ଥାୟୀ ଉନ୍ନୟନକୁ ବାଧା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ଦୃଢ଼ ପ୍ରତିବଦ୍ଧତା ଆବଶ୍ୟକ। ନୀତିଗତ ସଂସ୍କାର, ପ୍ରଯୁକ୍ତିଗତ ନବୋନ୍ମେଷ ଓ ସାମୁଦାୟିକ ସହଯୋଗ ମାଧ୍ୟମରେ ଜଳ ସମ୍ପଦର ଠିକ ବ୍ୟବହାର ଓ ସୁରକ୍ଷା ସମ୍ଭବ। ଏକ ସମୃଦ୍ଧ ଓ ସୁସ୍ଥ ଭାରତ ଗଠନ ପାଇ ଁ ଜଳ ସଙ୍କଟର ନିରାକରଣ ଅତ୍ୟନ୍ତ ଜରୁରୀ। ସମୟୋଚିତ ଓ ସମନ୍ୱିତ ପ୍ରୟାସ ଦ୍ୱାରା ଆମେ ଆଗାମୀ ପିଢ଼ି ପାଇଁ ଜଳ-ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିପାରିବା।

**କୋଲକାତା**
**ମୋ: ୮୩୩୫୯୪୯୪୭୭**

## ଚିରନ୍ତନୀ

ଜୀବନର ଭାବନାରେ
ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ
ମୁକ୍ତି ଅବା ମୃତ୍ୟୁର ଚିନ୍ତନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ବଞ୍ଚାଯାଉ

ମହାଶୟ,

ବିଏମ୍‌ସି ଅଧୀନରେ ଥିବା କାର୍‌ଗିଲ ରୋଡ୍ ଓ ପୋଖରୀପୁଟ ଛକଠାରୁ ମଧୁସୂଦନ ପାର୍କ ପର୍ଯ୍ୟନ୍ତ ଜଳ ନିଷ୍କାସନ ନିମିତ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଆଳରେ ପାର୍କ ପାର୍ଶ୍ୱରେ ଥିବା ଶହ ଶହ ଗଛ କଟାଯାଉଛି। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଗଛ ଶୂନ୍ୟ ହୋଇଯିବ। ଗଛ ବଞ୍ଚାଇବା ପାଇଁ ଉଦ୍ୟମ ହେବା ଉଚିତ। ଗଛକୁ ଛାଡ଼ି ନିକଟସ୍ଥ ଫୁଟ୍‌ପାଥ୍‌ରେ ଡ୍ରେନ୍ ନିର୍ମାଣ କରାଗଲେ କିଛି ଅସୁବିଧା ହେବନାହିଁ। ବିଡିଏ ବୃକ୍ଷ ରୋପଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଡ୍ରେନ୍ ନିର୍ମାଣ ଆଳରେ ବୃକ୍ଷ କାଟିବା କାହା ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଗଛ ବଞ୍ଚାଇବା ସଙ୍ଗେ ସଙ୍ଗେ ଡ୍ରେନ୍ ନିର୍ମାଣ କଲେ ଜନସାଧାରଣ ଉପକୃତ ହେବେ।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାନ୍ଧି ପିଟିଲେ, ଗୁଳିମାରି ଲୁଟିଲେ

## ୧୦ ଲକ୍ଷର ସୁନାଗହଣା, ୫୦ ହଜାର ଟଙ୍କା ନେଇଗଲେ

■ ୨ ମାସ ମଧ୍ୟରେ ୪ ଲୁଟ୍

■ ଭରସା ହରାଉଛି ପୋଲିସ

ସୋର, ୨୨।୫(କୁଳେଶ୍ୱର ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୋଲିସଙ୍କୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ବନ୍ଧୁକ ମୁନରେ ବାରମ୍ବାର ଲୁଟ କରୁଥିବାବେଳେ ମଧ୍ୟ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଛି। ଗତ ୨ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ୪ଟି ଲୁଟ ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସୋର ଥାନା ତେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ କଳାମୁଖା ପିନ୍ଧା ୮ଜଣ ଡକାୟତ କବାଟ ଭାଙ୍ଗି ପଶିଥିଲେ। ଦୁର୍ବୃତ୍ତମାନେ ପଶିଥିବା ଜାଣିପାରି ରବୀନ୍ଦ୍ରଙ୍କ ସ୍ତ୍ରୀ ଉପର ମହଲାରେ ଶୋଇଥିବା ପୁଅକୁ ଫୋନ ଯୋଗେ ଜଣାଇଥିଲେ। ପୁଅ ପଡ଼ୋଶୀଙ୍କୁ ଜଣାଇବାବେଳକୁ ଡକାୟତମାନେ ପରିବାରର ୫ଜଣଙ୍କୁ କବାଟ ଓ ଝରକା ଗ୍ରିଲରେ ହାତଗୋଡ଼ ବାନ୍ଧି, ଭୁଜାଲି ଦେଖାଇ ଭୟଭୀତ କରାଇବା ସହିତ ମାଡ଼ ମାରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତଳ ଘରେ ଥିବା ସମସ୍ତ ଗହଣା ଓ ୫୦ହଜାର ଟଙ୍କା ଆଲମିରାରୁ ଲୁଟ କରିବା ସହିତ ଉପର ମହଲାରେ ଥିବା ପୁତୁରା ରୋହିତ ନାୟକଙ୍କ ରୁମ୍‌ର କବାଟ ଭାଙ୍ଗି ତାଙ୍କୁ ମାଡ଼ ମାରିବା ସହ ସମସ୍ତ ଗହଣା ଟଙ୍କା ନେଇଥିଲେ। ପରେ ତାଙ୍କୁ ତଳକୁ ଆଣି ବାନ୍ଧି ଦେଇଥିଲେ। ଏଥିସହିତ ୮୫ ବର୍ଷର ବୁଢ଼ୀ ମା' ଓ ୧୫ ବର୍ଷର ପୁଅ ମଳୟ ନାୟକଙ୍କ ମୁଣ୍ଡକୁ ମାଡ଼ ମାରି ହାତକୁ ବାନ୍ଧି ପକାଇଥିଲେ। ଏହି ସମୟରେ ୪ଜଣ ପଡ଼ୋଶୀ ପହଞ୍ଚିଯିବାରୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ପଡ଼ୋଶୀ ବଳରାମ ରାଉତଙ୍କ ଛାତିରେ ଗୁଳି ବାଜିଥିଲା। ଅନ୍ୟଜଣେ ପ୍ରଶାନ୍ତ ରାଉତ ମଧ୍ୟ ଆଂଶିକ ଆହତ ହୋଇଥିଲେ। ଗୁଳି ଫୁଟିବା ଶୁଣି ଅନ୍ୟ ପଡ଼ୋଶୀମାନେ ଭୟରେ ସେଠାକୁ ଆସି ନ ଥିଲେ। ଡକାୟତମାନେ ହିନ୍ଦୀ ଓ ଓଡ଼ିଆରେ କଥା ହେଉଥିଲେ। ଆହତମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ରେ ଗୁରୁତର ବଳରାମଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୋର ପୋଲିସ ଗୁରୁବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ,



ଡକାୟତଙ୍କ ଗୁଳିମାଡ଼ରେ ଆହତ ଯୁବକ।

ଗତ ଏପ୍ରିଲ ୮ ତାରିଖରେ ବାଗୁଡ଼ି ଆଙ୍ଗୁଳାଠାରେ ସୁନା ବ୍ୟବସାୟୀ ଗୋପାଳ ଚନ୍ଦ୍ର ରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ ହୋଇଥିଲା। ସେହିପରି ଏପ୍ରିଲ ୧୨ରେ ଟେଣ୍ଟେଇ ଗ୍ରାମର ପୋଷ୍ଟମାଷ୍ଟର ବଟକୃଷ୍ଣ ମଳିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୫ଲକ୍ଷ ଟଙ୍କା ଓ ଚଳିତମାସ ୧୩ରେ ସୋର ଥାନା ପାଖର ଗ୍ରାମର ଅନନ୍ତପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୮୦ ହଜାର ଟଙ୍କା ଲୁଟ ହୋଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସୋର ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସୋରୋ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗକୁ ଆଧାର କରି ଏକ ମାମଲା( ନଂ. ୪୦୩/୨୫) ରୁଜୁ ହୋଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଖବ୍‌ଶୀଘ୍ର ଅପରାଧୀଙ୍କ ଧରିବାକୁ ଚେଷ୍ଟା କରାଯାଉଛି।

# ଅବକାରୀ ଟିମ୍ ଉପରେ ଆକ୍ରମଣ

## ମଦ ଚଢ଼ାଉ ପାଇଁ ଯାଇଥିଲେ

ରାଜଗାଙ୍ଗପୁର,୨୨।୫ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କରଲାକାନି ଗ୍ରାମକୁ ଗୁରୁବାର ବେଆଇନ ମଦ ଧରପଗଡ଼ ପାଇଁ ଯାଇଥିବା ଅବକାରୀ ଟିମ୍ ଉପରେ ଗ୍ରାମବାସୀ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୨ ଅବକାରୀ ବିଭାଗ କର୍ମଚାରୀ ଆହତ ହୋଇଛନ୍ତି। ଏଥିସହ ରାଜଗାଙ୍ଗପୁର ଥାନାର ଜଣେ ସିପାହି ଓ ୫ ଜଣ ଭାଟି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା (କେସ୍ ନଂ. ୨୩୫/୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗୁରୁବାର ସକାଳ ପ୍ରାୟ ୬ଟା ୩୦ ସମୟରେ ଅବକାରୀ ବିଭାଗର ବଡଗାଁ ଇନ୍ସପେକ୍ଟର ପ୍ରମୋଦ ବଣୁଆ, ରାଜଗାଙ୍ଗପୁର ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସଞ୍ଜୀବ ଶର୍ମା ଓ ଅବକାରୀ ବିଭାଗର ରାଉରକେଲା ସାଟେଲାଇଟ ଟିମ, ରାଜଗାଙ୍ଗପୁର ପୋଲିସର ଏକ ୧୪ ଜଣିଆ ଟିମ ମିଳିତଭାବେ କରଲାକାନି ଗ୍ରାମରେ ବେଆଇନ ମଦ ଧରିବା ପାଇଁ ଚଢ଼ାଉ କରିଥିଲେ। ଏହି ସମୟରେ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଠେଙ୍ଗା ଓ ରଡ ଧରି ଅବକାରୀ ବିଭାଗକୁ ଗାଁ ଭିତରେ ପଶିବାକୁ ବାରଣ କରିଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଗ୍ରାମବାସୀ ନ ବୁଝି ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସମସ୍ତ ଆହତଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛଡାଯାଇଛି। ହେଲେ ୨ ଭାଟି କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଏଞ୍ଜୀ-ଡିଟି ୨୧-୦୫-୨୫ ।** ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟରତ କ୍ଷେତ୍ର ପ୍ରବନ୍ଧକ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ଇ-ଟେଣ୍ଡରିଂର ଦୁଇ-ବିଡ୍ ପ୍ରଣାଳୀ ଜରିଆରେ ନିମ୍ନଲିଖିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନଲାଇନ୍ ମାଧ୍ୟମରେ ସେଥିପାଇଁ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଟେଣ୍ଡର ଦସ୍ତାବିଜ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ଡି-୩ ସିଡ୍ୟୁଲ୍ ଅବଧିରେ ଏଞ୍ଜୀ କରେଣ୍ଟ ଆରେ [ଇସିଏ] ଟେକ୍ନିକ୍ ଦ୍ୱାରା ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକର ଚକରେ ସର୍ଫେସ୍ ଡିଫେକ୍ଟ ଡିଟେକ୍ସନ୍ । **ଟେଣ୍ଡର ମୂଲ୍ୟ:** ₹୧,୭୦,୩୩,୬୧୨.୧୬। **ଇଏମ୍‌ଡି:** ₹୨,୩୫,୫୦୦/-। **ଟେଣ୍ଡର ବନ୍ଦ ହେବା ତାରିଖ:** ତା୧୪।୦୬।୨୦୨୫ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ) । (PR-189)

# ଟାଙ୍ଗିଆରେ ହାଣି ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗିରଫ

## ପାରିବାରିକ କଳହର କରୁଣ ପରିଣତି

ଯୋଡ଼ା,୨୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ୯ ନଂ. ୱାର୍ଡର ହୁଡ଼ି ସାହିରେ ଦମ୍ପତିଙ୍କ ମଧ୍ୟରେ କଳହ ଯୋଗୁ ସ୍ତ୍ରୀଙ୍କ ଟାଙ୍ଗିଆ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହୁଡ଼ିସାହିର ସିଲେଇ ମୁଣ୍ଡା(୨୫)। ପୋଲିସ ଅଭିଯୁକ୍ତ ମଞ୍ଜୁ ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ହୁଡ଼ିସାହିର ସିଲେଇ ଓ ତାଙ୍କ ସ୍ତ୍ରୀ ମଞ୍ଜୁଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା। ଗତ ୧୨ତାରିଖରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମଞ୍ଜୁ ଉତ୍ୟକ୍ତ ହୋଇ ସ୍ୱାମୀ ସିଲେଇଙ୍କ ବେକର ପଛ ପାର୍ଶ୍ୱକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସିଲେଇ ଆହତ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସିଲେଇଙ୍କ ମୃତ୍ୟୁ ଘଟିଥିଲା ଏହି ଘଟଣାରେ ଯୋଡ଼ା ପୋଲିସ ସ୍ତ୍ରୀ ମଞ୍ଜୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାର ଅଧିକ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରଣ ରୋଜାନଗରରେ ବୁଧବାର ବିଳମ୍ବିତ ରାତିରେ ଜଣଙ୍କ ଘରେ ପଶି ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ। ହେଲେ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପଶ୍ଚିମବଙ୍ଗ ମୁର୍ଶିଦାବାଦର ମୂଳବାସିନ୍ଦା ତଥା ଧନୁପାଲି ଥାନା ମୋତିଝରଣ କ୍ଷେତିପଡ଼ାର ମହମ୍ମଦ ଆଲମଗିରି ଓରଫ ବଙ୍ଗାଲି(୨୮)। ଟାଉନ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୧/୨୫) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆଲମଗିରି କୌଣସି ମାମଲାରେ ଝାରସୁଗୁଡ଼ା ଜେଲ୍‌ରେ ଥିବା ବେଳେ ଦୁଇଦିନ ତଳେ ଜେଲ୍‌ରୁ ମୁକୁଳିଥିବା ତାଙ୍କ ପରିବାର ଲୋକ କହିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ ବୁଧବାର ରୋଜାନଗରର ମହମ୍ମଦ ମାଜିଦଙ୍କ ଘରେ ଆଲମଗିରି ଚୋରି ଉଦ୍ଦେଶ୍ୟରେ ପଶିଥିଲେ। ଏହା ଜାଣି ମାଜିଦ ପାଟି କରିବାରୁ ସାହିପଡିଶା ଆଲମଗିରିଙ୍କୁ ଧରିଥିଲେ। ଧନୁପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ପରେ ଲୋକେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ଆଲମଗିରିଙ୍କୁ ପିସିଆର୍ ଗାଡ଼ିରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ଥାନାକୁ ଆଣିବା ବାଟରେ ପଚରାଉଚରାବେଳେ ସେ ଘରେ ଚୋରି କରି ୧ଲକ୍ଷ ଟଙ୍କା ଓ ୮ଟି ମୋବାଇଲ ରଖିଥିବା କହିଥିଲେ। ପୋଲିସ ଆଲମଗିରିଙ୍କୁ କ୍ଷେତିପଡ଼ାସ୍ଥିତ ବାସଭବନ ଯାଇଥିଲା। ସେଠାରେ ଯାଞ୍ଚ କରି ପୋଲିସ ମାତ୍ର ୨ଟି ମୋବାଇଲ ଜବତ କରିଥିଲା। ଟଙ୍କା ଓ ଅବଶିଷ୍ଟ ମୋବାଇଲ ଅନ୍ୟତ୍ର ରଖିଥିବା କହିବା ପରେ ପୋଲିସ ତାଙ୍କୁ ଥାନାକୁ ଆଣି ହାଜତରେ ରଖିଥିଲା। ହେଲେ କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିଥିବା ସିସିଟିଭି କ୍ୟାମେରାରୁ ଜଣା ପଡ଼ିଥିଲା। ସକାଳ ପ୍ରାୟ ସାଢ଼େ ୫ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଆଇଆଇସି ଆଦିତ୍ୟ କୁମାର ମହାକୁଡ଼ କହିଛନ୍ତି।

# ଧରାପଡ଼ିଲେ ୪ ବ୍ରାଉନସୁଗାର ବେପାରୀ

## ଡିଲ୍ ବେଳେ ଚଢ଼ାଉ

ଭୁବନେଶ୍ୱର,୨୨।୫(ସତ୍ୟଜିତ୍ ରାଉତ)

ଡିଲ୍ ବେଳେ ମୈତ୍ରୀ ବିହାର ଥାନା ପୋଲିସ ଚଢ଼ାଉ କରି ୪ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆସାହି ଏକାମ୍ର ଭିଲ୍ଲାରେ ରହୁଥିବା ଚନ୍ଦନ ବେହୁରିଆ (୨୪), ବଡ଼ଗଡ଼ ଥାନା ଅନ୍ତର୍ଗତ ମଇଁଷିଖାଲରେ ରହୁଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଡି. ରାଜା(୨୪), ମଇଁଷିଖାଲର କିଶୋର ଲେଙ୍କା (୪୦) ଓ ନୟାଗଡ଼ ଜିଲା ବୋଲଗଡ଼ ଅଞ୍ଚଳର ହରବନ୍ଧୁ ପ୍ରଧାନ ଓରଫ ହରେଶ ସ୍ୱାଇଁ (୪୬)। ସେମାନଙ୍କ ନିକଟରୁ ୪୦ ଗ୍ରାମ ବ୍ରାଉନ୍‌ସୁଗାର, ୨ଟି ମୋବାଇଲ, ଗୋଟିଏ ସ୍କୁଟି (କେଏ୦୩–କେଏମ୍–୧୦୩୩) ଜବତ ହୋଇଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ସାଲିଆ ସାହିରେ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ତେବେ ଚନ୍ଦନଙ୍କ ନାଁରେ ବିଭିନ୍ନ ଥାନାରେ ୩ ମାମଲା ରହିଥିବା ବେଳେ ଡି.ରାଜାଙ୍କ ନାଁରେ ୧୫ ଏବଂ କିଶୋରଙ୍କ ନାଁରେ ୯ଟି ଆପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 07-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ଭଦ୍ରକ (BHC) - ଖୋର୍ଦ୍ଧା ରୋଡ଼ (KUR) ସେକ୍ସନରେ ନୂଆ ଗଡ଼ମଧୁପୁର (NGMP) ଷ୍ଟେସନ ଠାରେ ଏକ ଅତିରିକ୍ତ ଲୁପ ଲାଇନର ପ୍ରାବଧାନ ନିମନ୍ତେ ନୂଆ ଗଡ଼ମଧୁପୁର/ ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (NGMP/SSP) ର ସ୍ଥାନାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ (₹):** 1,14,26,228.10, EMD (₹) : 2,07,100.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.05.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.06.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-153/Q/25-26

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଗାଡ଼ି ଡିମାଣ୍ଡ/ରିକଲ୍ ନୋଟିସ୍**

ବନ୍ଧକପ୍ରାପ୍ତ ସମ୍ପତ୍ତିର ଦଖଲ ନିମନ୍ତେ ରିକଲ୍ ନୋଟିସ୍ ଓ ପ୍ରାକ୍ ସୂଚନା

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବଲାଙ୍ଗିର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜ ପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବଲାଙ୍ଗିର ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ/ରିକଲ୍ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡ଼ି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ବଲାଙ୍ଗିର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ପ୍ରକାଶ କୁମାର ଶୁକ୍ଲା, ପିତା: ହରିଶ କୁମାର ଶୁକ୍ଲା, ସା: ଠିକାଦାର ପଡା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା | ମିଆଦୀ ଋଣ / ଟ.୫,୫୦,୦୦୦/- | ୧୬.୦୪.୨୦୨୫ / ୧୬.୦୪.୨୦୨୫ ସୁଦ୍ଧା ଟ.୫,୨୧,୪୦୯/- +ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ପ୍ରକାଶ କୁମାର ଶୁକ୍ଲାଙ୍କ ନାମରେ ବନ୍ଧକ ଥିବା ମୋଟର କାର (ସମ୍ପତ୍ତି) ଯାହାର ସବିଶେଷ ବିବରଣୀ |

ନିମ୍ନମତେ: ଗାଡ଼ିର ବିବରଣୀ - ପଞ୍ଜିକୃତ ନଂ.: OD 03 AB 5218, ନିର୍ମାଣ ବର୍ଷ: ୨୦୨୪, ମଡ୍ରେଲ: MARUTI ALTO K10 VXI+ 1L AGS BS6, କଲର: ସିଲ୍‌ଭର ସିଲ୍କି ମେଟାଲିକ୍, ଚେସିସ୍ ନଂ.: MA3SFM61SRA246042, ଇଞ୍ଜିନ୍ ନଂ.: K10CN1223203, ଇନସ୍ୟୁରାନ୍ସ ବିବରଣୀ: ପଲିସି ନଂ.: MN0004304309 (୦୮.୦୪.୨୦୨୪ ରୁ ୦୭.୦୪.୨୦୨୫)

ଏତଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରାପ୍ତିର ୧୫ ଦିନ ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପଇଠ କରିବାକୁ ଆପଣଙ୍କୁ କୁହାଯାଇଛି। ଅନ୍ୟଥା ବ୍ୟାଙ୍କ ଗାଡ଼ିକୁ ସିଜ୍ (ଜବତ) କରିବାକୁ ବାଧ ହେବ ଏବଂ ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା / କାଗଜାତ୍ ଅନୁଯାୟୀ ବ୍ୟାଙ୍କର ବକେୟା ଋଣ ଆଦାୟକରଣ ପାଇଁ ଗାଡ଼ିର ବିକ୍ରୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆପଣଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ପରେ, ଉପରୋକ୍ତ ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଗାଡ଼ିକୁ ଆପଣ ବିକ୍ରୟ / ଲିଜ୍ ମାଧ୍ୟମରେ ହସ୍ତାନ୍ତର କରିପାରିବେ ନାହିଁ। ଏହି କ୍ରମରେ, ବ୍ୟାଙ୍କ ସହାୟତା ପାଇଁ ବ୍ୟାଙ୍କର ପ୍ୟାନେଲ ଅନୁଯାୟୀ ଗାଡ଼ିକୁ ପୁନଃଦଖଲ/ ସିଜ୍(ଜବତ)/ବିକ୍ରୟ ପାଇଁ ରିକଭରି ଏଜେନ୍ସି/ସିଜର ଏଜେନ୍ସି ନିୟୋଜିତ କରି ଆବଶ୍ୟକୀୟ ପଦକ୍ଷେପ ନେବ। ବନ୍ଧକ ସମ୍ପତ୍ତିର ପୁନଃଦଖଲ/ ସିଜ୍(ଜବତ) ଏବଂ ବିକ୍ରୟ କାରଣରୁ ସୃଷ୍ଟି ହେବାକୁ ଥିବା କ୍ଷତି କିମ୍ବା ଅସୁବିଧା ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ବ୍ୟାଙ୍କ ବକେୟା ଦେୟ ଆଦାୟ ନିମନ୍ତେ ଉପଯୁକ୍ତ କୋର୍ଟରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ କ୍ଷୁର୍ଣ୍ଣନକରି ଏହି ବିଜ୍ଞପ୍ତି ଜାରି କରିଛି। ପୁନଶ୍ଚ ଆପଣଙ୍କୁ ଜଣାଇ ଦିଆଯାଉଛି କି, ଆପଣ ଏ ସମ୍ବନ୍ଧୀୟ ହୋଇଥିବା ଖର୍ଚ୍ଚ ନିମନ୍ତେ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ଏବଂ ସମସ୍ତ ଖର୍ଚ୍ଚ ବହନ କରିବେ। ଆମେ ଆଶା କରୁଛୁ, ଆପଣ ଏହିପରି ପରିସ୍ଥିତିକୁ ଏଡ଼ାଇବା ପାଇଁ ତୁରନ୍ତ ଋଣ ରାଶି ଜମା କରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

यूनियन बैंक ऑफ इंडिया Union Bank of India भारत सरकार का उपक्रम A Government of India Undertaking

**ଖୋର୍ଦ୍ଧା ଶାଖା**
ଆପଟେକ୍ କମ୍ପ୍ୟୁଟର ନିକଟ, ବିଡିଏ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଇ-ମେଲ୍ : ubin0813737@unionbankofindia.bank

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ପ୍ରାପ୍ତେଷୁ,

**ଋଣଗ୍ରହୀତା: ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଶ୍ରୀ ଚୈତନ୍ୟ ସାହୁ / **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ଉମାମଣୀ ସାହୁ,** ସ୍ୱାମୀ: ଶ୍ରୀ ଚୈତନ୍ୟ ସାହୁ, **୨) ଶ୍ରୀ ଚୈତନ୍ୟ ସାହୁ,** ପିତା: ୰ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧ :** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୪, **ଠିକଣା-୨ :** ରେ-୫୯, ମଙ୍ଗଳା ସାହି, କପ୍ଲେକ୍ସିସ୍-ଆଇଗିଣିଆ ନିକଟ, ଭୁବନେଶ୍ୱର-୭୫୧୦୧୯

ମହାଶୟ/ମହାଶୟା,

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଆମ୍ଭର **ଖୋର୍ଦ୍ଧା ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ତା.୧୫.୦୪.୨୦୨୫**ରିଖରେ ନୋଟିସ୍ ଜାରି କରାଯାଇଥିଲା ଏବଂ ଆପଣମାନଙ୍କ ଶେଷ ଜ୍ଞାତ ଠିକଣାରେ ତାହା ପଠାଯାଇ ଆପଣଙ୍କ ଋଣ ଆକାଉଣ୍ଟର ବକେୟା ରାଶି ପୈଠ କରିବା ପାଇଁ କୁହାଯାଇଥିଲା କିନ୍ତୁ ତାହା ପ୍ରଦାନ କରଯାଇପାରିନଥିଲା। ତେଣୁ ଉକ୍ତ ଡିମାଣ୍ଡ ନୋଟିସ୍‌ର ବିଷୟବସ୍ତୁ ଖବର କାଗଜ ମାଧ୍ୟମରେ ପ୍ରକାଶ କରାଯାଉଛି।

ଆପଣଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥିବା ଋଣ ସୁବିଧା **ତା.୧୪.୦୩.୨୦୨୫**ରିଖରେ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ ହୋଇଛି।

ଋଣ ସୁବିଧା ପ୍ରାପ୍ତ କରିଥିବା ସମୟରେ ଏବଂ ବ୍ୟାଙ୍କ ସପକ୍ଷରେ ସୁରକ୍ଷିତ ସମ୍ପତ୍ତି ସୃଷ୍ଟି କରିବା ସମୟରେ ଆପଣ ଋଣ କାଗଜାତ୍ ସମ୍ପାଦନ କରିଥିଲେ। ଋଣ ସୁବିଧା ଏବଂ ସୁରକ୍ଷିତ ସମ୍ପତ୍ତିର ବିବରଣୀ ନିମ୍ନମତେ:

| କ୍ର. ନଂ. | ଋଣ ପ୍ରକାର | ୧୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ୧୪.୦୪.୨୦୨୫ ସୁଦ୍ଧା ବକେୟା ସୁଧ | ଦେୟ | ମୋଟ ବକେୟା |
|---|---|---|---|---|---|
| ୧ | ମିଆଦୀ ଋଣ | ଟ.୨,୦୪,୮୯୯/- | ଟ.୩,୪୬୭/- | ୦.୦୦ | ଟ.୨,୦୮,୩୬୬/- |
| ୨ | ମିଆଦୀ ଋଣ | ଟ.୮,୯୯,୨୭୩/- | ଟ.୩୫,୨୫୭.୫୭ | ୦.୦୦ | ଟ.୯,୩୪,୫୩୦.୫୭ |
| | ସମୁଦାୟ | ଟ.୧୧,୦୪,୧୭୨/- | ଟ.୩୮,୭୨୪.୫୭ | ୦.୦୦ | ଟ.୧୧,୪୨,୮୯୬.୫୭ |

**ମୋଟ ବକେୟା: ଏଗାର ଲକ୍ଷ ବୟାଳିଶ ହଜାର ଆଠ ଶହ ଛୟାନବେ ଟଙ୍କା ଏବଂ ସତାବନ ପଇସା ମାତ୍ର**

**ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନମତେ:**

**ଶ୍ରୀମତୀ ଉମାମଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ

ତେଣୁ, ଆପଣ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଉପରୋକ୍ତ ନୋଟିସ୍‌ର ସର୍ତ୍ତାବଳୀ ଅନୁସାରେ ଏହି ପ୍ରକାଶନର **୬୦ ଦିନ ମଧ୍ୟରେ** ଉପର କଥିତ ବକେୟା ଦେୟ **ଟ.୧୧,୪୨,୮୯୬.୫୭ (ଏଗାର ଲକ୍ଷ ବୟାଳିଶ ହଜାର ଆଠ ଶହ ଛୟାନବେ ଟଙ୍କା ଏବଂ ସତାବନ ପଇସା ମାତ୍ର)** ସହିତ ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ ବ୍ୟାଙ୍କକୁ ପ୍ରଦାନ କରିବାକୁ କୁହାଯାଉଛି। ଯଦି ଆପଣ ଏଥିରେ ଖିଲାପ କରନ୍ତି ତେବେ ଆମ୍ଭେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁସାରେ ଯେକୌଣସି କିମ୍ବା ସମସ୍ତ ଅଧିକାର ପ୍ରୟୋଗ କରିବାକୁ ବାଧ୍ୟ ହେବୁ।

କଥିତ ଆକ୍ଟର ଧାରା ୧୩(୧୩)ର ସର୍ତ୍ତାବଳୀ ଅନୁସାରେ ଏହି ନୋଟିସ୍ ପ୍ରାପ୍ତି ତାରିଖ ପରେ ଆପଣ ବ୍ୟାଙ୍କର ପ୍ରାକ୍ ସହମତି ବିନା ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ କୌଣସି ପ୍ରକାରେ ହସ୍ତାନ୍ତରୀତ କରିପାରିବେ ନାହିଁ। **ଏତଦ୍ୱାରା ଜଣାଇ ଦିଆଯାଉଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୨.୦୫.୨୦୨୫ — ଆପଣଙ୍କ ବିଶ୍ୱସ୍ତ, ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 09-SBP-TRD-OT-2025-26, ତା.15.05.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳ ଠାରେ ଅନଧିକାର ପ୍ରବେଶକୁ ଅଟକାଇବା ପାଇଁ ହଣ୍ଡପା-ବୋଇଣ୍ଡା ମଧ୍ୟରେ KM 111/7-8 ଠାରେ ଶୃଙ୍ଖ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା, (2) ସମ୍ବଲପୁର ମଣ୍ଡଳର ସମ୍ବଲପୁର - ଅନୁଗୁଳ ସେକ୍ସନ ଠାରେ ଚାରମାଳ-ରେଢ଼ାଖୋଲ ଷ୍ଟେସନ ମଧ୍ୟରେ KM 65.250 ଠାରେ ମାନବଯୁକ୍ତ ସମପାର ସଂ.ST-38 ସ୍ଥାନରେ ଶୃଙ୍ଖ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା, (3) ସମ୍ବଲପୁର ମଣ୍ଡଳର ବୃନ୍ଦାମଲ - ଲପଙ୍ଗା ମଧ୍ୟରେ KM 527/6-7 ଠାରେ ପାଦଚଲା ଉପମାର୍ଗ ର ବ୍ୟବସ୍ଥା, (4) ସମ୍ବଲପୁର ମଣ୍ଡଳର ବୃନ୍ଦାମଲ - ଲପଙ୍ଗା ସେକ୍ସନ ମଧ୍ୟରେ KM 552/12-14 ଠାରେ ପାଦଚଲା ଉପମାର୍ଗ ର ବ୍ୟବସ୍ଥା, (5) ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ଼- ଆଇବି ଷ୍ଟେସନ ମଧ୍ୟରେ KM 0/3-4 ଠାରେ ମାନବଯୁକ୍ତ ସମପାର ସଂ.JT-01A ସ୍ଥାନରେ ଶୃଙ୍ଖ ଉଚ୍ଚତା ବିଶିଷ୍ଟ ଉପମାର୍ଗ ର ବ୍ୟବସ୍ଥା ସମ୍ବନ୍ଧରେ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 40,66,128.48, EMD : ₹ 81,300/-, ଶେଷ ହେବା ଅବଧି: 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.06.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-154/Q/25-26

**Government of Jharkhand**
**Jharkhand Flying Institute**
**A Society Regd. Under Department of Cabinet Secretariat & Vigilance**
**(Civil Aviation Division)**
State Hangar, Birsa Munda Airport Road, Hinoo, Ranchi-834002
E-mail-jfi.govtfly@gmail.com, Website-www.jharkhandaviation.in

Tender Ref. No: -HSS/03/2024-JFI-152,/Ranchi,
Date:-20/05/2025

**e-Tender Notice**

e-Tender under two bid system are invited for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode.
As per the following schedule of events:-

| | | |
|---|---|---|
| 1. | Tender Ref. No. | HSS/03/2024-JFI/152 /Ranchi, Dated- 20/05/2025 |
| 2. | Name of Work | JHARKHAND FLYING INSTITUTE "JFI" invites e-Tender from Service Provider or Non Scheduled Operator's Permit (NSOP) holders for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode. |
| 3. | Tender Participation | Rs. 25,000/- (Rs. Twenty Five Thousand only) Through Online mode. |
| 4. | EMD | Rs.5,00,000/- (Rs. Five Lakhs only) Through Online Mode. |
| 5. | Publish of Tender on website & Start of Submission of e-bids | 23/05/2025 at 03:30 PM |
| 6. | Start of Downloading Tender Documents. | 23 /05/2025 at 03:30 PM |
| 7. | Last date for submission of e-bids. | 11/06/2025 till 03:30 PM |
| 8. | Opening of Technical Bids. | 12/06/2025 at 03:30 PM |
| 9. | Opening of Financial Bids. | After scrutiny of Technical Bid |
| 10. | Time for work completion. | 10 days from the signing of agreement. |
| 11. | Officer Inviting e-Tender | Managing Director, Jharkhand Flying Institute, Govt. of Jharkhand |
| 12. | Help line Number of e-Tender Notice | Mr. Rathour Nitant K. Singh, Section Officer Mob. No. 9472749978, E-Mail- jfi.govtfly@gmail.com |

For further details kindly visit www.jharkhandaivation.in/tenders and for applying online, please visit jharkhandtenders.gov.in

Sd/-
(Capt. S. P. Sinha)
Managing Director
Jharkhand Flying Institute

PR 353166 Civil Aviation(25-26).D

**Office-Superintendent, Phulo-Jhano Medical College Hospital (PJMCH) Dumka (Jharkhand)**

**NOTICE INVITING E-TENDER (NIT)**
**Bidding Document No:- 01/2025-26**

1. Superintendent PJMCH, Dumka (Tender inviting Authority-TIA) invites sealed Bids in two part systems for "**Selection of Agency for Providing Nursing Services , Paramedical Staffs & Other Technical Staffs in PJMCH, Dumka** through e-tender as detailed in the Bidding Document under section Scope of work.
2. **Brief Scope of Work:-**
The aim and objective is to provide **Nursing Services , Paramedical Staffs, Pharmacist Staffs, Other Technical & Non Technical Staffs** in the Health Units of the **PJMCH, Dumka** detailed under the section Scope of work.
3. **Award Methodology**:- Bidder shall be awarded considering least percentage of service charge to PJMCH, Dumka i.e. L1 (Lowest Bidder). Bidder qualifying the Technical bid and meeting the pre-Qualifying criteria shall only be considered for opening of Price Bids. For details regarding "Methodology for selection of Contractor" refer section No. E on **Instruction to Bidders (ITB).**
4. **Salient Features of Bidding Document:-**

| Sl.No. | Details | Timelines/other Particulars |
|---|---|---|
| a. | Date of Publication of Tender on website | 23.05.2025 (1.30 P.M) on www.jharkhandtenders.gov.in |
| b. | Pre-Bid meeting | 29.05.2025 at 1.30 P.M. in the office of the Tender Inviting Authority. |
| c. | Date of Uploading of Final Tender Documents with amendments after pre-bid meeting. | 04.06.2025 at 1.30 PM. |
| d. | Date of Start for Submission | 06.06.2025 from 11.30 A.M. |
| e. | Last Date and time for submission of Bids | 17.06.2025 up to 5.00 P.M. |
| f. | Opening of Technical Bid-PART A | 20.06.2025 at 1.30 P.M. in the office of the Tender Inviting Authority. |
| g. | Bid Security/Earnest Money Deposit (EMD) | Rs. 8,00,000.00 (Eight Lacs). Submission Through online Payment Gateway(Exemption will be allowed as per ''Jharkhand Procurement Policy-2014 For Registered Jharkhand OEM MSMEs Firms /Agencies). |

*Note:- If any of the cut-off date identified above happens to be holiday, the next working day shall be implied.*

5. The complete Bidding document is available on the website www.jharkhandtenders.gov.in .The Tenders should be submitted through e-procurement system only.

Superintendent,
PJMCH, Dumka.

PR.NO.353282 Health Med Edu and Family Welfare(25-26):D

See Career Appointment on every Wednesday & Saturday

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ରୁଲ୍ସ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଆମ୍ଭଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି **ଦଖଲ**କୁ ନିଆଯାଇଛି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ମୁଳିସିଂହ ସହରହାଟ ଶାଖା (୩୪୭୮) / ଋଣଗ୍ରହୀତା: ମେସର୍ସ ମହିମା ଅଳଙ୍କାର, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଫୁଲ କୁମାର ସାହୁ (ବନ୍ଧକଦାତା),** ପିତା: ପ୍ରହଲ୍ଲାଦ ସାହୁ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରଭାତ କୁମାର ସାହୁ,** ପିତା: ପ୍ରହଲ୍ଲାଦ ସାହୁ, ଉଭୟଙ୍କ ଠିକଣା- ସା/ପୋ: ମୁଳିସିଂହ ସହରହାଟ, ଭାୟା: କନକପୁର, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୬ | ୧୭.୦୫.୨୦୨୫ ସୁଦ୍ଧା ଟ.୧୧,୩୫,୨୦୪.୦୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୧.୨୦୨୫ / ୧୭.୦୫.୨୦୨୫ | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଏବଂ ଶ୍ରୀ ପ୍ରଭାତ କୁମାର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୧୫, ପ୍ଲଟ୍ ନଂ.: ୨୪୧୯, ପ୍ଲଟ୍ ନଂ.: ୨୪୨୫, ସମସ୍ତ ଜମିର କିସମ: ଘରବାରି, କ୍ଷେତ୍ର: ଏକର୦.୧୨ଡିସିମିଲି ଏବଂ ପ୍ଲଟ୍ ନଂ.: ୬୫୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ଯାହାର କିସମ: "ଜଳାଶୟ-ଦୁଇ" ଏବଂ ପ୍ଲଟ୍ ନଂ. ୨୪୨୦, କ୍ଷେତ୍ର: ଏକର୦.୦୧ ଡିସିମିଲି, ରାସ୍ତା ଆଡ଼କୁ, ଖାତା ନଂ.: ୯୩୧, ମୌଜା: ମୁଳିସିଂହ, ଥାନା: ତିର୍ତ୍ତୋଲ, ଥାନା ନଂ. ୧୪୩, ଜିଲ୍ଲା: ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଧନେଶ୍ୱର ସାହୁ, ପଶ୍ଚିମ: ବ୍ରହ୍ମାନନ୍ଦ ସାହୁ, ଉତ୍ତର: ରାସ୍ତା, ଦକ୍ଷିଣ: ବ୍ରହ୍ମାନନ୍ଦ ସାହୁ |
| **ସତ୍ୟନଗର ଶାଖା (୧୦୬୦) / ଋଣଗ୍ରହୀତା ଏବଂ ବନ୍ଧକଦାତା: ଦେବଦତ୍ତ ହୋତା, ସ୍ଥାୟୀ ଠିକଣା:** ସା: ଚନ୍ଦ୍ରଶେଖର ନଗର, ପୋ: ରାଜେନ୍ଦ୍ର କଲେଜ, ଥାନା: ବଲାଙ୍ଗୀର ଟାଉନ୍, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୦୧, **ଯୋଗାଯୋଗ ଠିକଣା:** ବିଇ ୩୭, ବ୍ୟାଙ୍କର୍ସ ଏନ୍‌କ୍ଲେଭ, ପ୍ରାଚୀ ବିହାର, ପଳାଶୁଣୀ, ଭୁବନେଶ୍ୱର-୭୫୧୦୨୫ | ୨୧.୦୫.୨୦୨୫ ସୁଦ୍ଧା ଟ.୨୯,୩୯,୪୮୧.୩୧ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୫.୦୨.୨୦୨୫ / ୨୧.୦୫.୨୦୨୫ | ଦେବଦତ୍ତ ହୋତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ./ଖୋଲା ପ୍ଲଟ୍ ନଂ.: ୨୨୧/୯୪୯, ମୌଜା: କୋରଡ଼କଣ୍ଟା, ଜିଲ୍ଲା: ଖୋର୍ଦ୍ଧା, ତହସିଲ/ଡିଏସ୍‌ଆରଓ: ଭୁବନେଶ୍ୱର, ସ୍ଥିତିବାନ, କ୍ଷେତ୍ର: ଏକର୦.୦୨୭ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୪୫୯/୩୩୫୫, (ପରିବର୍ତ୍ତିତ ଖାତା ନଂ.: ୧୦୫୧), କିସମ: ଘରବାରି, ରେଜିଷ୍ଟ୍ରେସନ୍ ସବ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା ଏବଂ ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୩ ଏବଂ କିଛି ଅଂଶରେ ବିଏମ୍‌ସି ଦ୍ୱାରା ନିର୍ମିତ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୨୨୧/୯୫୦ (ସ୍ୱର୍ଣ୍ଣଲତା ନାୟକ), ପଶ୍ଚିମ: ରାସ୍ତା |

ତାରିଖ: ୨୨.୦୫.୨୦୨୫, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଓଡ଼ିଶା କ୍ରିକେଟ ପାଇଁ ଚ୍ୟାଲେଞ୍ଜ

ଘରୋଇ କ୍ରିକେଟର ଗତ ସିଜନରେ ଓଡ଼ିଶା ପ୍ରଦର୍ଶନ ଭଲ ରହି ନ ଥିଲା। ରଣଜୀ ଟ୍ରଫି ହେଉ କି ଦେଓଧର ଟ୍ରଫି କିମ୍ବା ସୟଦ ମୁସ୍ତାକ ଅଲୀ ଟ୍ରଫି, ରାଜ୍ୟ ଦଳର ପ୍ରଦର୍ଶନ ଫିକା ରହିଥିଲା। ଏବେ ନୂଆ ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବାବେଳେ ଓଡ଼ିଶା କ୍ରିକେଟକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବା।



ନିର୍ମଳ କୁମାର ମିଶ୍ର

ଆରମ୍ଭ ହେବାକୁ ଯାଉଛି ଆଉ ଏକ ରଣଜୀ ସିଜନ୍। ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ହେଉଛି ରଣଜୀ ଟ୍ରଫି। ଘରୋଇ କ୍ରିକେଟ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟସୂଚୀ ଘୋଷଣା କରିବାକୁ ଯାଉଛି ବିସିସିଆଇ। ବିଭିନ୍ନ ବର୍ଗରେ ଅନେକ ମ୍ୟାଚ ଖେଳାଯିବ। ସମ୍ଭବତଃ ଗତବର୍ଷ ପରି ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦୨୬ ପର୍ଯ୍ୟନ୍ତ ଅନେକ ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମ ରହିବ। ଏଥିପାଇଁ ବିସିସିଆଇ ତାର ଅନୁବନ୍ଧିତ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକୁ ଘରୋଇ ମ୍ୟାଚ ଆରମ୍ଭ କରିବାକୁ ଅନୁମତି ଦେଇଛି। ଏଥିରେ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକ ତତ୍ପରତା ପ୍ରକାଶ କରିବା ସହିତ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଗୁଡ଼ିକ ଆରମ୍ଭ କରିଛନ୍ତି। ଓସିଏ (ଓଡ଼ିଶା କ୍ରିକେଟ ଆସୋସିଏଶନ୍) ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଭିଜନ ୨୦୩୦କୁ ସଫଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ମୋଟ ଉପରେ ଦେଖିବାକୁ ଗଲେ ଆମର ଭିଜନ-୨୦୨୪ ଅନେକ ଦୃଷ୍ଟି କୋଣରୁ ବିଫଳ ହୋଇଛି। ମହିଳା ସିନିୟର କ୍ରିକେଟକୁ ଛାଡିଦେଲେ ଆମେ ଆଖିଦୃଶିଆ ସଫଳତା ପାଇପାରିନେ। ରଣଜୀ ଟ୍ରଫିରେ ସିନିୟର ଖେଳାଳିଙ୍କ ସଫଳତା ଆଦୌ ଲୋକଲୋଚନକୁ ଆସିପାରିନି। ଭଲ ପ୍ରଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରିଥିଲେ ମଧ୍ୟ ବିଫଳତାର କାରଣ ଆମେ ଖୋଜିବାକୁ ଆରମ୍ଭ କରିଛେ। ପୁନର୍ବାର ମାଷ୍ଟର ପ୍ଲାନ ମାଧ୍ୟମରେ ଭିଜନ ୨୦୩୦ ମଧ୍ୟରେ କିଛି ସଫଳତା ପାଇବାକୁ ଲକ୍ଷ୍ୟ ରହିଛି।

ସିନିୟର ଖେଳାଳିଙ୍କ ପାଇଁ ବର୍ତ୍ତମାନ ମୁଖ୍ୟ ଟୁର୍ନାମେଣ୍ଟ ହେଲା ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି। ଏହା ମଧ୍ୟରେ ବହୁ ଦିନିଆ ରଣଜୀ ଟ୍ରଫି ରହିଥିବା ବେଳେ ଏକଦିବସୀୟ ଓ ଟି୨୦ ମ୍ୟାଚ ହ୍ୱାଇଟ ବଲରେ ଖେଳାଯାଉଛି। ଏବେ କିଛି ସିନିୟର ଖେଳାଳିଙ୍କୁ ଅଭ୍ୟାସ ପାଇଁ ଶ୍ରୀଲଙ୍କା ଗସ୍ତରେ ପଠାଇଛି ଓସିଏ। କେତେଜଣ ଖେଳାଳି ସେଠାରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଇମର୍ଜିଂ ଦଳ ବିପକ୍ଷରେ ଖେଳି ପ୍ରଦର୍ଶନରେ କେତେ ପରିମାଣରେ ଉନ୍ନତି ଆସିବ ତାହାକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ଗତ ସିଜନରେ ଗ୍ରୁପ୍-ଏରେ ଓଡ଼ିଶା ୮ ଦଳ ମଧ୍ୟରେ ୧୭ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲା। ଓଡ଼ିଶା ତଳକୁ ରହିଥିଲେ କେବଳ ତ୍ରିପୁରା ଓ ମେଘାଳୟ। ତେଣୁ ଘରୋଇ ମାଟିରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଓଡ଼ିଶା ପାଇଁ ସ୍ୱତନ୍ତ୍ର ରଣନୀତି କରିବାକୁ ଟିମ୍ ମ୍ୟାନେଜମେଣ୍ଟ ଉପ୍ରର ହେବା ଆବଶ୍ୟକ। ଗତ ସିଜନରେ ପେସ୍ ବୋଲିଂ ଆମ ଶକ୍ତି ଥିଲା। ମାତ୍ର ଘରୋଇ ମାଟିରେ ନବାଗତ ତାପସ ଦାସ, ସୁନୀଲ ରାଉଳ, ରାକେଶ ମହନ୍ତି ଓ ଦେବବ୍ରତ ପ୍ରଧାନଙ୍କ ପରି ପେସ୍ ବୋଲର ଓ ଘରୋଇ କଳାହାଣ୍ଡି କପ୍‌ରେ ଦମ୍ଦାର ପ୍ରଦର୍ଶନ କରିଥିବା ସୁମିତ ଶର୍ମା, କାର୍ତ୍ତିକ ବିଶ୍ୱାଳ ଓ ତାରେଣୀ ଶ'ଙ୍କ ପରି ବୋଲର ଫାଇଦା ନେଇପାରି ନ ଥିଲେ। ୭ଟି ମ୍ୟାଚ ଖେଳିଥିଲା ଓଡ଼ିଶା। ବର୍ଷା ଯୋଗୁ ତ୍ରିପୁରା ସହ ମ୍ୟାଚ ବାତିଲ ହୋଇଥିଲା। ଜମ୍ମୁ ଓ କଶ୍ମୀର ସହ ମ୍ୟାଚ ଡ୍ର। ବରୋଦା ସହ ୯୮ ରନ୍‌ରେ ବଡ଼ ବ୍ୟବଧାନରେ ପରାସ୍ତ। ମୁମ୍ବାଇଠାରୁ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ। ମହାରାଷ୍ଟ୍ର ବିପକ୍ଷରେ ୩ ଉଇକେଟରେ ବିଜୟୀ ହୋଇଥିଲା। ମେଘାଳୟ ବିପକ୍ଷରେ ଏକ ଇନିଂସ ଓ ୫୬ରନ୍‌ରେ ବିଜୟୀ ହେବା ପରେ ସର୍ଭିସେସ୍ ନିକଟରୁ ୧୦ ଉଇକେଟରେ ପରାଜୟ ଦଳ ପାଇଁ ବେଶ୍ ମହଙ୍ଗା ପଡ଼ିଥିଲା।

ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବାତିଲ ହେବାରୁ ଓଡ଼ିଶାର ଆରମ୍ଭ ଭଲ ହୋଇପାରି ନ ଥିଲା। ମୋଟ ଉପରେ ଦେଖିବାକୁ ଗଲେ ୨ଟି ବଡ଼ ପରାଜୟ ଓ ଦୁର୍ବଳ ରଣନୀତି ପାଇଁ ସମସ୍ୟା ଆସିଥିଲା। ଦୁର୍ବଳ ମେଘାଳୟ ବିପକ୍ଷରେ ୫୪୮ ରନ୍ ଓଡ଼ିଶାର ସର୍ବାଧିକ ସ୍କୋର ରହିଥିଲା। ଷ୍ଟାର ବ୍ୟାଟର ଗୋବିନ୍ଦ ପୋଦ୍ଦାର ୬ ମ୍ୟାଚରୁ ୩୬୫ରନ୍ କରିଥିବା ବେଳେ ୧୩୩ରନ୍ ସର୍ବାଧିକ ଥିଲା। ସୁମିତ ଶର୍ମା ୫ ମ୍ୟାଚରୁ ୧୭ ଉଇକେଟ ଓ ଗୋବିନ୍ଦ ପୋଦାର ୬ଟି ମ୍ୟାଚରୁ ୧୩ ଉଇକେଟ ନେଇଥିଲେ। ଆମ ଖେଳାଳିମାନେ ବ୍ୟାଟିଂ ଓ ବୋଲିଂ ତାଲିକାର ୨୦ ମଧ୍ୟରେ ସ୍ଥାନ ପାଇଲେ ଜାତୀୟ ଚୟନ କର୍ତ୍ତା ଓ ବିସିସିଆଇର ଦୃଷ୍ଟିଆକର୍ଷଣ କରିହୁଅନ୍ତା। ୫୫ତମ ସ୍ଥାନରେ ସନ୍ଦୀପ ପଟ୍ଟନାୟକ ରହିଥିବା ବେଳେ ୬୩ ତମ ସ୍ଥାନରେ ସୁମିତ ଶର୍ମା ରହିଥିଲେ।

ସେହିପରି ଲୋକପ୍ରିୟ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଅତି ଦୟନୀୟ ପ୍ରଦର୍ଶନ କରିଥିଲା ଓଡ଼ିଶା ଦଳ। ଗ୍ରୁପ-ଡିରେ ଦଳ ୬ଟି ମ୍ୟାଚ ଖେଳି ମାତ୍ର ଗୋଟିଏରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ସପ୍ତମ ସ୍ଥାନରେ ଥିଲା। ଆମ ବ୍ୟାଟର୍ସ ଓ ବୋଲର୍ସମାନେ ନିହାତି ଖରାପ ପ୍ରଦର୍ଶନ କରିଥିଲେ। ସର୍ବାଧିକ ଟି୨୦ ମ୍ୟାଚ ଖେଳାଯାଉଛି କ୍ଲବ କ୍ରିକେଟ ଗୁଡିକରେ। ଏପରିକି ଅନେକ ଅଭ୍ୟାସମୂଳକ ମ୍ୟାଚ ଆମନ୍ତ୍ରିତ ଦଳଗୁଡ଼ିକ ସହ ଖେଳୁଛନ୍ତି। ମାତ୍ର ପ୍ରଦର୍ଶନରେ ଉନ୍ନତି ଆସୁନାହିଁ। ଫଳ ସ୍ୱରୂପ ଆଇପିଏଲ୍ ପାଇଁ ଓଡ଼ିଶାର ୧୬ ଖେଳାଳି ପଞ୍ଜୀକୃତ ହୋଇଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ପ୍ରକାଶ କଲେନାହିଁ। କାରଣ ଜାତୀୟ ସ୍ତରରେ ଆମ ଖେଳାଳିମାନେ ବିଫଳ। ବିଜୟ ହଜାରେ ଟ୍ରଫିରେ ମଧ୍ୟ ଆମର ଅଭିଯାନ ଗ୍ରୁପ ପର୍ଯ୍ୟାୟରେ ଶେଷ ହୋଇଥିଲା। ବାସ୍ତବିକ ଦେଖିବାକୁ ଗଲେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆଙ୍କ ପରି ଦାମୀ କୋଚ ଆମକୁ ଯେଉଁ ସଫଳତା ଦେଇପାରି ନାହାନ୍ତି ଆମର ଘରୋଇ ପୂର୍ବତନ ରଣଜୀ ଖେଳାଳିମାନେ ତାହା କରି ଦେଖାଇଛନ୍ତି। ରଶ୍ମିରଞ୍ଜନ ପରିଡା, ଦେବାଶିଷ ମହାନ୍ତି ଓ ଲଲିତେନ୍ଦୁ ମହାପାତ୍ରଙ୍କ ସମୟରେ ପାଇଥିବା ସଫଳତା ଏମାନଙ୍କ ସମୟରେ ମିଳିନାହିଁ। ୨୦୧୬-୧୭ ଓ ୨୦୧୯-୨୦ ସିଜନ୍‌ର ସଫଳତା ଆମକୁ ହାସଲ କରିବାକୁ ପଡ଼ିବ। ଆମ ସିନିୟର ଓ ଜୁନିୟର ଖେଳାଳିଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେବ।





ଚଳିତ ଆଇପିଏଲ୍‌ରେ ଏକାଧିକ ଯୁବ ଖେଳାଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଜାତୀୟ ଦଳ ପାଇଁ ସଜବାଜ ହେଉଛନ୍ତି। ଇତି ମଧ୍ୟରେ ଓସିଏ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସିଜନରେ ସେପରି ଚମତ୍କାରିତା ଦେଖାଇ ନ ଥିବା ସୁରେନ୍ଦ୍ର ଭାବେଙ୍କୁ ସିନିୟର ପୁରୁଷ ଦଳର ମୁଖ୍ୟ କୋଚ ରୂପେ ଅପରିବର୍ତ୍ତିତ ରଖିଥିବା ବେଳେ ସୁମନ ଶର୍ମାଙ୍କୁ ମହିଳା ଦଳର ମୁଖ୍ୟ କୋଚ କରିଛି। ଅନେକ ପୂର୍ବତନ ସଫଳ ଖେଳାଳି ଏବଂ ପୂର୍ବ ସିଜନର ସିଲେକ୍ଟର ଓ କୋଚମାନଙ୍କୁ ପୁନର୍ବାର ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ବସନ୍ତ ମହାନ୍ତି, ସୌରଭ ସେହଗଲ, ପ୍ରଭଞ୍ଜନ ମଲ୍ଲିକ, ସୁବିତ ବିଶ୍ୱାଳ, ରଶ୍ମିରଞ୍ଜନ ଦାଶ, ପ୍ରୀତମଜିତ୍ ଦାସ, ସୁରେଶ କୁମାର, ଜୟପ୍ରକାଶନ, ଦେବବ୍ରତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ, ଦେବଦତ୍ତ ଲେଙ୍କା ପ୍ରମୁଖ ସାମିଲ ଅଛନ୍ତି। ପୂର୍ବରୁ ଏମାନଙ୍କର ଅନେକ ଅଭିଜ୍ଞତା ରହିଛି। ସେମାନେ ଗତଥର ହୋଇଥିବା ତ୍ରୁଟି ସୁଧାରିବା ସହିତ ଉପଯୁକ୍ତ ଖେଳାଳି ଚୟନ କରିବା ଓ ଯୋଗ୍ୟ ଖେଳାଳିମାନଙ୍କୁ ନେଇ କ୍ୟାମ୍ପ ମାଧ୍ୟମରେ ଦୋଷ ଦୁର୍ବଳତା ପ୍ରତି ଧ୍ୟାନ ଦେଲେ ନିଶ୍ଚୟ ସଫଳତା ମିଳିବ। ମହିଳା ଦଳ ଗତ କିଛିବର୍ଷ ହେବ ଭଲ ପ୍ରଦର୍ଶନ କରୁଛି। ସିନିୟର ଦଳ ମଧ୍ୟ ମୁମ୍ବାଇ, ଗୁଜରାଟ, କୋଲକାତା, ଦିଲ୍ଲୀ, କେରଳ, ୟୁପି ପରି ଶକ୍ତିଶାଳୀ ଟିମ୍‌ଙ୍କୁ ହରାଇଛି। ପୂର୍ବତନ ଖେଳାଳି ଓ ଅଧିନାୟକ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ଚିଲିତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି।

ସେହିପରି ସିନିୟର ପୁରୁଷ ଚୟନ କମିଟିରେ ଅଭିଜ୍ଞ ପୂର୍ବତନ ଫାଷ୍ଟବୋଲର ସୌରଜିତ୍ ମହାପାତ୍ର, ଅବକାଶ ଖଟୁଆ, ଶୁଭ୍ରଜିତ୍ ସାହୁ ରହିଥିବା ବେଳେ ଜୁନିୟର କମିଟିରେ ନଟରାଜ ବେହେରା, ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାଶ ସ୍ଥାନ ପାଇଛନ୍ତି। ଓମେନ୍ସ କମିଟି ଚେୟାର ପର୍ସନ ସସ୍ମିତା ପଟ୍ଟନାୟକ, ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ ଓ ତିଳୋତ୍ତମା ସାହୁ ରହିଛନ୍ତ। କୁଳମଣି ପରିଡା ଓ ନରେନ୍ଦ୍ର ହିରୱାନୀ ସ୍ପିନ ବୋଲିଂ ପରାମର୍ଶଦାତା ଅଛନ୍ତି। ସମସ୍ତଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ବାରମ୍ବାର ଖରାପ ପ୍ରଦର୍ଶନ କରୁଥିବା ଓଡ଼ିଶା ପାଇଁ ଭିଜନ ୨୦୩୦ ସହାୟକ ହେବ ବୋଲି ଆଶା କରାଯାଏ।

## କଣ୍ଢେଆର

ସିଆଇଏସଏଫ୍‌ର ଛପନ ବର୍ଷର
ଇତିହାସରେ ଏ କଥା
ପ୍ରଥମଥର ପାଇଁ ପଇଁତିରିଶ ବର୍ଷୀୟ
ସବ୍‌ଇନ୍‌ସପେକ୍ଟର ଗୀତା
ଦେଖାଇ ସାହସିକତା
ଏଭରେଷ୍ଟ ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ
ପାଇଛନ୍ତି ସଫଳତା।



ଗିରୋ ଡି ଇଟାଲିଆ ସାଇକେଲ
ରେସ୍‌ରେ ନବମ ଷ୍ଟେଜ୍
ବେଲଜିୟମର ୱାଉଟ ଭାନ ଆର୍ଟ
ଜିତିଛି ଦେଖ ତା ତେଜ
ଶହେ ଏକାଅଶୀ କିମି ବାଜ
ଚାରି ଘଣ୍ଟା ପନ୍ଦର ମିନିଟରେ ଗଲା
ଟୋକାର ଷ୍ଟାମିନା ହେଜ।

ପଇଁତିରିଶ କିମି ରେସ୍‌ରେ ରଚିଛି
ଇଟାଲି ମାସିମୋ ଯଶ
ଦୁଇ ଘଣ୍ଟା ବ୍ୱେଷ୍ଟି ମିନିଟ ତେୟାଳିଶ
ସେକେଣ୍ଡରେ କରି ଶେଷ
କମ୍ପାୟର କର କୁଶ
ଆମେ ଆଉ ଏଠି ମଣିଷ ମାନୁନା
ଥରେ ଉଠିଗଲେ ନିଶ।

—ସୁବାସ ଚନ୍ଦ୍ର ପ୍ରଧାନ

# ସାଫ୍ ଫୁଟ୍‌ବଲରେ ଭାରତ ସଫଳ

**ଅରୁଣାଚଳ ପ୍ରଦେଶର ୟୁପିଆଠାରେ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ସପ୍ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଆଧିପତ୍ୟ ବଜାୟ ରଖିଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ...**

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍ ନିକଟରେ ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥର ସାଫ୍ ଚାମ୍ପିୟନଶିପ୍ ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ହୋଇଥିଲା। ମେ ୯ରୁ ୧୮ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହୋଇ ଆଧିପତ୍ୟ ଅବ୍ୟାହତ ରଖିଛି। ଫାଇନାଲରେ ଗତ ସଂସ୍କରଣର ଚାମ୍ପିୟନ ବାଂଲାଦେଶକୁ ଭାରତ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ବରାବର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଲିଗ୍ ପର୍ଯ୍ୟାୟର ଭାରତ ଗ୍ରୁପ୍ 'ବି'ରେ ଭାରତ ଶ୍ରୀଲଙ୍କାକୁ ୮-୦ ଓ ନେପାଳକୁ ୪-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଭାରତ ୩-୦ ଗୋଲରେ ମାଲଦିଭ୍ସକୁ ପରାସ୍ତ କରି ଟାଇଟଲ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲା। ଭାରତର ଡାନି ମେଇତେଇ ସର୍ବାଧିକ ୫ ଗୋଲ କରି ଟପ୍ ସ୍କୋରର ବିବେଚିତ ହୋଇଥିଲେ। ସୂରଯ ସିଂ ଆହେଉବାମ୍ ଶ୍ରେଷ୍ଠ ଗୋଲକିପର ଓ ମହମ୍ମଦ ଆର୍ବାଶ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ପାଇଥିଲେ। ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଭାରତକୁ ଫେୟାର ପ୍ଲେ ପୁରସ୍କାର ମଧ୍ୟ ମିଳିଥିଲା। ଏହାକୁ ମିଶାଇ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହୋଇଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ। ନେପାଳ ୨୦୧୫ ଓ ୨୦୧୭ରେ ୨ ଥର ଚାମ୍ପିୟନ ହୋଇଥିବାବେଳେ ବାଂଲାଦେଶ ୨୦୨୪ରେ ଥରେ ଟାଇଟଲ ହାସଲ କରିଛି।

**ଇତିହାସ:** ସାଫ୍ ଫୁଟବଲ ୩ ବର୍ଗ ୧୮, ୧୯ ଓ ୨୦ ବର୍ଷରୁ କମ୍‌ରେ ଅନୁଷ୍ଠିତ ହୋଇଥାଏ। ଆଗକୁ ଯେଉଁ ବଡ଼ ଟୁର୍ନାମେଣ୍ଟ ଆସୁଥାଏ ତାହାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ସ୍ୱରୂପ ସେହି ବୟସ ବର୍ଗରେ ସାଫ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଥାଏ। ୨୦୧୫ରେ ନେପାଳରେ ଟୁର୍ନାମେଣ୍ଟ ପ୍ରଥମେ ଆରମ୍ଭ ହୋଇଥିଲା। ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଭାରତକୁ ହରାଇ ନେପାଳ ଚାମ୍ପିୟନ ହୋଇଥିଲା। ୨୦୧୭ରେ ଏହା ୧୮ ବର୍ଷରୁ କମ୍ ବର୍ଗରେ ହୋଇଥିଲା ଏବଂ ଫାଇନାଲରେ ବାଂଲାଦେଶକୁ ହରାଇ ନେପାଳ ଟାଇଟଲ ବଜାୟ ରଖିଥିଲା। ୨୦୧୯ରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବର୍ଗରେ ଭାରତ ପ୍ରଥମଥରପାଇଁ ବିଜୟ ମୁକୁଟ ପିନ୍ଧିଥିଲା। ଫାଇନାଲରେ ଭାରତ ୨-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ୨୦୨୨ରେ ପ୍ରତିଯୋଗିତା ୨୦ ବର୍ଷରୁ କମ୍ ବର୍ଗରେ ଆୟୋଜନ ହୋଇଥିବାବେଳେ ଭାରତ ଫାଇନାଲରେ ଅତିରିକ୍ତ ସମୟରେ ବାଂଲାଦେଶକୁ ୫-୨ ଗୋଲରେ ହରାଇ ଟ୍ରଫି ନିଜ ପାଖରେ ରଖିଥିଲା। ୨୦୨୩ରେ ୧୯ ବର୍ଷରୁ କମ୍ ବର୍ଗରେ ଭାରତ ଚାମ୍ପିୟନ ହୋଇ ଟ୍ରଫି ଜିତିବାରେ ହ୍ୟାଟ୍ରିକ କରିଥିଲା। ଫାଇନାଲରେ ଭାରତ ୩-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୨୦୨୪ରେ ୨୦ ବର୍ଷରୁ କମ୍ ବର୍ଗରେ ବାଂଲାଦେଶ ୪-୧ ଗୋଲରେ ନେପାଳକୁ ହରାଇ ପ୍ରଥମଥରପାଇଁ ଟ୍ରଫି ବିଜୟ ସ୍ୱାଦ ଚାଖିଥିଲା। ୨୦୨୫ରେ ଭାରତ ପୁଣି ବିଜୟ ପଥକୁ ଫେରି ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ସଫଳ ଦଳ ହେବାର ଗୌରବ ଅର୍ଜନ କରିଛି।

### ଟୁର୍ନାମେଣ୍ଟ ଫଳାଫଳ

| ସିଜନ | ବୟସବର୍ଗ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଗୋଲ ବ୍ୟବଧାନ |
|---|---|---|---|---|---|
| ୨୦୧୫ | ୧୯ ବର୍ଷରୁ କମ୍ | ନେପାଳ | ନେପାଳ | ଭାରତ | ୫-୪(ପେନାଲ୍ଟି) |
| ୨୦୧୭ | ୧୮ ବର୍ଷରୁ କମ୍ | ଭୁଟାନ | ନେପାଳ | ବାଂଲାଦେଶ | ରାଉଣ୍ଡ ରବିନ |
| ୨୦୧୯ | ୧୮ ବର୍ଷରୁ କମ୍ | ନେପାଳ | ଭାରତ | ବାଂଲାଦେଶ | ୨-୧ |
| ୨୦୨୨ | ୨୦ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୫-୨(ଅତିରିକ୍ତ ସମୟ) |
| ୨୦୨୩ | ୧୯ ବର୍ଷରୁ କମ୍ | ନେପାଳ | ଭାରତ | ପାକିସ୍ତାନ | ୩-୦ |
| ୨୦୨୪ | ୨୦ ବର୍ଷରୁ କମ୍ | ନେପାଳ | ବାଂଲାଦେଶ | ନେପାଳ | ୪-୧ |
| ୨୦୨୫ | ୧୯ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୪-୩(ପେନାଲ୍ଟି) |

### ୨୦୨୫ର ପୁରସ୍କାର

**ଟପ୍ ସ୍କୋରର:** ଡାନି ମେଇତେଇ (୫ ଗୋଲ), ଭାରତ
**ଶ୍ରେଷ୍ଠ ଗୋଲକିପର:** ସୂରଯ ସିଂ ଆହେଉବାମ, ଭାରତ
**ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର:** ମହମ୍ମଦ ଆର୍ବାଶ, ଭାରତ
**ଫେୟାର ପ୍ଲେ:** ଭାରତୀୟ ଦଳ




ଚାମ୍ପିୟନ ଭାରତୀୟ ଦଳ



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 177 | ମୂଲ୍ୟ ₹୭/-

Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26

TETRAHEDRON GROUP OF INSTITUTIONS
TANGI, CUTTACK
Tangi,Cuttack, For Admission Contact : 8093064522, 8093064525,9040363480, 7008222977

OUR CHSE RESULT -2025
99% 1st Division
RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

581 ABINASH PANDA R. NO. : 312CZ142 MOB. : 8926374475

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA ANUPRITA R.NO. : 321CZ001 M. : 6372522094
574 ANANYA R.NO. : 312CZ018 M. : 9178552089
574 PRIYADARSHINI R.NO. : 312CZ020 M. : 8456010982
574 RUTUPURNA R.NO. : 312CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 312CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
571 PRIYANKA R.NO. : 312CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
566 SAI ARPIT R.NO. : 312CZ118 M. : 8917543238
566 RUMITA R.NO. : 312CZ024 M. : 9178152840
565 SUBHAM HARAPRIYA R.NO. : 321CZ033 M. : 9668325122
564 SHUBHAM R.NO. : 312CZ007 M. : 9937533036
564 SUBHANKAR R.NO. : 312CZ026 M. : 7064837405

564 BABUL R.NO. : 312CZ093 M. : 7381834918
564 PRAGYNA PARMITA R.NO. : 321CZ065 M. : 9937431840
564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
563 MOHIT R.NO. : 312CZ003 M. : 7042591220
563 RUTENDRA R.NO. : 312CZ005 M. : 8376946436
563 RAJESH R.NO. : 312CZ008 M. : 9437824159
563 CHINMAYA R.NO. : 312CZ097 M. : 7750985855
563 RUDRA NARAYAN R.NO. : 312CZ104 M. : 7908558686
563 PRIYANKA R.NO. : 321CZ039 M. : 9883320962
563 ANANYA R.NO. : 321CZ063 M. : 7894879290
563 RASHMITA R.NO. : 321CZ122 M. : 8249824883
562 DIBYAJYOTI R.NO. : 312CZ086 M. : 9692268696

562 JYOTI RANJAN R.NO. : 312CZ153 M. : 9861434928
561 SITANSHU R.NO. : 312CZ105 M. : 9178515603
561 PRITISMITA R.NO. : 321CZ007 M. : 9861306001
561 PRIYANSHA R.NO. : 321CZ010 M. : 8961657265
561 SOUVAGYALAXMI R.NO. : 321CZ022 M. : 9658552663
561 PRAVASINI R.NO. : 321CZ173 M. : 9348692263
560 TANMAY R.NO. : 312CZ006 M. : 9439099339
560 RAJESH R.NO. : 312CZ145 M. : 8328867688
560 SOUMYA RANJAN R.NO. : 312CZ158 M. : 9938372676
560 PRATEEK R.NO. : 312CZ234 M. : 9777204680
560 RUDDHI SWASTIK R.NO. : 312CZ581 M. : 7539031933
560 SUBHASMITA R.NO. : 321CZ011 M. : 8338816946
560 PRANGYA R.NO. : 321CZ511 M. : 6370197299

We are expecting 140 to 180 Govt. MBBS Admissions in 2025
71 MBBS IN 2024 | 54 MBBS IN 2023
We are expecting 10 to 20 IIT '& NIT Admissions in 2025

OUR ACHIEVERS IN AIIMS
710 AIIMS,BBSR(2024) KAMALAKANTA Mob. : 8249906661
700 AIIMS,RAIPUR(2024) RAHUL M. : 6372741832
697 AIIMS,DELHI(2021) SUSHREE SANGITA Mob. : 9810975701
695 AIIMS,GRORAKHAPUR(2024) OMM PRAKASH M. : 6372521307
695 SWAGATIKA M. : 7381845430 AIIMS GORAKHPUR(2024)
680 DEVASIS SAHOO Mob. : 9861492793 AIIMS BBSR(2021)
675 ASHIRBAD BISWAL Mob. : 7846821473 AIIMS GORAKHPUR(2023)
670 ADITYA NARAYAN M. : 8260333635 AIIMS MADURAI(2024)
670 ANUPAM NAYAK Mob. : 7205755502 AIIMS KALYANI (2023)
665 SATYAJIT NAYAK Mob. : 8260601336 AIIMS RAIPUR(2022)

Qualifying & Scholarship Test for NEET :
25th May, 1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)
FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

Name of the Exam Centres :
TETRAHEDRON Group of Institutions Tangi, Cuttack M. : 9040363480
TETRAHEDRON Coaching Arunodaya Nagar, Cuttack M. : 8093064572
OASIS Gopabandhu Square Bhubaneswar M. : 8093064525
SRIRAM HIGHER Secondary School Soro, Near NH-16,Balasore M. : 8093664112
ARYAVAT Higher Secondary School Soubhagya Nagar, Angul M. : 9348300700
SANDILYA College of Science Dehuripali, Budharaja,Sambalpur M. : 9040363480

One Year NEET Coaching Starts from 29th May, 4th June & 22nd June 2025

TETRAHEDRON
HIGHER SECONDARY SCHOOL
WOMEN'S HIGHER SECONDARY SCHOOL
RESIDENTIAL COACHING FOR NEET & JEE
www.tetrahedroncoaching.com

**ଧାନ କ୍ରୟ ପାଇଁ ପ୍ରଚାର ରଥର ଶୁଭାରମ୍ଭ**

ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗୀର ଜିଲା ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ରବି ଋତୁ ଧାନ କ୍ରୟ ପାଇଁ ପ୍ରଚାର ରଥର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଯୋଗଦେଇ ପ୍ରଥମେ ପୂଜାର୍ଚ୍ଚନା କରିବା ପରେ ରଥର ଶୁଭାରମ୍ଭ କରିଥିଲେ। ଏବର୍ଷ ରବି ଋତୁ ପାଇଁ ପାଟଣାଗଡ ନିର୍ବାଚନମଣ୍ଡଳୀର ୨୩ ଗୋଟି ମଣ୍ଡିରେ ଧାନ କ୍ରୟ କେନ୍ଦ୍ର କରାଯାଇଛି। କାର୍ଯ୍ୟକ୍ରମରେ ଆରଏମସିର ମନୋଜ ଷଡ଼ଙ୍ଗୀ, ସେକ୍ରେଟାରୀ କ୍ଷମାନିଧି ଗଡତ୍ୟା, ସରକାରୀ କର୍ମଚାରୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ ।

# ‘ସମନ୍ୱୟ, ସଚେତନତା ଉପରେ ଗୁରୁତ୍ୱ’

**ବଲାଙ୍ଗୀର,୨୨।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶାରେ ନୂଆ ସରକାର ଆସିବା ପରେ ବ୍ୟକ୍ତିଠାରୁ ଗୋଷ୍ଠୀ, ଗାଁଠୁ ସହର ପର୍ଯ୍ୟନ୍ତ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ଅଳ୍ପଦିନ ଭିତରେ ବଲାଙ୍ଗୀର ଜିଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଛି। ଜିଲାରେ ପ୍ରାୟ ୪ ଲକ୍ଷ ୧୪ ହଜାର ପରିବାର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୩ ଲକ୍ଷ ୮୬ ହଜାର ୨୩୦ ପରିବାର ରହିଛନ୍ତି। ଏହାଭିତରୁ ଜିଲାର ପ୍ରାୟ ୨ ଲକ୍ଷ ପରିବାରକୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରି ଥଇଥାନ କରିବା ଯୋଜନା କରାଯାଇଛି। ଏଥିରୁ ସରକାରଙ୍କ ବିଭିନ୍ନ ବିଭାଗରେ ୪୮ ହଜାର ୩୮୨ ପରିବାର ଉପକୃତ ହୋଇଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ପ୍ରାୟ ୧ ଲକ୍ଷ ୫୦ ହଜାର ପରିବାର ଉପକୃତ ହେଉଛନ୍ତି। ଅର୍ଥାତ ସମୁଦାୟ ୨ ଲକ୍ଷ ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି। ଆଗାମୀ ଦିନରେ ଆହୁରି ଅନେକ ଯୋଜନା ପ୍ରସ୍ତୁତ କରି ଅଧିକ ଗରିବ ଲୋକଙ୍କୁ ଏଥିରେ ସାମିଲ କରାଯାଇ ପାରିବ। ଏଥିପାଇଁ ସଚେତନତାର ଅଭାବ ରହିଛି। ଏଣୁ ଅଧିକ ସଚେତନତା ଓ ବିଭାଗୀୟ ସମନ୍ୱୟ ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ



ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସମୀକ୍ଷା କରୁଛନ୍ତି।

**ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା ବୈଠକ**

ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଗୁରୁବାର ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କହିଛନ୍ତି।

ଏହି ସମୀକ୍ଷା ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ଟିଟିଲାଗଡ଼ ଉପଜିଲାପାଳ ରେହାନ ଖେତ୍ରି , ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ବହୁ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଡିଓ, ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଦାଦନ ଶ୍ରକିକ ସମସ୍ୟା ଓ ଏହାର ସମାଧାନ , ହର ଘର ଜଳ ଯୋଜନା, ଗ୍ରାମୀଣ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଏମ୍‌ଜିଏନ୍‌ଆରଇଜିଏ ଯୋଜନା ଉପରେ ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆରଇଜିଏରେ ଶ୍ରମିକମାନଙ୍କୁ ଧାର୍ଯ୍ୟ ଦିନର କାମ ମିଳୁଛି କି ନାହିଁ ପଚାରି ଥିଲେ। ଦାଦନ ଶ୍ରମିକ ଚାଲାଣ ରୋକିବା ଦିଗରେ କ'ଣ ନୂଆ ପଦକ୍ଷେପ ନିଆଯାଇଛି ଅଧିକାରୀଙ୍କୁ ପଚାରିଥିଲେ। ଏମଜିଏନ୍‌ଆରଇଜିଏ ଯୋଜନାରେ କେହି କାମ ନକରି ମିଛ ବିଲ୍ ଦେଲେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସରକାର ଲୋକଙ୍କ ପାଇଁ କାମ କରୁଛି ଏବଂ ଏଥିପାଇଁ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

**ସଇଁତଲା,୨୨।୫(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ଥାନା ଅନ୍ତର୍ଗତ ବେଲଗାଁ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ମୃତକ ହେଲେ ଭଦ୍ରା ପଞ୍ଚାୟତ ଅନ୍ତର୍ଗତ ଯୁବାମାଲ ଗ୍ରାମର ମେଘନାଦ ଭୋଇ (୩୮)। ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଯୁବାମାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରିବାକୁ ମେଘନାଦ ଯାଇଥିଲେ। ବିଦ୍ୟୁତ୍

**ପରିବାରର ଜଣଙ୍କୁ ନିଯୁକ୍ତି ଦେବାକୁ ମିଳିଲା ପ୍ରତିଶ୍ରୁତି**

ନ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ପାଖରେ ଥିବା ବିଦ୍ୟୁତ୍ ଖୁମ୍ବରେ ସେ ଚଢ଼ି ବିଦ୍ୟୁତ୍ ସଂଯୋଗ କରୁଥିଲେ। ହଠାତ୍ ଲାଇନ୍ ଆସିଯିବାରୁ ମେଘନାଦ ବିଦ୍ୟୁତ୍ ଆଘାତ ପାଇ ଖୁମ୍ବରୁ ତଳକୁ ପଡ଼ି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସଇଁତଲା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ତେବେ ମୃତଦେହ ଜବତ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ବିଳମ୍ବିତ ରାତିରେ ପୋଲିସ ମୃତଦେହ ଜବତ କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଗୁରୁବାର ସକାଳେ ଟିଟିଲାଗଡ଼ ଡାକ୍ତରଖାନା ନେଇ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗୁରୁବାର ସଇଁତଲା ତହସିଲଦାର ତଥା ମାଜିଷ୍ଟ୍ରେଟ ଆଶିଷ ଏକ୍କା, ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ, ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ପହଞ୍ଚି ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମୃତକଙ୍କ ପରିବାରର ଜଣଙ୍କୁ ଟାଟା ପାୱାରରେ ନିଯୁକ୍ତି ଦିଆଯିବା ସହ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ଘଟିଲେ ମିଳୁଥିବା ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

# ଦେଓଗାଁ ବ୍ଲକ: ବିଭିନ୍ନ ଉନ୍ନୟନ କାମକୁ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା

**ଦେଓଗାଁ,୨୨।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଗୁରୁବାର ଅପରାହ୍ନରେ ବଲାଙ୍ଗୀର ସର୍କିଟ ହାଉସଠାରେ ଦେଓଗାଁ ବ୍ଲକର ବିଭିନ୍ନ ଉନ୍ନୟନ କାମର ଅଗ୍ରଗତି ନେଇ ବ୍ଲକସ୍ତରାୟୀ ଜନପ୍ରତିନିଧି ମଣ୍ଡଳୀ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଯୁବନେତା ଗୋବର୍ଦ୍ଧନ ସାହୁ, ଜୟ ରଣା, ଯୁବନେତା ବିରେନ ଦଲାଇ, ପ୍ରମୋଦ କୁମାର ବହିଦାର, ପ୍ରଶାନ୍ତ ସା, ନୀଳାଞ୍ଚଳ ଦୀପ, ଟଙ୍କଧର ରଣା, ସେନାପତି ରଣା, ମକାରୁ ସାହୁ, ବିଦ୍ୟାଧର ମନହୀରା, ରାଜୁ ମେହେର, ଗୋପାଲ ସା, ଘନଶ୍ୟାମ ପଟେଲ ପ୍ରମୁଖ ମନ୍ତ୍ରୀ ରବିନରାୟଣ ନାଏକଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ବ୍ଲକର ଗ୍ରାମ୍ୟ ଉନ୍ନୟନ ରାସ୍ତା ଖଇରଗୁରାଠାରୁ ମୁଣ୍ଡପଲା, ମାଲପଡା ଛକଠାରୁ କେନ୍ଦୁଘାଟ ଭାୟା ବଡବାହାଲ, ବଲାରପାଲି ଛକରୁ ଭୀମଡୁଙ୍ଗୁରୀ ଭାୟା ବନ୍ଧପାଲି , ଥାଲବନ୍ଧ ଓ କୁନ୍ଦେଇମାଲ, ମହଲାଇଠାରୁ ବଗଡା ଭାୟା ବାବିଯୋର ଓ କଲିଆବାହାଲ ରାସ୍ତାର ନବୀକରଣ କରାଯିବା ପାଇଁ ଦାବି କରିଥିଲେ । ଏହାଛଡା ପ୍ରତିନିଧି ମଣ୍ଡଳୀ ସାଲେପାଲି –ସରଗଡା ରାସ୍ତାର ସୋନଗଡ ନଦୀ ଉପରେ ଉଚ୍ଚପୋଲ ନିର୍ମାଣ, ରାଜପଥ ୨୬ ଠାରୁ ରାଏପାଲି ଓ କୁହିମୁଣ୍ଡାକୁ ସ୍ଥାୟୀ ରାସ୍ତା ନିର୍ମାଣ, ପାନୀୟଜଳର ସୁବିଧା ପାଇଁ ତେଲନଦୀର ବ୍ରାହ୍ମଣୀପଲା ଓ ସୋନଗଡ ନଦୀର ଜରାସିଂହାଠାରେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ , ରାଏପାଲି ଓ ଘୁଚିପାଲି ଗ୍ରାମକୁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।

# ଚାଉଳ ଚୋରି ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

**ଲାଠୋର,୨୨।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସାନଗୁର୍ଜିଭଟା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାଛଡା ଚୋରିରେ ବ୍ୟବହୃତ ଦୁଇଟି ବାଇକ୍ ଜବତ ହୋଇଛି । ପ୍ରକାଶ ଯେ, ଗତ ୧୯ ତାରିଖ ରାତିରେ ସାନଗୁର୍ଜିଭଟା ଗ୍ରାମ ବିଦ୍ୟାଳୟରୁ ୨୫ ବସ୍ତା ଚାଉଳ ଚୋରି ହୋଇଥିବା ନେଇ ସହକାରୀ ଶିକ୍ଷକ ଭଗବାନ ସେଠ ଥାନାରେ ଲିଖିତ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ ୮୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ୬ ଜଣ ନାବାଳକଙ୍କ ସଂପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପରେ ସେହି ନାବାଳକମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ସତ ମାନିଥିଲେ। ନାବାଳକମାନେ ରାତିରେ ବିଦ୍ୟାଳୟରୁ ୨ ଗୋଟି ବାଇକ୍ ଯୋଗେ ଚାଉଳ ନେଇ ଝଲିଆଲିଟି ରେଳ ଫାଟକ ନିକଟରେ ରହୁଥିବା କାହ୍ନୁ ମେହେରଙ୍କୁ ଦେଇଥିବା ପୋଲିସକୁ କହିଥିଲେ। ଏହାପରେ ପୋଲିସ କାହ୍ନୁଙ୍କ ଘର ଉପରେ ଚଢ଼ାଉ କରି ତାଙ୍କ ଘରୁ ୧୨ ବସ୍ତା ଚାଉଳ ଜବତ କରବା ସହ ତାଙ୍କୁ ଗିରଫ କରିଥିଲା। ଚୋରିରେ ବ୍ୟବହୃତ ବାଇକ୍ ମଧ୍ୟ ଜବତ କରିଥିଲା। ସମସ୍ତଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କଲା ପରେ ଗୁରୁବାର କାହ୍ନୁଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରିଥିଲା। ଏହାଛଡା ୬ ନାବାଳକଙ୍କୁ ବଲାଙ୍ଗୀର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।



ଗିରଫ କାହ୍ନୁଙ୍କ ସହ ଜବତ ଚାଉଳ ଓ ବାଇକ୍।

# କଳାରେ ପ୍ରଭାସିନୀ, ବିଜ୍ଞାନରେ ବିବେକ କଲେଜ ଟପ୍ପର

**ଲୋଇସିଂହା,୨୨।୫(ସୁଶାନ୍ତ ବାରିକ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ କଳା ବିଭାଗରେ ୮୩.୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି । କଳା ବିଭାଗ ଛାତ୍ରୀ ପ୍ରଭାସିନୀ ସାହୁ ୬୦୦ ମାର୍କରୁ ୫୦୫ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଲେଜର ବିଜ୍ଞାନ ବିଭାଗରେ ପାସ୍ ହାର ୭୫ ପ୍ରତିଶତ ରହିଛି। ବିଜ୍ଞାନ ବିଭାଗ ଛାତ୍ର ବିବେକ ପଧାନ ୬୦୦ ରୁ ୫୦୪ ମାର୍କ ରଖି କଲେଜ ଟପ୍ପର ହୋଇଥିବା ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଠାରୁ ଜଣାଯାଇଛି। ପ୍ରକାଶ ଯେ, ଚଳିତବର୍ଷ କଳାରେ ୨୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା

**ଲୋଇସିଂହା କଲେଜ**

ବେଳେ ୨୧୮ ଜଣ ପାସ ହୋଇଛନ୍ତି। ତନ୍ମଧ୍ୟରୁ ୯୮ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୫୧ ଜଣ ଓ ତୃତୀୟ ଶ୍ରେଣୀରେ ୬୯ ଜଣ ପାସ୍ ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୧୦୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨ ଜଣ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ, ତୃତୀୟ ଶ୍ରେଣୀରେ ୩୦ ଜଣ ପାସ୍ କରିଛନ୍ତି ।ଏହାଛଡା ୩୦ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ ହୋଇଛନ୍ତି। ୨୭ ଜଣ ଫେଲ୍ ହୋଇଛନ୍ତି।




# ଡକାୟତି ଯୋଜନା ପଣ୍ଡ, ୩ ଗିରଫ

**ସୋନପୁର,୨୨।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରରେ ବୁଧବାର ରାତିରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ଉଦ୍ୟମକୁ ପଣ୍ଡ କରିଛି ସୋନପୁର ଟାଉନ ପୋଲିସ। ଏହି ଘଟଣାରେ ପୋଲିସ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର ୨ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ମହମ୍ମଦ ଜୁଲଫିକର ମଣ୍ଡଳ ଓ ଉତ୍ତରପ୍ରଦେଶର ସତୀଶ ଗୌଡ। ସେମାନଙ୍କ ନିକଟରୁ ଗୋଟିଏ ମେଗାଜିନ, ଜୀବନ୍ତ ଗୁଳି, ଲୁହାରଡ, ଲଙ୍କାଗୁଣ୍ଡ, ୨ଟି ମୋବାଇଲ, ଗୋଟିଏ ଟର୍ଚ୍ଚଲାଇଟ୍ ଜବତ ହୋଇଛି। ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ଏହି ମାମଲାର ତଦନ୍ତ ସମୟରେ ପୋଲିସ ଅନ୍ୟତମ ଅଭିଯୁକ୍ତ ଲିପୁନ ମହାକୁର(୨୦)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ଖଣ୍ଡା, ୬ଟି ମୋବାଇଲ, ବାଇକ ଓ ୪କିଲୋ ଗଞ୍ଜେଇ ଜବତ କରାଯାଇଛି। ସୋନପୁର ଥାନାରେ ଉଭୟ ଘଟଣାକୁ ନେଇ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଡକାୟତି କରିବା ସହ ଛିନତାଇ ଓ ଗଞ୍ଜେଇ ପ୍ୟାକିଂ ସହ ସିଲିଂ କରି ବ୍ୟବସାୟ କରୁଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଗୁରୁବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସହରର ତେଲ ନଦୀପାର୍ଶ୍ୱ ଲେପ୍ରୋସି କଲୋନୀ ନିକଟରେ ୮ ରୁ ୧୦ ଜଣ ବ୍ୟକ୍ତି ଏକାଠି ହୋଇ ଡକାୟତି ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ତାପସ କୁମାର ଭୋଇଙ୍କ ନେତୃତ୍ୱରେ ପାଟ୍ରୋଲିଂ ପୋଲିସ ଟିମ୍ ସୂଚନା ଅନୁଯାୟୀ ଚଢାଉ କରିଥିଲା। ପୋଲିସକୁ ଦେଖି ଡକାୟତମାନେ ଦୌଡି ପଳାଇଥିଲେ। ସେଥିମଧ୍ୟରୁ ପଶ୍ଚିମବଙ୍ଗର ମହମ୍ମଦ ଜୁଲଫିକର ଓ ଉତ୍ତରପ୍ରଦେଶର ସତୀଶଙ୍କୁ ପୋଲିସ ଧରିଥିଲା। ସେମାନଙ୍କୁ ପଚରାଉଚୁରା ପରେ ପୋଲିସକୁ ଅନ୍ୟମାନଙ୍କ ପରିଚୟ ମିଳିଛି। ଏ ସମ୍ପର୍କରେ ସୋନପୁର ଥାନାରେ ଆର୍ମସ ଆକ୍ଟରେ ଏକ ମାମଲା(ନଂ.୧୧୩/୨୫)ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଏସଆଇ ଦିପ୍ତିରଞ୍ଜନ ଦିଗାଲ ମାମଲାର ତଦନ୍ତ କରିବା ସମୟରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସୂଚନା ଆଧାରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା ଏକ ଘରେ ଚଢାଉ କରିବା ସମୟରେ ଲିପୁନ୍‌ଙ୍କୁ ପୋଲିସ କାବୁ କରିଥିଲା। ତାଙ୍କ ନିକଟରୁ ଗଞ୍ଜେଇ ଓ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଲିପୁନଙ୍କ ଘର ସୋନପୁର ଥାନା କୀର୍ତ୍ତିପୁର ଗାଁରେ। ଏ ସମ୍ପର୍କରେ ସୋନପୁର ଥାନାରେ ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା(ନଂ.୧୧୪/୨୨)ରୁଜୁ ହୋଇଛି। ତେବେ ଅଭିଯୁକ୍ତ ମହମ୍ମଦ ଜୁଲଫିକର ମଣ୍ଡଳ ଓ ସତୀଶ ଗୌଡଙ୍କ ଠିକଣା ଏବଂ ପୂର୍ବ ଆପରାଧିକ ପୃଷ୍ଠଭୂମିକୁ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି ନାୟକ କହିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଆଇଆଇସି ତାପସ କୁମାର ଭୋଇ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଗିରଫ ୩ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ ମାରଣାସ୍ତ୍ର।

- ୩ଜଣଙ୍କ ମଧ୍ୟରେ ୨ଆନ୍ତଃରାଜ୍ୟ ଡକାୟତ
- ଡକାୟତି ସହ ଛିନ୍‌ତାଇ ଓ ଗଞ୍ଜେଇ ବ୍ୟବସାୟ କରୁଥିଲେ
- ପିସ୍ତଲ, ଜୀବନ୍ତ ଗୁଳି, ମାଗାଜିନ ଓ ଲୁହାରଡ ଜବତ

# ଚାଉଳ ଚୋରି ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

**ଲାଠୋର,୨୨।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସାନଗୁର୍ଜିଭଟା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାଛଡା ଚୋରିରେ ବ୍ୟବହୃତ ଦୁଇଟି ବାଇକ୍ ଜବତ ହୋଇଛି । ପ୍ରକାଶ ଯେ, ଗତ ୧୯ ତାରିଖ ରାତିରେ ସାନଗୁର୍ଜିଭଟା ଗ୍ରାମ ବିଦ୍ୟାଳୟରୁ ୨୫ ବସ୍ତା ଚାଉଳ ଚୋରି ହୋଇଥିବା ନେଇ ସହକାରୀ ଶିକ୍ଷକ ଭଗବାନ ସେଠ ଥାନାରେ ଲିଖିତ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ ୮୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ୬ ଜଣ ନାବାଳକଙ୍କ ସଂପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପରେ ସେହି ନାବାଳକମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ସତ ମାନିଥିଲେ। ନାବାଳକମାନେ ରାତିରେ ବିଦ୍ୟାଳୟରୁ ୨ ଗୋଟି ବାଇକ୍ ଯୋଗେ ଚାଉଳ ନେଇ ଝଲିଆଲିଟି ରେଳ ଫାଟକ ନିକଟରେ ରହୁଥିବା କାହ୍ନୁ ମେହେରଙ୍କୁ ଦେଇଥିବା ପୋଲିସକୁ କହିଥିଲେ। ଏହାପରେ ପୋଲିସ କାହ୍ନୁଙ୍କ ଘର ଉପରେ ଚଢ଼ାଉ କରି ତାଙ୍କ ଘରୁ ୧୨ ବସ୍ତା ଚାଉଳ ଜବତ କରବା ସହ ତାଙ୍କୁ ଗିରଫ କରିଥିଲା। ଚୋରିରେ ବ୍ୟବହୃତ ବାଇକ୍ ମଧ୍ୟ ଜବତ କରିଥିଲା। ସମସ୍ତଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କଲା ପରେ ଗୁରୁବାର କାହ୍ନୁଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରିଥିଲା। ଏହାଛଡା ୬ ନାବାଳକଙ୍କୁ ବଲାଙ୍ଗୀର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।

# ମାହେଶ୍ୱରୀ ମନ୍ଦିର ଆଲମ ପାଇଁ ଦାରୁଛେଦନ


ଦାରୁ ଛେଦନ କାର୍ଯ୍ୟକ୍ରମ ପରେ ଶ୍ରଦ୍ଧାଳୁମାନେ।

**ବୀରମହାରାଜପୁର,୨୨।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ କର୍ଡାପାଲ ମାହେଶ୍ୱରୀ ମନ୍ଦିର ଆଲମ ପାଇଁ ଦାରୁଛେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୯ଟାରେ ମାଣିକପୁର ସ୍ୱର୍ଗତ ଶଶୀଭୂଷଣ ପାଣିଗ୍ରାହୀଙ୍କ ବଗିଚାରେ ଥିବା ରୋହିଣୀ ଗଛକୁ ପ୍ରଥମେ ବରଣ କରାଯାଇଥିଲା। ପଣ୍ଡିତ ବନମାଳୀ ହୋତା ରୀତିନୀତି ଅନୁସାରେ ପୂଜା ହୋମ କରାଯାଇଥିଲା। ପ୍ରଥମେ ସୁନା ଟାଙ୍ଗିଆ ଓ ରୂପା ଟାଙ୍ଗିଆରେ ଦାରୁ ଛେଦନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କର୍ତ୍ତାଭାବେ ଗାଁର ଗୌନ୍ତିଆ ରାଧାନାଥ ହୋତା କାର୍ଯ୍ୟ କରିଥିଲେ। ମାହେଶରୀ ମନ୍ଦିର ପୂଜକ ଲଳିତ ଦେହୁରୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଦାରୁ ଛେଦନ କାର୍ଯ୍ୟ ସରିବା ପରେ ଏକ ଆଧାତ୍ମିକ ଶୋଭାଯାତ୍ରାରେ ଯଥା ସଙ୍କୀର୍ତ୍ତନ୍ୟ ଓ ପଞ୍ଚବାଦ୍ୟ ଶୋଭାଯାତ୍ରା ମାଣିକପୁର ବାହାରି କର୍ଡାପାଲ ମାହେଶ୍ୱରୀ ମନ୍ଦିର ପାଖକୁ ଅଣାଯାଇଥିଲା। ଗାଁ ସମସ୍ତଙ୍କ ଦୁଆରରେ ପୂର୍ଣ୍ଣ କଳସ ଓ ହାଡର ଜାଳି ଦାରୁଙ୍କୁ ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱଦାସ ହୋତା, ବନମାଳୀ ବିଶ୍ୱାଳ, ଶେଷଦେବ ସାମଲ, ସନତ କୁମାର ସୋତାଙ୍କ ସହିତ କର୍ଡାପାଲ ଗ୍ରାମବାସୀ ସାମିଲ ହୋଇଥିଲେ। ଆସନ୍ତା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ପୂର୍ବରୁ ଆଲମର ନୂତନ ଦାରୁ ପ୍ରତିଷ୍ଠା କରାଯିବ ବୋଲି ପଣ୍ଡିତ ବନମାଳୀ ଚାନ୍ଦ ସୂଚନା ଦେଇଛନ୍ତି।

**ଆଧାତ୍ମିକ ଶୋଭାଯାତ୍ରାରେ ଅଣାଗଲା ଦାରୁ**

# ଲଘୁଚାପ ବର୍ଷା, ତାତିରୁ ଆଶ୍ୱସ୍ତି

**ସୋନପୁର,୨୨।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଗୁରୁବାର ସନ୍ଧ୍ୟାରୁ ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଛି। ଆକାଶକୁ ଘୋଟି ରହିଛି ମେଘ ବାଦଲ। ଏଥିଯୋଗୁ ତାତି କମିଛି। ତେବେ ଲଗାଣ ବର୍ଷାକୁ ନେଇ ରବିଧାନ ଚାଷ କରିଥିବା ଚାଷୀ ଚିନ୍ତାରେ ଅଛନ୍ତି। ଅମଳ ସମୟରେ ବର୍ଷା ଯୋଗୁ ଧାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଗତ ୧୫ ତାରିଖ ଗୁରୁବାର ଠାରୁ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏକ ସପ୍ତାହ ବିତିଥିଲେ ମଧ୍ୟ ମଣ୍ଡିକୁ ଠିକ୍ ଭାବେ ଧାନ ଆସିନି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଅଳ୍ପ କୋଡୋଟି ପାକ୍ସ ଧାନ କିଣା ଆରମ୍ଭ କରିଛି। ଜିଲାରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ମାତ୍ର ୧୨ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ବର୍ଷା ଯୋଗୁ କ୍ଷେତରେ ଥିବା ଧାନ ବିଶେଷ କ୍ଷତି ହେବନି। କିନ୍ତୁ ଅମଳ ହୋଇ ଖଳାରେ ଥିବା ଧାନ ଓଦା ହୋଇଥିବାର ଆଶଙ୍କା ସୃଷ୍ଟି ହୋଇଛି। ଧାନ ଓଦା ହେଲେ ଏହାର ରଙ୍ଗ ପରିବର୍ତ୍ତନ ହୋଇଥାଏ। ଏଫଏକ୍ୟୁମାନର ଧାନ ନହେଲେ ମିଲର୍ସ କଟ୍‌ନି ଛଟ୍‌ନି କରିବେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ସୁରକ୍ଷିତ ଭାବେ ଧାନ ରଖିଛନ୍ତି। ଅମଳ ନ ହୋଇ ବିଲରେ ଧାନ ଥିଲେ ଫସଲ କ୍ଷତି ହେବ ନାହିଁ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଜିଲାରେ ୩୫ହଜାର ୪୪୫ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିବା ଜଣାପଡିଛି।

**ଚିନ୍ତାରେ ରବିଧାନ ଚାଷୀ**



## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଅଜଣା ମହିଳା ମୃତ

**ରାଉରକେଲା,୨୨ା୫(ଦିନେଶ ମିଶ୍ର):** ଭାଲୁଲତା ରେଳ ଷ୍ଟେଶନ ସମ୍ମୁଖରେ ମହୁମାଛି ଆକ୍ରମଣ କରିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବୟସ ପ୍ରାୟ ୫୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବନ୍ଧମୁଣ୍ଡା ଜିଆର୍‌ପି ପୋଲିସ ଗୁରୁବାର ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏ ନେଇ ବନ୍ଧମୁଣ୍ଡା ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୮ଟା) ମୃତ ମହିଳାଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁସାରେ, ବୁଧବାର ରାତିରେ ଭାଲୁଲତା ରେଳ ଷ୍ଟେଶନ ସମ୍ମୁଖରେ ଉକ୍ତ ମହିଳା ଶୋଇଥିଲେ। ଗୁରୁବାର ସକାଳେ ମହୁମାଛି ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଲୋଡର, ବାଲି ବୋଝେଇ ଟ୍ରକ୍ ଜବତ



**ରାଉରକେଲା,୨୨ା୫(ସଙ୍ଗୀତା ଜେନା):** ରାଉରକେଲା କୋଏଲ ନଦୀର ଝିରପାଣି ଘାଟରୁ ବେଆଇନ ବାଲି ଖନନ ଓ ଚାଲାଣ ହେଉଥିବା ବେଳେ ଗୁରୁବାର ଭୋର୍ ସମୟରେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ବାଲି ଖନନରେ ବ୍ୟବହୃତ ଲୋଡର ଏବଂ ଏକ ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଥିଲା। ଜବତ ଗାଡିକୁ ଝିରପାଣି ଥାନାକୁ ସ୍ଥାନାନ୍ତର କରାଯାଇଛି। ଚଢାଉରେ ମାଇନିଂ ବିଭାଗର କନିଷ୍ଠ ଅଧିକାରୀ, ଝିରପାଣି ପୋଲିସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ଚଢ଼ାଉରେ ମାଇନିଂ ଅଧିକାରୀଙ୍କ ଉପରେ ବାଲି ମାଫିଆ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି।

# ସ୍କ୍ରାପ୍ ବେପାରୀଙ୍କ ଟାର୍ଗେଟରେ ବନ୍ଦ କାରଖାନା

**ରାଉରକେଲା,୨୨ା୫(ସଙ୍ଗୀତା ଜେନା)**

ରାଉରକେଲା ଓ ଆଖପାଖ ଅଞ୍ଚଳରେ ବେଆଇନ ସ୍କ୍ରାପ୍ କାରବାର ବୃଦ୍ଧି ପାଇବାରେ ଲାଗିଛି। ଚୋରି ହେଉଥିବା ଯାନଗୁଡ଼ିକୁ ରାତାରାତି କାଟି ଛୋଟ ଖଣ୍ଡ କରାଯାଉଛି। ପରେ ସେଗୁଡିକ ବିକ୍ରି ହେଉଛି। କିଛିଦିନ ତଳେ ସେକ୍ଟର-୧୫ ଥାନା ଅଞ୍ଚଳରେ ଜଣେ ଅଭିଯୁକ୍ତ ୪/୫ଟି ଚୋରି ବାଇକ୍‌କୁ କାଟି ସ୍କ୍ରାପ୍ କରିଥିବା ଜଣାପଡିଥିଲା। ୫ ବର୍ଷ ତଳେ ଏଭଳି ବେଆଇନ କାରବାର ଉପରେ କୁଆଁରମୁଣ୍ଡା ଫାଣ୍ଡିର ଜଣେ ମହିଳା ସବ୍‌ଇନ୍ସପେକ୍ଟର ଚଢ଼ାଉ କରିବା ସମୟରେ ସ୍କ୍ରାପ୍ ବେପାରୀମାନେ ତାଙ୍କ ଉପରକୁ ଗୁଳିମାଡ଼ କରିଥିବା ଭଳି ଘଟଣା ଘଟିଥିଲା। ଏହି ଅଞ୍ଚଳରେ ବେଆଇନ ସ୍କ୍ରାପ୍ ବେପାରୀଙ୍କ ଦୌରାତ୍ମ୍ୟ ବଢିଥିବାବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଏବେ କଲୁଙ୍ଗା ଶିଳ୍ପାଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ କାରଖାନା ବନ୍ଦ ରହିଛି। ତେଣୁ ଏହି କାରଖାନା ଉପରେ ସ୍କ୍ରାପ୍ ବେପାରୀଙ୍କୁ ଲୋଲୁପ ଦୃଷ୍ଟି ପଡ଼ିଛି। ବିଶେଷ କରି ଦୀର୍ଘଦିନରୁ ବନ୍ଦ ପଡ଼ିଥିବା କାରଖାନା, ବ୍ରଏଲର ଇଣ୍ଡକ୍ସନ୍, ସ୍ପଞ୍ଜ କାରଖାନା ଗୁଡ଼ିକରେ ଯନ୍ତ୍ରାଂଶ ଚୋରି ହେଉଛି।



ଯନ୍ତ୍ରାଂଶ ଚୋରି ପାଇଁ କଲୁଙ୍ଗା ଅଞ୍ଚଳର ଏକ ବନ୍ଦ କାରଖାନା ପାଚେରି ଭଙ୍ଗାଯାଇଛି।

ପରେ ସେଗୁଡିକୁ କାଟି ଅନ୍ୟତ୍ର ଚାଲାଣ କରାଯାଉଛି। କଲୁଙ୍ଗା ଅଞ୍ଚଳ ଏକପ୍ରକାର କଣ୍ଟା ବ୍ୟବସାୟୀଙ୍କ ମଣ୍ଡି ପାଲଟିଛି। ଏହା ଉପରେ ପୋଲିସର କଡ଼ା ନଜର ରହୁ ନ ଥିବା ଯୋଗୁ ଏହି ଚୋରା କାରବାର ବଢିବାରେ ଲାଗିଛି। ରାଉରକେଲା ଓ ସୁନ୍ଦରଗଡ଼ ପୋଲିସ ଜିଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ବେଶୀ ବେଆଇନ ସ୍କ୍ରାପ୍ କାରବାର ହେଉଥିବା ଜଣାପଡିଛି। ଏ ସମ୍ପର୍କରେ କଲୁଙ୍ଗା ଅଞ୍ଚଳର ପ୍ରମୋଦ ନାୟକ କହିଛନ୍ତି, କଲୁଙ୍ଗା ଅଞ୍ଚଳରେ ବହୁ ପରିମାଣରେ କଣ୍ଟା ବା ସ୍କ୍ରାପ୍ ବେପାର ଚାଲିଛି। ଉକ୍ତ କଣ୍ଟାଗୁଡ଼ିକ ଘର ବା କାରଖାନାର ଅବ୍ୟବହୃତ, ବର୍ଜ୍ୟ ଲୁହା ଉପକରଣ କିଣି ତରଲାଇବା ନିୟମ ରହିଛି। ହେଲେ ଅଧିକ ଲାଭ ପାଇଁ ସେମାନେ ସ୍ୱତନ୍ତ୍ର ଭାବେ କଣ୍ଟା ଚୋରି କରିବାକୁ ଶ୍ରମିକ ନିୟୋଜିତ କରୁଛନ୍ତି। ଗୋଇଭଙ୍ଗା ଏବଂ ବ୍ରାହ୍ମଣୀତରଙ୍ଗ ଅଞ୍ଚଳରେ କିଛି ବେପାରୀ ସ୍କ୍ରାପ୍ ସଂଗ୍ରହ ପାଇଁ ବାଙ୍ଗଲାଦେଶୀଙ୍କୁ ନିୟୋଜିତ କରିଛନ୍ତି। ସେମାନେ ମାସିକିଆ ଦରମାରେ ଏହି କାର୍ଯ୍ୟ କରୁଛନ୍ତି। ବିଳମ୍ବିତ ରାତିରେ କଲୁଙ୍ଗା, କୁଆଁରମୁଣ୍ଡା ଓ ଅନ୍ୟ ଅଞ୍ଚଳର ବନ୍ଦ ଫ୍ୟାକ୍ଟ୍ରିରେ ସେମାନେ ଗ୍ୟାସ କଟର ଯୋଗେ ଯନ୍ତ୍ରାଂଶ କାଟି ଚୋରି କରିଥାନ୍ତି। ପରେ ସେଗୁଡିକୁ ରାତାରାତି ଇଣ୍ଡକ୍ସନରେ ତରଳାଇ ରଡ୍, ଏଙ୍ଗଲ, ଚ୍ୟାନେଲ ଆଦି ତିଆରି କରି ବଜାରରେ ବିକ୍ରି କରାଯାଇଥାଏ। ଏବେ ବ୍ୟାଙ୍କ ଦ୍ୱାରା ଦେବାଳିଆ ଘୋଷିତ କାରଖାନାଗୁଡ଼ିକ ସ୍କ୍ରାପ୍ ବେପାରୀଙ୍କ ଟାର୍ଗେଟରେ ରହିଛି। ଏହାସହ ସ୍ଥାନୀୟ ଲୋକଙ୍କ ଘର ନିର୍ମାଣ ସାମଗ୍ରୀ ମଧ୍ୟ ଚୋରି ହେଉଛି। ପୋଲିସ ଚଢାଉ ଅଭାବ ଯୋଗୁ ଏଭଳି ବେଆଇନ କାରବାରରେ ଅଙ୍କୁଶ ଲାଗିପାରୁନାହିଁ। ଅନେକ କ୍ଷେତ୍ରରେ ଏପରି ସ୍କ୍ରାପ୍ ବେପାରୀ ଧରାପଡୁଛନ୍ତି। ହେଲେ କୌଣସି ମତେ ସେମାନଙ୍କୁ ସହଜରେ ଜାମିନ୍ ମିଳିଯାଉଛି ବୋଲି ନାୟକ କହିଥିଲେ।

ଏ ନେଇ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କୁ ପଚରାଯିବାରୁ ସେ କହିଲେ, ବନ୍ଦ କାରଖାନାରୁ ନିୟମିତ ଚୋରି ସମ୍ପର୍କରେ ସ୍ଥାନୀୟ ଥାନାରେ ଏତଲା ହେଉନାହିଁ। ବନ୍ଦ କାରଖାନାଗୁଡ଼ିକ ସିଜ୍ କରିବା ପରେ କାରଖାନା କର୍ତ୍ତୃପକ୍ଷ ସୁରକ୍ଷା ଗାର୍ଡ ବ୍ୟବସ୍ଥା କରିବା ଉଚିତ। ତେବେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି କରାଯିବ ବୋଲି ମିଶ୍ର କହିଥିଲେ।

# ମ୍ୟାଙ୍ଗୋ ଭେଲ୍ୟୁ ଏଡେଡ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଉରକେଲା,୨୨ା୫(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଏଗ୍ରିକାଫ୍ଟ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ତିନି ଦିବସୀୟ ମ୍ୟାଙ୍ଗୋ ଭେଲ୍ୟୁ ଏଡେଡ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଛେଣ୍ଡ ଓରମାସ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉକ୍ତ ଶିବିରରେ ଓରମାସ୍ ସିଇଓ କେଶବ ଝା, ମହିଳା କୃଷକ ପ୍ରେମା ଦାସ, ଅମ୍ବିକା ଟପ୍ପୋ, ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ନୂଆଗାଁ ଏବଂ ଲେଫ୍ରିପଡ଼ା ବ୍ଲକର ମହିଳା କୃଷକ ପ୍ରଡ୍ୟୁସର କମ୍ପାନୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଓରମାସ ସିଇଓ ଝା ଅଂଶଗ୍ରହଣକାରୀ ମହିଳାମାନଙ୍କୁ ସ୍ୱାବଲମ୍ବୀ



ଶିବିରରେ ମହିଳାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ହେବା ସହ ଉତ୍ପାଦରେ ଗୁଣବତ୍ତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ମହିଳା କୃଷକ ଦାସ କହିଲେ, ବର୍ତ୍ତମାନ ଖରାମାସରେ ଆମ୍ବର ସମ୍ଭାର ଆସିଛି। ଏଗୁଡ଼ିକୁ ସାଇତି ରଖିବା ପାଇଁ ଆଧୁନିକ ଶୈଳୀରେ ଆଚାର ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରେ। ଏଗୁଡ଼ିକ ଦୀର୍ଘଦିନ ବ୍ୟବହାରକ୍ଷମ କରିବା ପାଇଁ ଆଧୁନିକ ଶୈଳୀ ସହ ପାରମ୍ପରିକ ତରିକା ଆପଣେଇବା ଉଚିତ। ଯାହାଦ୍ୱାରା ପାରମ୍ପରିକ ଆଚାରର ସ୍ୱାଦ ବଜାୟ ରହିବା ସହ ଅଧିକ ଦିନ ସାଇତି ରଖାଯାଇପାରିବ। ଏହାକୁ ବଜାରରେ ବିକ୍ରି କରି ମହିଳାମାନେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ଦାସ କହିଥିଲେ। ଏହି ପ୍ରଶିକ୍ଷଣ ଶିବିର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମହିଳା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଥମ ଦିନରେ ୫ରୁ ଊର୍ଦ୍ଧ୍ୱ ପ୍ରକାର ଆମ୍ବରୁ ପ୍ରସ୍ତୁତ ଖାଦ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ରହିଛି



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ରାଉରକେଲା,୨୨ା୫(ସଙ୍ଗୀତା ଜେନା)**

### ପତଞ୍ଜଳି ଯୋଗ କେନ୍ଦ୍ରର ବାର୍ଷିକୋତ୍ସବ

ସୁନ୍ଦରଗଡ଼ ଜିଲା ପତାଞ୍ଜଳି ଯୋଗ ପରିବାର ପକ୍ଷରୁ ସେକ୍ଟର-୧୮ସ୍ଥିତ ସୋସିଆଲ ହୋମ୍ ଯୋଗ କେନ୍ଦ୍ରର ବାର୍ଷିକୋତ୍ସବ ଗୁରୁବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଥିଲା। ଅରବିନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହ ପ୍ରବନ୍ଧକ ଆର୍. ଏନ୍. ପାଢ଼ୀ ମୁଖ୍ୟ ଅତିଥି, ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ମାର୍ଥା ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଓ ବ୍ୟକ୍ତି, ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ମତବ୍ୟକ୍ତ କରିଥିଲେ। ଇସ୍ପାତ କାରଖାନାର କ୍ରୀଡ଼ା ବିଭାଗ ସହ ପ୍ରବନ୍ଧକ ପାଢ଼ୀ ତାଙ୍କ ବକ୍ତବ୍ୟରେ ଯୋଗକେନ୍ଦ୍ରରେ ଅଧିକ ସଂଖ୍ୟକ ସାଧକା ସାଧକଙ୍କୁ ଯୋଡିବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନୀ ସ୍ୱାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ପିୱାଇଏସ୍ ଜିଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଗଙ୍ଗାଧର ଦାସ, ଜିଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର ବକ୍ତବ୍ୟ ପ୍ରଦାନ କରିଥିଲେ। ଯୋଗ ଶିକ୍ଷକ ବିଷ୍ଣୁପ୍ରିୟା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ମୀରା ବେହେରା, ସ୍ୱର୍ଣ୍ଣଲତା ରାଉତ, ରଞ୍ଜିତା ମହାନ୍ତି, ରେଖା ନାୟକ, ବୀଣାପାଣି ମହାନ୍ତ, ହେମଲତା ଜେନା, ସ୍ମିତା ପାଢ଼ୀ, ସ୍ମିତା ପରିଡ଼ା ଓ ସୁଜାତା ଯୋଗ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ମନୋରମା ରାଉତ, ସନ୍ଧ୍ୟାରାଣୀ ସାହୁ, କୌଶଲ୍ୟା ପୃଷ୍ଟି, ଶରତ ଚନ୍ଦ୍ର ଦାସ, ଅନସୂୟା ବାରିକ, ତପସ୍ୱିନୀ ସାହୁ, ମମତା ରାଉତ, ରଥ ହରିପାଲ, ରେଣୁ ତନ୍ତୀ, ବିଜୟଲକ୍ଷ୍ମୀ ମହାନ୍ତ, ଆଶାଲତା ସାହୁ, ସବିତା ପ୍ରଧାନ, ରେବତୀ ବେହେରା, ଜ୍ୟୋତିର୍ମୟୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ଶିକ୍ଷୟିତ୍ରୀ କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**କୁତ୍ରା,୨୨ା୫(ଦେବାଶିଷ ସାହୁ)**

କୁତ୍ରା ଥାନା ଅନ୍ତର୍ଗତ ବିରତୋଲା ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ମହିଳା ହେଲେ ରିନା ମିଞ୍ଜ (୨୭)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରିଛି। ଘର ଭିତରେ ରିନା ଏକ ରସି ସାହାଯ୍ୟରେ ପଙ୍ଖାରେ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ବିଦ୍ୟୁତ୍ ଆଘାତରେ ଦେବଗଡ଼ ଥାନା ଅଧୀନ କୁସୁମକଟା ଗ୍ରାମର ଲିଙ୍ଗରାଜ ନାୟକ(୪୫)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ଣରେ ସେ ନିଜ ଘରେ ଫ୍ୟାନ୍ ଚଲାଇବାକୁ ସୁଇଚ୍ ଅନ୍ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜିଲାସ୍ତରୀୟ ବାର୍ଷିକ ସାଧାରଣ ବୈଠକ

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଟାଉନ ହାଇସ୍କୁଲ ପରିସରରେ ଶାରୀରିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଗୁରୁବାର ଚଳିତ ଶିକ୍ଷାବର୍ଷର ଜିଲାସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ର କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଓ ଭାରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ଅଧିକାରିଣୀ ପଦ୍ମିନୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ବିଷୟଭିତ୍ତିକ ବାର୍ଷିକ କ୍ରୀଡ଼ା କ୍ୟାଲେଣ୍ଡରର ପ୍ରସ୍ତୁତି ଓ ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ଶାରୀରିକ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ତିଲେଶ୍ୱର ସ୍ୱାଇଁ ଓ କ୍ରୀଡ଼ା ଶିକ୍ଷୟିତ୍ରୀ କିରଣ ଟପ୍ପୋ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ପଶ୍ଚିମ ଓଡ଼ିଶାରେ ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା,୨୨।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପଠାରେ ଗୁରୁବାର ପୂର୍ବାହ୍ଣରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଦୀପାଳି ଦାସ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ହରିଶ ଗଣତ୍ରା, ବ୍ରଜରାଜନଗର ନଗରପାଳ ଗୋପାଳ ସିତାନୀ, ଲଖନପୁର ବ୍ଲକ ଅଧ୍ୟକ୍ଷା ହିତେଶ୍ୱରୀ ତିହିରିଆ, ବେଲପାହାଡ଼ ଉପନଗରପାଳ ରୀନା ସୁନା, ବରିଷ୍ଠ ବିଜେଡି ନେତା କୁଳମଣି ଦାସ, କୋଦପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ, କାଉନସିଲର ସନ୍ତୋଷିନୀ ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ଦୀପାଳି ପଶ୍ଚିମ ଓଡ଼ିଶାରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ରଜରାଜନଗର ଓ ବେଲପାହାଡ଼ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀ, ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୀପାଳି ଓ ହରିଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରଜରାଜନଗର ମ୍ୟୁନିସିପାଲିଟି ବିଜେଡି ସଭାପତି ଦେବ ଦାସ ଉପସ୍ଥିତ ଥିଲେ। ସୋମନାଥ ପୂଜାରୀ ମଞ୍ଚ ସଞ୍ଚାଳନ ଓ ରାହୁଲ ପାଣ୍ଡେ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଦୀପାଳି ଦାସ, ଜିଲା ସଭାପତି ହରିଶ ଗଣତ୍ରାଙ୍କ ସମେତ ଅନ୍ୟମାନେ।

# କ୍ରିକେଟ ଟୁର୍ନାମେଣ୍ଟ: ୱାରିୟର କ୍ରିକେଟ କ୍ଲବ ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳି।

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ଆର୍‌ସିଏମ୍‌ଏସ୍ ସାହିରେ ଅମୂଲ୍ୟ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଲଣ୍ଡା ଫ୍ରେଣ୍ଡ୍ସ କ୍ଲବ୍ ସଭାପତି ଲିପନ ସୁହୁଲାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ୧୧ ନମ୍ବର ୱାର୍ଡର କାଉନ୍‌ସିଲର ଇତିଶ୍ରୀ ମିଶ୍ର ଏବଂ ଦେବଗଡ଼ ଭାଜପା ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଅମୂଲ୍ୟ ୱାରିୟର କ୍ରିକେଟ୍ କ୍ଲବ୍ ଓ କଲଣ୍ଡା ଫ୍ରେଣ୍ଡ୍ସ କ୍ଲବ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମୂଲ୍ୟ ୱାରିୟର କ୍ରିକେଟ୍ କ୍ଲବ୍ ବିଜୟୀ ହୋଇଥିଲା। ରୋହିତ ସୁନାଇକ ଏବଂ ଲିପନ ସୋହଲା ଅମ୍ପାୟାର ଭାବେ କ୍ରୀଡ଼ା ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ବ୍ରଜରାଜନଗର,୨୨।୫(ବିଜୟ ବରାଡ଼)**

ବ୍ରଜରାଜନଗର ରାସ୍ତାର ଇଏସ୍‌ଆଇ ଛକ ନିକଟ ମୁଖ୍ୟ ରାସ୍ତାରେ ଗୁରୁବାର ପୂର୍ବାହ୍ଣ ପ୍ରାୟ ସାଢେ ୧୦ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ କାଳୀନଗର ଅଞ୍ଚଳର ସୋନା ସ୍ୱାଇଁ(୨୦)। ସୂଚନା ଅନୁଯାୟୀ, ସ୍ଥାନୀୟ ହିଲ୍‌ଟପ୍ କଲୋନିର ଅସୀମ ନାୟକ କାର୍(ନଂ.ଓଆର ୨୩ଏଫ୍–୯୫୭୫)ରେ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ଜିଏମ୍ ଅଫିସକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ସୋନା ବାଇକ୍‌ରେ ଆସୁଥିବାବେଳେ ଉକ୍ତ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ସୋନାଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ାର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ବ୍ରଜରାଜନଗର ଥାନା ଏଏସଆଇ ଅଭୟ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅପରପକ୍ଷରେ ଚାଳକ ଅସୀମ ନାୟକଙ୍କ କୌଣସି କ୍ଷତି ଘଟି ନ ଥିବାବେଳେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

# ଡିଜିଟାଲ ଲାଇବ୍ରେରି ସ୍ଥାପନ ପାଇଁ ଅର୍ଥ ମଞ୍ଜୁର କରାଯାଉ

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

**କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର**

ଦେବଗଡ଼ ପୌରାଞ୍ଚଳରେ ଏକ ଡିଜିଟାଲ ଲାଇବ୍ରେରି ସ୍ଥାପନ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ନିମନ୍ତେ ସ୍ଥାନୀୟ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି ଜଣାଇଛନ୍ତି। ଭୋଜ ଗୁରୁବାର ନୂଆଦିଲ୍ଲୀସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସରକାରୀ ବାସଭବନରେ ପହଞ୍ଚି ସାକ୍ଷାତ୍ କରିଥିଲେ। ଏହି ମର୍ମରେ ସେ ତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ପୁସ୍ତକ କିଣିବାକୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାର୍ଥୀଙ୍କ ସମ୍ବଳ ଅଭାବ ରହିଛି। ତେଣୁ ଦେବଗଡ଼ ପୌରାଞ୍ଚଳରେ ଡିଜିଟାଲ ଲାଇବ୍ରେରି ସ୍ଥାପନ କରାଗଲେ ଛାତ୍ରୀଛାତ୍ର ପାଠ ପଢିବା ସହ ବିଭିନ୍ନ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଝାରସୁଗୁଡା,୨୨।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ କୋଲାବିରା ବ୍ଲକ ଅନ୍ତର୍ଗତ ରଘୁନାଥପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଗୁରୁବାର ପୂର୍ବାହ୍ଣରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଉପାୟ, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ ପ୍ରତିଷ୍ଠା, ୧୯୮୭ର ଅଧ୍ୟାୟ–ଭିଆଇଏ ଅନୁଯାୟୀ ଯୋଜନାର ଲାଭ ଏବଂ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣର ଆଇନସେବା ୱେବ୍‌ପୋର୍ଟାଲ ବିଷୟରେ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅଶ୍ୱିନୀ କୁମାର ନାୟକ, ଜିଲା ଆଇନସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଆଇନଜୀବୀ ରୂପାଲି ଚାଟାର୍ଜୀ, କୋଲାବିରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ କୁମାର ଗୁଡ଼ିଆ, ସ୍ଥାନୀୟ ସରପଞ୍ଚ ରଞ୍ଜନ ସରାଫ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।



ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025



## ରେଙ୍ଗାଲି ଡ୍ୟାମ୍‌ରେ ବୁଡ଼ି ୨ ପୁଅ, ମା' ମୃତ

ଦେବଗଡ଼, ୨୨।୫
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ତଲେଇସର ଗ୍ରାମ ନିକଟ ରେଙ୍ଗାଲି ଡ୍ୟାମ୍‌ରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦେଶୀ ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ଗୋଟିଏ ପରିବାରର ସ୍ତ୍ରୀ ଓ ୨ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତକ ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପୁଡାଡିହି ଗ୍ରାମର ଜ୍ୟୋତ୍ସ୍ନା ପେଣ୍ଢେଇ ଓ ତାଙ୍କ ୨ ପୁଅ ଆୟୁଷ(୬), ରିୟାଂଶ(୪)। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ବୁଧବାର ରାତିରେ ୨ ପୁଅ, ସ୍ତ୍ରୀଙ୍କୁ ନେଇ ପୁଡାଡିହି ଗ୍ରାମର ବୁଲୁ ପେଣ୍ଢେଇ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ପାଇଁ ଜାଲ ପକାଉଥିବାବେଳେ ହଠାତ୍ ଜୋର୍‌ରେ ପବନ ହେବାରୁ ଡଙ୍ଗା ଓଲଟି ପଡ଼ିଥିଲା। ଫଳରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ପରେ ୨ ପୁଅଙ୍କ ମୃତଦେହକୁ ବୁଲୁ ପାଣିରୁ ଉଦ୍ଧାର କରିଥିଲେ। ହେଲେ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ରିଆମାଳ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜ୍ୟୋତ୍ସ୍ନାଙ୍କ ମୃତଦେହ କିଛି ଦୂରରେ ଥିବା ଏକ ଜାଲରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବୁଲୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଖବରପାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଦେବଗଡ଼ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଏବଂ ରିଆମାଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଦିଆଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।



ତାମିଲନାଡୁର ଡିଣ୍ଡିଗୁଲ ଜିଲା କୋଡ଼ାଇକାନାଲସ୍ଥିତ ମାନାଭନୁର ହ୍ରଦ ନିକଟରେ ଗୁରୁବାର ଗୁଡ଼ିଉଡ଼ା ପର୍ବ ପାଳନ ବେଳେ ପ୍ରତିଯୋଗୀମାନେ ରଙ୍ଗବେରଙ୍ଗର ଗୁଡ଼ି ଉଡ଼ାଉଛନ୍ତି।

## ଭୁବନେଶ୍ୱରରୁ ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୨୨।୫ (ବନ୍ଦନା ସେଠୀ)

ପୁଣି ଫେରିଲା କରୋନା। ବେଶ୍ କିଛିଦିନର ବ୍ୟବଧାନ ପରେ ରାଜଧାନୀ ଭୁବନେଶ୍ୱରରୁ ବୁଧବାର ରାତିରେ ଜଣେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ୭୫ ବର୍ଷୀୟ ବୃଦ୍ଧ ହୋଇଥିବାବେଳେ ସେ ଦିଲ୍ଲୀଫେରନ୍ତା ବୋଲି ଜଣାପଡିଛି। ଚଳିତବର୍ଷ ରାଜ୍ୟରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ତେବେ କରୋନାକୁ ନେଇ ଆଦୌ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍. ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ମାଇଲ୍ଡ ଭାରିଏଣ୍ଟ, ବ୍ୟାପିବା ସମ୍ଭାବନା କମ୍। ରାଜ୍ୟ ସରକାର କୋଭିଡ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତେଣୁ କେହି ବ୍ୟସ୍ତ ହୁଅନ୍ତୁ ନାହିଁ। ଆକ୍ରାନ୍ତ ବ୍ୟକ୍ତି ଜଣକ ବହୁବିଧ ରୋଗରେ ପୀଡ଼ିତ ଅଛନ୍ତି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଏବଂ ସେ ସଙ୍ଗରୋଧରେ ଅଛନ୍ତି। କୋଭିଡ୍‌କୁ ନେଇ ନୂଆ ଗାଇଡ୍‌ଲାଇନ ପାଇଁ ଭାରତ ସରକାରଙ୍କ କୌଣସି ଗାଇଡ୍ ଲାଇନ୍ ଆସିନାହିଁ। ୨୦୨୦-୨୧ରେ କୋଭିଡ୍ ନିୟନ୍ତ୍ରଣ ପରଠାରୁ ଦେଶର ବିଭିନ୍ନ ରାଜ୍ୟରେ କାଁ ଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ଦେଖାଦେଉଛି। ଏହି ରୋଗର ଭୟାବହତାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇଛି। ଜନସାଧାରଣଙ୍କ ଟିକାକରଣ ଏବଂ ନିରନ୍ତର ସରକାରୀ ପ୍ରଚେଷ୍ଟା ଯୋଗୁ ଓଡ଼ିଶାରେ କୋଭିଡ୍ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ସେହିପରି କୋଭିଡ୍ ଲକ୍ଷଣ ଥିବା ରୋଗ ସାମ୍ନାକୁ ଆସିଲେ, ସେସବୁ କେସ୍‌କୁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁଯାୟୀ ଚିକିତ୍ସା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ପ୍ରଥମ କୋଭିଡ୍ ସଂକ୍ରମଣ ଚିହ୍ନଟ ହେବା ପରେ ଗୁରୁବାର ବିଭାଗୀୟ ଶାସନ ସଚିବ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ନୂଆ କୋଭିଡ୍ ଭୂତାଣୁ ଚିହ୍ନଟ ନେଇ ବିଭାଗୀୟ ସଚିବଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରିପୋର୍ଟ ପ୍ରଦାନ କରିଥିଲେ। ଏଥିସହ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। ବୈଠକ ପରେ ଶାସନ ସଚିବ କୋଭିଡ୍‌କୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ।

# ଇଡି ସବୁ ସୀମା ଲଂଘୁଛି: ସୁପ୍ରିମକୋର୍ଟ

- ତାମିଲନାଡୁରେ ମଦ ଦୋକାନ ଲାଇସେନ୍ସ ପ୍ରଦାନରେ ୧,୦୦୦ କୋଟିର ଦୁର୍ନୀତି
- ଟିଏଏସ୍‌ଏମ୍‌ଏସି ବିରୋଧରେ ପିଏମ୍‌ଏଲ୍‌ଏ ତଦନ୍ତ ଉପରେ ସ୍ଥଗିତାଦେଶ ଜାରି

ନୂଆଦିଲ୍ଲୀ, ୨୨।୫

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଲଂଘୁଛି ଏବଂ ଶାସନର ସଂଘୀୟ ବିଚାରଧାରାର ଉଲ୍ଲଂଘନ କରୁଛି ବୋଲି କହି ଗୁରୁବାର ସୁପ୍ରିମକୋର୍ଟ କେନ୍ଦ୍ରୀୟ ଏଜେନ୍ସିକୁ ଭର୍ତ୍ସନା କରିଛନ୍ତି। ତାମିଲନାଡୁ ସରକାର ପରିଚାଳିତ ଲିକର ରିଟେଲର ଟିଏଏସ୍‌ଏମ୍‌ଏସି ପକ୍ଷରୁ ମଦ ଦୋକାନ ଖୋଲିବା ଲାଇସେନ୍ସରେ ଦୁର୍ନୀତି ଅଭିଯୋଗର ମନିଲଣ୍ଡରିଂ ତଦନ୍ତ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିବା ସହ ଇଡିକୁ ନୋଟିସ କରିଛନ୍ତି। ତାମିଲନାଡୁ ସରକାର ଏବଂ ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେଶନ୍ (ଟିଏଏସ୍‌ଏମ୍‌ଏସି) ପକ୍ଷରୁ ଦାଖଲ ପିଟିଶନର ଶୁଣାଣିକରି ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ମନିଲଣ୍ଡରିଂ ନିରୋଧୀ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି, ଆପଣଙ୍କ ଇଡି ସବୁ ସୀମା ଲଂଘୁଛି। ଇଡି ଶାସନର ସଂଘୀୟ ବିଚାରଧାରାକୁ ଉଲ୍ଲଂଘନ କରୁଛି। ଟିଏଏସ୍‌ଏମ୍‌ଏସି ବିରୋଧରେ ବର୍ତ୍ତମାନ ଇଡି ତଦନ୍ତ ଚାଲିବ ନାହିଁ। ରାଜୁ ଏହାକୁ ବିରୋଧ କରି କହିଥିଲେ, ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଦୁର୍ନୀତି ପ୍ରସଙ୍ଗରେ ତଦନ୍ତ ବେଳେ ଇଡି କୌଣସି ସୀମା ଲଂଘିନାହିଁ। ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅମିତ୍ ଆନନ୍ଦ ତିୱାରୀ ଯୁକ୍ତି



ବାଢ଼ିଥିଲେ, ୨୦୧୪ରୁ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ ସମ୍ପର୍କିତ ଅନିୟମିତତା ଅଭିଯୋଗରେ ତାମିଲନାଡୁ ସରକାର ନିଜେ ୪୦ରୁ ଅଧିକ ମାମଲାରେ ଏଫ୍‌ଆଇଆର୍ ରୁଜୁ କରିଛନ୍ତି। ଏବେ ଇଡି ଏହା ଭିତରେ ମୁଣ୍ଡ ପୂରାଇବା ସହ ଟିଏଏସ୍‌ଏମ୍‌ଏସି ଉପରେ ଚଢ଼ାଉ କରୁଛି। ପୂର୍ବତନ ଆର୍ଟର୍ନି ଜେନେରାଲ ମୁକୁଲ ରୋହତ୍‌ଗୀ ମଧ୍ୟ ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରି କହିଥିଲେ, ଇଡି ଟିଏଏସ୍‌ଏମ୍‌ଏସି ଅଧିକାରୀମାନଙ୍କ ଫୋନ୍‌ଗୁଡ଼ିକୁ କ୍ଲୋନ୍ କରି ସେମାନଙ୍କ ପ୍ରିଭେସିର ଉଲ୍ଲଂଘନ କରୁଛି, ଯାହାକି କୋର୍ଟ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍‌ର ପରିପନ୍ଥୀ। ଏହା ଶୁଣିବା ପରେ ଖଣ୍ଡପୀଠ ପ୍ରଶ୍ନ କଲେ ଇଡି କିପରି ଭାବେ ସରକାର ପରିଚାଳିତ ଟିଏଏସ୍‌ଏମ୍‌ଏସି ଉପରେ ଚଢ଼ାଉ କରୁଛି।

ପ୍ରକାଶ ଯେ, ଏପ୍ରିଲ ୬ରୁ ୮ ମଧ୍ୟରେ ଇଡି ଟିଏଏସ୍‌ଏମ୍‌ଏସି ମୁଖ୍ୟାଳୟରେ ଚଢ଼ାଉ କରିବା ସହ କର୍ପୋରେଶନ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ଟିଏଏସ୍‌ଏମ୍‌ଏସି ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏପ୍ରିଲ ୨୩ରେ ହାଇକୋର୍ଟ ଟିଏଏସ୍‌ଏମ୍‌ଏସିର ଆବେଦନକୁ ଖାରଜ କରିବା ସହ ଇଡିକୁ ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ କାର୍ଯ୍ୟାନୁଷ୍ଠାନ ଅନୁମତି ଦେଇଥିଲେ। ଇଡି ଚଢ଼ାଉକୁ ତାମିଲନାଡୁର ଡିଏମ୍‌କେ ସରକାର ଏବଂ ଟିଏଏସ୍‌ଏମ୍‌ଏସି ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

## ଭତ୍ତା ପାଇଁ ଗାଁଦାଣ୍ଡରେ ଘୁଷୁରିଲେ ବୃଦ୍ଧ



ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଛନ୍ତି।

କେନ୍ଦ୍ରାପଡ଼ା, ୨୨।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ କୋରୋ ପଞ୍ଚାୟତରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନିଜର ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗାଁ ଦାଣ୍ଡରେ ୮୦ ବର୍ଷର ବୃଦ୍ଧ ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଥିଲେ। ଏହି ଘଟଣାର ଦୃଶ୍ୟ ଭାଇରାଲ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ପାଠୀ ରାସ୍ତା ମଝିରେ ଶ୍ରୀଧରଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି। ଅସୁସ୍ଥ ଓ ଅତିଶୟ ବୃଦ୍ଧାବୃଦ୍ଧଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଥିବାବେଳେ ଏପରି ଅଭାବନୀୟ ଦୃଶ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ହିତାଧିକାରୀ ଶ୍ରୀଧରଙ୍କୁ ପଚାରିବାରେ ପ୍ରତିମାସ ଭତ୍ତା ବାବଦ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରୁ ଝିଅ ନେଇଥାଏ। ତେବେ ଗତ ମାସରେ ଝିଅକୁ ଭତ୍ତା ଅର୍ଥ ନ ଦେବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଥିଲେ। ଆର୍ଥିକ ଦୁରବସ୍ଥା ଥିବାରୁ ଭତ୍ତା ଅର୍ଥ ପାଇଁ ବାଧ ହୋଇ ଆସିଥିବା ଶ୍ରୀଧର କହିଛନ୍ତି। ଅପରପକ୍ଷରେ ଗ୍ରାମର ମହେଶ୍ୱର ନାୟକଙ୍କ ସମେତ କେତେଜଣ ଅଧିବାସୀ କହିଛନ୍ତି, ନିର୍ବାହୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ସବୁବେଳେ ଆସୁନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ହିତାଧିକାରୀ ଶ୍ରୀଧରଙ୍କ ବୟସ ବହୁତ ଅଧିକ। ଆର୍ଥିକ ଦୁରବସ୍ଥାରୁ ନୂଆଣିଆ ଚାଳ ଘରେ ରହୁଛନ୍ତି। ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ନେଇ ଦୁଃଖପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଠୀଙ୍କୁ ପଚାରିବାରେ ହିତାଧିକାରୀଙ୍କ ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ କରିବାର ଥିଲା। ଏଥିପାଇଁ ଭତ୍ତା ଅର୍ଥ ଝିଅଙ୍କ ମାଧ୍ୟମରେ ଦେବାକୁ ମନା କରିଥିଲେ। ଭତ୍ତା ଅର୍ଥ ପ୍ରଦାନ ପରେ ହିତାଧିକାରୀ ଶ୍ରୀଧରଙ୍କ ଘରକୁ ଯାଇ ଭତ୍ତା ତଥ୍ୟ ସଂଗ୍ରହ ସହ ଭତ୍ତା ଅର୍ଥ ଦେବା ପାଇଁ ସ୍ଥିର କରିଥିଲେ। ଇତିମଧ୍ୟରେ ସେ ରାସ୍ତାରେ ଘୁଷୁରି ଘୁଷୁରି ଆସୁଥିବା ଖବରପାଇ ଅଧାବାଟରେ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି।

## ଓଏସ୍‌ଏସ୍‌ସି ଅଧ୍ୟକ୍ଷ ହେଲେ ସୁଧାକର ବୁର୍ଗି

### ଅଭୟଙ୍କ ଇସ୍ତଫା ଗ୍ରହଣକଲେ ସରକାର

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର (ଓଏସ୍‌ଏସ୍‌ସି) ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଧାକର ବୁର୍ଗିଙ୍କୁ ରାଜ୍ୟ ସରକାର ଗୁରୁବାର ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୁଧାକର ଏବେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏହାସହ ସେ ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ପାଳନ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏଥିସହ ଗତ ୧୯ ତାରିଖରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ପଦରୁ ଅଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ତାହାକୁ ଗ୍ରହଣ କରିଛନ୍ତି ବୋଲି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ପୂର୍ବତନ ଡିଜି ଅଭୟ ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେବା ପରେ ତତ୍କାଳୀନ ସରକାର ତାଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିଥିଲେ।

## ପୋଖରୀ ଖନନ ନାଁରେ ସରକାରୀ ଟଙ୍କା ହଡ଼ପ

### ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ୪ଜଣଙ୍କୁ ଗିରଫ କଲା ଭିଜିଲାନ୍ସ

ରାୟଗଡ଼ା/ ଜୟପୁର, ୨୨।୫
(ଆଶିଷ ରଞ୍ଜନ ପଣ୍ଡା/ ପବନ ପାଣିଗ୍ରାହୀ)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ ଜଣ ଅଧିକାରୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସରକାରୀ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗରେ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି) ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍‌ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ଶ୍ରୀକୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। କାଶୀପୁର ବ୍ଲକ୍‌ରେ କେବଳ କାଗଜପତ୍ରରେ ୨୩ଟି ପୋଖରୀ ଖନନ ହୋଇଥିବା ଦର୍ଶାଇ ୨୦ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା। ତେଣୁ ଉକ୍ତ ତଦନ୍ତକୁ ଭିତ୍ତିକରି ରାୟଗଡ଼ା ଜିଲା ଜଳଛାୟା ମିଶନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ୪ ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି।

## ନିଜସ୍ୱ ଉଦ୍ୟମରେ ମିଷ୍ଟର ବିଷ୍ଟ ସର୍ବକନିଷ୍ଠ ବିଲିୟନେୟାର

ୱାଶିଂଟନ, ୨୨।୫

ମିଷ୍ଟର ବିଷ୍ଟ ଭାବେ ପରିଚିତ ପ୍ରସିଦ୍ଧ ଆମେରିକୀୟ ୟୁଟ୍ୟୁବର ଜିମି ଡୋନାଲ୍ଡସନ୍ ମାତ୍ର ୨୭ ବର୍ଷ ବୟସରେ ନିଜ ଉଦ୍ୟମରେ ବିଲିୟନେୟାର ହୋଇପାରିଛନ୍ତି। ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟ ଅନୁଯାୟୀ, ଏହି ଆମେରିକୀୟ କଣ୍ଟେଣ୍ଟ କ୍ରିଏଟରଙ୍କ ସମ୍ପତ୍ତି ୧ ବିଲିୟନ ଡଲାର (ପ୍ରାୟ ୮,୩୫୦ କୋଟି ଟଙ୍କା) ଛୁଇଁଛି। ଏହାସହ ସେ ନିଜସ୍ୱ ପ୍ରଚେଷ୍ଟାରେ ବିଶ୍ୱର ସର୍ବକନିଷ୍ଠ ବିଲିୟନେୟାର ହୋଇଛନ୍ତି। ମିଷ୍ଟର ବିଷ୍ଟ ୩୦ ବର୍ଷରୁ କମ୍ ବୟସର ବିଶ୍ୱର ଏକମାତ୍ର ସେଲ୍ଫ ମେଡ୍ ବିଲିୟନେୟାର ହୋଇଥିବା ନେଇ ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟରେ ପ୍ରକାଶ ପାଇଛି। ମିଷ୍ଟର ବିଷ୍ଟଙ୍କ ଏହି ସମ୍ପତ୍ତି ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିନାହିଁ ବରଂ ସେ ନିଜ ପରିଶ୍ରମ ବଳରେ ହାସଲ କରିଛନ୍ତି ବୋଲି ରିପୋର୍ଟରେ




କୁହାଯାଇଛି। ୟୁଟ୍ୟୁବ୍‌ରେ ୩୯୯ ମିଲିୟନ ଫଲୋଅର୍ସ ଥିବା ମିଷ୍ଟର ବିଷ୍ଟ ପ୍ରତି ମାସରେ ପ୍ରାୟ ୫୦ ମିଲିୟନ ଡଲାର ରୋଜଗାର କରନ୍ତି। ସେ ବିଶ୍ୱର ଅଷ୍ଟମ ସର୍ବକନିଷ୍ଠ ବିଲିୟନେୟାର ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ମିଷ୍ଟର ବିଷ୍ଟ ୧୯୯୮ ମସିହା ମେ' ୭ରେ ଉତ୍ତର କାରୋଲିନା ରାଜ୍ୟର ଗ୍ରୀନ୍‌ଭିଲେ ସହରରେ ଜନ୍ମ ହୋଇଥିଲେ। ୨୦୧୦ରେ ମାତ୍ର ୧୨ ବର୍ଷ ବୟସରେ ସେ 'ମିଷ୍ଟର ବିଷ୍ଟ ୬୦୦୦' ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ୨୦୧୬ରେ ଗ୍ରୀନ୍ ଭିଲେ ଖ୍ରୀଷ୍ଟିଆନ୍ ଏକାଡେମୀରୁ ସ୍ନାତକ ହାସଲ ପରେ ସେ ଉଚ୍ଚ ଶିକ୍ଷାରେ ନିଜକୁ ନିୟୋଜିତ ନ କରି କଣ୍ଟେଣ୍ଟ କ୍ରିଏଶନ ଉପରେ ଧ୍ୟାନ ଦେଇଥିଲେ। ପ୍ରଥମେ ସେ ଗେମ୍ କମେଣ୍ଟ୍ରି, ରିଆକ୍ସନ ଭିଡିଓ ଆଦିକୁ ନେଇ ୟୁଟ୍ୟୁବ୍‌ରେ ଭିଡିଓ କରୁଥିଲେ। ୨୦୧୭ରେ ତାଙ୍କ 'କାଉଣ୍ଟିଂ ଟୁ ୱାନ୍ ଲାଖ୍' ଭିଡିଓ ଭାଇରାଲ ହୋଇଥିଲା, ଯାହା ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ଏହାପରଠାରୁ ତାଙ୍କ ଫଲୋଅର୍ସ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍ସନ ସଂଖ୍ୟା କ୍ଷିପ୍ରଗତିରେ ବଢ଼ିଥିଲା। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ବିଭିନ୍ନ ଷ୍ଟଣ୍ଟ, ପ୍ରତିଯୋଗିତାମୂଳକ ଚ୍ୟାଲେଞ୍ଜ ଆଦିକୁ ନେଇ ଭିଡିଓ ପ୍ରସ୍ତୁତ କରିଥାନ୍ତି। ଏହି ପ୍ରତିଯୋଗିତାଗୁଡ଼ିକରେ ବିଜେତାଙ୍କ ପାଇଁ ସେ ବିଭିନ୍ନ ନଗଦ ପୁରସ୍କାର ରାଶି ଏବଂ ଉପହାର ଘୋଷଣା କରିଥାନ୍ତି।

# ତିଗିରିଆ ଥାନା ଏଏସ୍‌ଆଇ ଭିଜିଲାନ୍ସ ଦ୍ୱାରା ଗିରଫ

**କଟକ,୨୨।୫(କାର୍ତ୍ତିକ ସାହୁ)**

କଟକ ଜିଲା ତିଗିରିଆ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ବେହେରା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ ବାସଭବନ, ହିନ୍ଦୋଳ ନୂତନ ପାଟଣାସାହିସ୍ଥିତ ପୈତୃକ ବାସଗୃହରେ ଏକକାଳୀନ ଚଢ଼ାଉ ଜାରି ରହିଛି। ସୂଚନାନୁସାରେ, ଏଏସ୍‌ଆଇ ଅଭିଯୋଗକାରୀ ଓ ତାଙ୍କ ଜଣେ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ପ୍ରତିପକ୍ଷଙ୍କ କାଉଣ୍ଟର ଅଭିଯୋଗରେ ଅଭିଯୋଗକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଏଏସ୍‌ଆଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବେହେରାଙ୍କ ବାମ ହାତ ଧୋଇବାରୁ ରାସାୟନିକ ପ୍ରକ୍ରିୟା ପଜିଟିଭ ଆସିଥିଲା। ଫଳରେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏ ନେଇ କଟକ ଭିଜିଲାନ୍ସରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ ହୋଇଛି।

# ୨୭ ଯାଏ ବଢ଼ିଲା ଓଟିଇଟି ଆବେଦନ

**କଟକ,୨୨।୫(କାର୍ତ୍ତିକ ସାହୁ)**

ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ରାତି ୧୧.୪୫ ଯାଏ ବର୍ଦ୍ଧିତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପରେ ଆବେଦନ ଅବଧି ଆଉ ବର୍ଦ୍ଧିତ ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୭ ନେତାଙ୍କୁ ନେଇ ଶୃଙ୍ଖଳା କମିଟି ଗଢ଼ିଲା ବିଜେଡି

**ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଦଳର ଶୃଙ୍ଖଳା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ଦଳ ୭ ଜଣଙ୍କୁ ନିଯୁକ୍ତ କରିଛି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ରାଜଶ୍ରୀ ମଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଏବଂ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ଦଳ ଶୃଙ୍ଖଳା କମିଟିରେ ରଖିଛି। ଅନ୍ୟପଟେ ପୂର୍ବତନ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଥିବା ପାର୍ଥସାରଥି ମୁଦୁଲି ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ବିଜେଡି ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ପାର୍ଥସାରଥି ବୁଧବାର ଏକ ଭିଡିଓ ଜାରିକରି ତାଙ୍କ ଦଳ ୨୪ ବର୍ଷ ସରକାରରେ ଥିବା ସମୟରେ ଓବିସିମାନଙ୍କ ପାଇଁ କାହିଁକି କିଛି କରି ନ ଥିଲା ବୋଲି ପ୍ରଶ୍ନ ଉଠାଇଥିଲେ। ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ସେ କହିଛନ୍ତି।

## ଦଳ ବିରୋଧୀ କାର୍ଯ୍ୟ ପାଇଁ ପାର୍ଥସାରଥି ମୁଦୁଲି ନିଲମ୍ବିତ


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୭୯ | ତା:୧୩।୦୫।୨୫

### ବିଜ୍ଞାପନ

No. CAD-486: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଚ୍.ଆଇ.ଜି.–୫୧ (HIG-51), ବାଜିରାଉତ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ ଫେଜ୍–୨, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଲଲାଟେନ୍ଦୁ ପ୍ରଧାନ, ପିତା: ବେଣୁଧର ପ୍ରଧାନ, ସା: ନୂଆଗାଁ ପାଟଣା, ପୋ: କାମଧେନୁକୋଟ୍, ଜିଲ୍ଲା: ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଲଲାଟେନ୍ଦୁ ପ୍ରଧାନ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶିଶିର କୁମାର ନାୟକ, ପିତା: କୈଳାସ ଚନ୍ଦ୍ର ନାୟକ, ସା: ଅରିଲୋ, ଗୋଡ଼ିସାହି, ପୋ: ନରାଜ, ଥାନା: ବାରଙ୍ଗ, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0626/2526

## ROURKELA DEVELOPMENT AUTHORITY

UDITNAGAR : ROURKELA-769012
No.1666/RDA., dated : 16.05.2025

### PROCLAMATION

No.CAD-478 : It is hereby informed to the General public that Smt. Biplabini Patnaik, W/O- Harihar Mohanty has applied for permission for transfer of **House No. L/119, under Durgapur Foot Hill Housing Project, Stage-I, Basanti Colony, Rourkela-12** in favour of **Sri Samapika Datta**, W/O - **Achintya Datta**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
Rourkela Development Authority

OIPR-13250/11/0085/2526

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. : 0674-2395391, Fax No. : 0674-2395291, Website : www.oscsc.in
OSCSC-ESTT-ESTT-0021-2024 No.6960 Date : 20.05.2025

### SHORT TENDER CALL NOTICE

No.CAD-502 : Sealed tenders in plain paper/letter pad in the prescribed format appended below are invited from the intending Registered Firms / Suppliers located at Bhubaneswar, having valid GST Registration Certificate and Income Tax Clearance Certificate for supply of Office Article / Stationeries, etc., for official use in the Corporation. The details of these articles can be obtained from House Stock & Store of OSCSC Ltd. on any working day between Office hours, and the same can be available on the website of OSCSC Ltd., Bhubaneswar. The tenderer should enclose earnest money of **Rs 25,000.00 (Rupees Twenty Five Thousand)** only in the shape of an Accounts Payee Bank Draft / Pay Order drawn in favour of **Managing Director, OSCSC Ltd., Bhubaneswar,** along with the tender, which will be refunded to the unsuccessful tenderer subsequently whose tender is not accepted. The tenders should reach the undersigned only through Speed Post/ Registered Post, super-scribing the word **"TENDER PAPER FOR SUPPLY OF STATIONERY ARTICLES"** on the envelope containing the Tender. The last date of receipt of the tender is **dated. 11.06.2025 up to 2.00 P.M.**, after which no tender shall be accepted. The tenders shall be opened on **11.06.2025 at 4.00 P.M.** in the presence of tenderers or their authorized representatives in the chamber of FA & CAO, OSCSC Ltd. Bhubaneswar. The itemwise short list shall be prepared basing on the lowest rate offered by the tenders. The authority reserves the right to reject any or all tenders without assigning any reason thereof. The tenders received incomplete shape or after the scheduled date & time shall be summarily rejected. For details please refer to our web site www.oscsc.in.

OIPR-07002/11/0036/2526 — Sd./- General Manager (Admn.)

## OFFICE OF THE PURI MUNICIPALITY, PURI

No.4785 /Dt.20.05.2025

### NOTICE INVITING TENDER

No.C-368 : Sealed quotations are invited from intending manufacturers/Suppliers/Agencies having valid GST, PAN & registration certificate for supply of 100 Nos of PRE- FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2025 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in & www.puri.odisha.gov.in. The quotation paper along with terms & conditions shall be submitted to the Office of the Executive Officer, Puri Municipality, Puri on or before 30.05.25 at 05 P.M. through Speed Post/Regd Post/Courier only. The quotation documents should be submitted clearly superscribed on envelope as "BID DOCUMENT FOR THE SUPPLY OF FRP TOILETS ON HIRE BASIS The bidder/s may attend the pre bid meeting which is scheduled to be held on dtd. 26.05.25 at 04 P.M. The tenders will be opened at 11 A.M. on dt. 31.05.25 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.

The authority reserves the right to reject any or all the tenders without assigning any reason thereof.

Sd./- Executive Officer
Puri Municipality, Puri

OIPR-13159/11/0052/2526

## OFFICE OF THE DISTRICT COLLECTOR, NAYAGARH (EXCISE SECTION)

### NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT

No.524/Ex., Dated. 20.05.2025

**No.F-13** : Applications are invited for settlement of **02 (Two)** numbers of Country Liquor Shops of Nayagarh District for the year, 2025-26 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from **20.05.2025 to 02.06.2025 (05:00 P.M.)**. Lottery will be held on **05.06.2025 at Conference Hall of Collectorate, Nayagarh from 11:00 A.M.** onwards.

The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.

OIPR-36020/11/0004/2526 — Sd./- Collector, Nayagarh

## GOVERNMENT OF ODISHA
## OFFICE OF THE EXECUTIVE ENGINEER, N.H. DIVISION, BHUBANESWAR

Email: eenh_bbsr@yahoo.co.in, Ph.No.-0674-2972908

### INVITATION FOR BIDS

**BID IDENTIFICATION NO. 02 SE NH, BBSR OF 2025-26**

No.b:-The Superintending Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Double cover system on online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government / Other State Government/ MES/ Railways for execution of Civil Works, on production on definite proof from the appropriate authority.

| Sl. No. | Name of Work | Approximate Estimated Cost put to Tender | Concerned Sub-Division | Bid Security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "S/R to NH-57 such as Laying of 30 mm thick BC from km 257/020 to Km 258/050 at ROB Bolagarh for the year 2025-26" | Rs.6844177/- (Excluding GST) | NH Sub Division, Khordha | Rs.68442/- | Rs.10000/- | "B" Class Contractor | 01 (One Month) |

The bidders have to participate in ONLINE bidding only. The website for "ONLINE BIDDING" is http://tendersodisha.gov.in.
1.Bid documents will be available in above website from dt.26.05.2025 to dt.04.06.2025 upto 17.30 hours.The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.05.06.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendertsodisha.gov.in.
2. Subsequent corrigendum/addendum if required shall be available in the website as indicated above.
3. The authority reserves the right to cancel any/ all bids without assigning any reason.

OIPR-34044/11/0004/2526 — Sd./- Superintending Engineer, N.H. Division, Bhubaneswar

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

### Short Notice
### For Sale of Natural & Cutting Waste/ residual Khondalite stone

No.CAD-503:The Odisha Mining Corporation Ltd. intends to sell Natural and Cutting waste/ residual Khondalite produced at different Khondalite mines of OMC Ltd. at Gobindpur Mines & Narangarh Mines of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0196/2526 — Chief General Manager (S&M)

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

### Short Notice
### For Sale of High Carbon Ferrochrome (HCFC)

No.CAD-504:The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferrochrome plant, OMC Ltd., situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0199/2526 — Chief General Manager (S&M)

## OFFICE OF THE TALCHER ANGUL MERAMANDALI DEVELOPMENT AUTHORITY, TAMDA, ANGUL

No.230/TAMDA — Date: 19.5.2025
E. mail - secretary.tamdaangul@gmail.com

### EXPRESSION OF INTEREST

No.CAD-481 : Expression of Interest in sealed cover are invited from the intending CAG empanelled Chartered Accountant firms for the Tax Audit of Accounts TAMDA, Angul for the financial year from **2020-21 to 2024-25** as per ODA R 1982. The CA firm having the Government entity audit will be given preference. The Sealed EOI along with all necessary documents should reach in the Office of the Secretary, TAMDA, Angul, Odisha, PIN-759122 **on or before Dt.04.6.2025 up to 12.00** Noon and same will be opened on the same day at 12.30 P.M. in the office chamber of the undersigned in presence of the participants or their authorized representative. TAMDA office may be contacted for detail information along with terms & conditions. The Authority reserves the right to reject any or all EOIs without assigning any reason thereof.

OIPR-13264/11/0001/2526 — Sd./- Secretary, TAMDA

## GOVERNMENT OF ODISHA — No.B-145
## OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH

E-mail:eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE_PWD_BGH No.03 OF 2025-26
No.2467, Dated 19.05.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System in **ONLINE MODE** for the Civil Works as detailed in the **Detailed Tender Call Notice (D.T.C.N.)** from the eligible class of contractors.
2. No. of Road & Building Works:- 02 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "D", "C" & "B" Class Contractor
5. Date & Time of available in website & receipt of Bids:- **11.00 Hrs. of 23.05.2025 to 17.00 Hrs. of 02.06.2025.**
6. Date of Opening of Technical Bid:- **03.06.2025 at 11.30 Hrs.**
7. The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in.**
8) Any corrigendum/Addendum will be displayed in the website **https://tendersodisha.gov.in** only.

Sd./- Superintending Engineer
Bargarh (R&B) Division

OIPR-34039/11/0023/2526

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)
ବିଜ୍ଞପ୍ତି ନଂ 720 / (Exam. Conf.)/ ତା 20.5.25 ରିଖ

**No.N-51:** ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ **(Regular ଏବଂ Ex-Regular)** ପରୀକ୍ଷା ତା୦୧/୦୭/୨୦୨୫ରିଖ ଠାରୁ ଆରମ୍ଭ ହୋଇ ତା୧୦/୦୭/୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ **Regular** ଏବଂ **Ex-Regular** ପରୀକ୍ଷା ଗୋଟିଏ **Sitting** ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ **09.00 am** ରୁ ଆରମ୍ଭ ହୋଇ **11.30 am** ରେ ଶେଷ ହେବ । କେବଳ **MTH** ପରୀକ୍ଷା **11.45 am** ରେ ଶେଷ ହେବ ।

| | |
|---|---|
| **01/07/2025 (Tuesday) (09 am to 11.30 am)**<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟରନେଟିଭ ଇଂରାଜୀ (Alt. English) | **02/07/2025 (Wednesday) (09 am to 11.30 am)**<br>SSC ସାମାଜିକ ବିଜ୍ଞାନ (Social Science)<br>**04/07/2025 (Friday) (09 am to 11.45 am)**<br>MTH ଗଣିତ (Mathematics) |
| **07/07/2025 (Monday) (09 am to 11.30 am)**<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ)<br>Env. & Population Edn. (Only for Hearing Impaired Candidates) | **08/07/2025 (Tuesday)**<br>TLV Practical - 09 am to 11.00 am<br>**09/07/2025 (Wednesday) (09 am to 11.30 am)**<br>GSC ବିଜ୍ଞାନ (Science) |
| **10/07/2025 (Thursday) ତୃତୀୟ ଭାଷା (Third Language)**<br>(09 am to 11.30 am)<br>TLH (ହିନ୍ଦୀ), TLS (ସଂସ୍କୃତ), TLO (ଓଡ଼ିଆ), TLP (ପାର୍ଶୀ)<br>(09 am to 10.00 am)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ | (09 am to 10.30 am)<br>Vocational Trade (Theory) - IT, RT, TH, AG, PL, BW, AH, AM, EH, CN, FP, TC<br>VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

✓ **TLV** ଏବଂ **Vocational Trade** ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର **Subjective** ପ୍ରଶ୍ନ ଏବଂ ୫୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।
✓ **Objective (MCQ)** ପ୍ରଶ୍ନର ଉତର **OMR Answer Sheet**ରେ ଏବଂ **Subjective** ପ୍ରଶ୍ନର ଉତର ପ୍ରଶ୍ନ ସଂଲଗ୍ନ ଉତର ଖାତାରେ ଦେବାକୁ ହେବ ।
✓ **Vocational Trade(Theory)** ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ **TLV(Theory)** ରେ ୨୦ ମାର୍କର **Subjective** ପ୍ରଶ୍ନ ଆସିବ ।
✓ **Vocational Trade** ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ମାର୍କରୁ) ନିଜ ନିଜ ବିଦ୍ୟାଳୟରେ ତା02/06/2025ରିଖ ଠାରୁ ତା05/06/2025ରିଖ ମଧ୍ୟରେ **OSEPA** ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ **TLV Practical** ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବ।

OIPR- 27004/11/0084/2526 — ସ୍ୱା./–ସମ୍ପାଦକ

## OFFICE OF THE CDM & PHO-CUM-DISTRICT MISSION DIRECTOR, NUAPADA

(District Programme Management Unit, NHM)
Telefax : 06678-223908, E-mail : nhmnuapada@gmail.com
Letter No. : 1275 Date : 19.05.2025

### EXTENSION NOTICE

No.E-100 : The last dated for Sealed tenders invited from the reputed supplier of stationary items and reputed travel agencies/ Tour Operators/Private individuals, for supply of stationary items on annual rate contract basis and hiring of vehicle on monthly basis as per Notice No. 1171/DPMU/NHM/2025 dated 02.05.2025, is hereby extended to 28.05.2025 till 1.00 P.M. from 19.05.2025 till 1.00 P.M. and will be opened on 29.05.2025 at 11.00 A.M. at O/o of the CDM&PHO, Nuapada. All other terms and condition of the bid remains same.

Sd./- CDM&PHO-Cum-District-Mission
Director, Nuapada

OIPR-10055/11/0018/2526

## ZILLA SWASTHYA SAMITI, ANGUL

O/o-The CDM & PHO cum District Mission Director, Angul

### TENDER CALL NOTICE

No. : 1098 — Date : 20.05.2025

No.E-102 : Sealed tenders are invited from reputed Agencies or Firms for **Supply of PRINTING & IEC/BCC MATERIALS** under **NHM, Angul**. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd./- CDM & PHO cum DMD,
Angul

OIPR-10174/11/0002/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/PO. Ps. : Titilagarh, Dist : Balangir - 767033, Ph-06655-295225,
e-mail : titilagarhmunicipality@gmail.com

### e-Procurement Notice

BID IDENTIFICATION NO. : TIG-MPL-13-2025
No.1410//Dtd.19.05.2025

No.C-359 : The Executive Officer, Titilagarh Municipality on behalf of Governor of Odisha invites Percentage rate bid in double cover system in **ONLINE MODE** for the construction of works detailed in the table below from **"A" Class Contractors** registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Name of the Work : **Const. of new Office Building of Titlagarh Municipality Office.**
2. No. of tender : **1 No.**
3. Estimated Cost : **Rs.5.24 (crore)**
4. Class of Contractor : **"A" Class Contractor**
5. Date & Time of availability in Portal : **From Dt.26.05.2025, 10.00 A.M. to Dt.20.06.2025 up to 05.00 P.M.**
6. Last Dt. & Time for deposit of fee & Documents at Titlagarh Municipality office in Office tender box only : **Dt.23.06.2025 at 5.00 P.M.**
7. Date of opening Bid : **Dt.24.06.2025 at 11.00 A.M.**
8. The bidders have to participate in ONLINE bidding only. Further details can be seen from the website :http://tendersorissa.gov.in. All future corrigendum will be available on Online Mode/Offline Mode.

Sd./- Executive Officer,
Titilagarh, Municipality

OIPR-13095/11/0026/2526

## Government of Odisha
## Office of the Chief Construction Engineer Rural Works Circle, Sambalpur

E-mail Id serwcirclesbp@yahoo.com

**Bid Identification No. Road Tender Online RWCSBP-05/2025-26 No: 1614 Dated:21.05.2025**

No.O-187:The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for SACI for the year 2024-25.

1 Name of work : SACI for the year 2024-25.
2. No. of works : 02 Nos. details as per DTCN
3. Estimated cost : Approximately varies from Rs.294.65 lakhs to Rs.384.86 lakhs.
4. Class of Contractor : 'B', & 'A' Class
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour of concerned Executive Engineer
6 Mode of submission of tender : Tender should be submitted only Online in website **www.tendersorissa.gov.in.** (https//tendersodisha.gov.in)
7 EMD and mode of deposit : **1% of estimated cost of the work to be remitted online as mentioned in DTCN.**

**8 Summary of key dates are provided below :**

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-05/2025-26 | 28.05.2025 From 11.00 A.M. | 11.06.2025 Upto 05.00 P.M. | 09.06.2025 Upto 5.00 P.M. | 12.06.2025 at 11.00 AM | Will be intimated later |

* Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
* Subsequent modification / corrigendum/ Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

OIPR-25091/11/0060/2526 — Sd./- Chief Construction Engineer, Rural Works Circle, Sambalpur

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
## ODISHA POWER TRANSMISSION CORPORATION LIMITED

( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ) — (A Government of Odisha Undertaking)
OPTCL Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

No. CAD-512

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓପିଟିସିଏଲ୍ ଦ୍ୱାରା ନିର୍ମିତ ୨୨୦ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ୨୨୦/୩୩ କେଭି ସବ-ଷ୍ଟେସନ, ନୟାଗଡ ଠାରୁ ୨୨୦/୨୫ କେଭି ରେଳ ଟ୍ରାକ୍ସନ୍ ସବଷ୍ଟେସନ୍, ନୟାଗଡ ପର୍ଯ୍ୟନ୍ତ ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି । ଏହି ଲାଇନ୍ ଜେମାଦେଇପୁର, ରଘୁନାଥ ପ୍ରସାଦ, ଲାଠିପଡା, ଦେଉଳିଅମୃତମଣୋହି, ସୁନାନଟି, ବିରୁଡା, ସରପଡା, ବଡପାଣ୍ଡୁସୁର, ଚମ୍ପତି ପୁର, ଡେଙ୍ଗାର ଗଡି, ଶୁକଲଗାଡିଆ, ଇଟାମାଟି, ବାଲିକୁଡିଆ, ପ୍ରତାପ ପ୍ରସାଦ, ଘଡୁଆଳ, ସୁନ୍ଦରିଆ ଗ୍ରାମ ଦେଇ ଯାଇଅଛି । ଉକ୍ତ ୨୨୦କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ଆସନ୍ତା ତା. ୨୩.୦୫.୨୦୨୫ ଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସରବରାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।

ସ୍ୱା/- ଉପ-ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

OIPR-04011/11/0161/2526
/optcl.odisha — /optcl_odisha — FIPR-10/2025-26

# ସଙ୍କଟରେ ମଧୁର କଇଁଛ



କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ ସମ୍ଭବ। ସେମାନେ ଆମ ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମାତ୍ର ଅନେକ ସମୟରେ ସଚେତନତାର ଅଭାବ କିମ୍ବା ଶିକାର ଲକ୍ଷ୍ୟରେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି। ଯାହାର କୁପରିଣାମ ଆମ ପରିବେଶ ଉପରେ ପଡୁଛି। ତେଣୁ କଇଁଛଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୩କୁ 'ବିଶ୍ୱ କଇଁଛ ଦିବସ' ଭାବେ ପାଳନ କରାଯାଉଛି। ଉକ୍ତଦିନ କଇଁଛ ସମ୍ପର୍କିତ ବିଭିନ୍ନ ବିଷୟରେ ସୂଚିତ କରାଯିବା ସହ ଏ ସମ୍ପର୍କରେ ସଚେତନତା ବୃଦ୍ଧି ଲାଗି ଲକ୍ଷ୍ୟ ରଖାଯାଇଛି। କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ ବିଦ୍ୟମାନ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ନିୟୁତ ବର୍ଷତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା। ପ୍ରଥମେ ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନ ହୋଇଥିଲା। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସାରା ବିଶ୍ୱରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଲକ୍ଷ୍ୟରେ ୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପାଳନ କରଯାଉଛି।

ସାମ୍ପ୍ରତିକ ସମୟରେ କଇଁଛ ଏବେ ସଙ୍କଟରେ ପଡିଛନ୍ତି। ଏହାର ଅଧିକାଂଶ ପ୍ରଜାତି ବିଲୁପ୍ତ ମଧ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦି ହୋଇ ହେଉ ଅବା ଟ୍ରଲର ବ୍ଲେଡ୍‌ରେ କଟି କିମ୍ବା ସମୁଦ୍ରରେ ଜମା ହୋଇଥିବା ପ୍ଲାଷ୍ଟିକ୍ ଖଣ୍ଡ ଖାଇ କଇଁଛମାନେ ଅସମୟରେ ମୃତ୍ୟୁବରଣ କରୁଛନ୍ତି। ଯାହାକି ପରିବେଶ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏନେଇ କଇଁଛଙ୍କ ସୁରକ୍ଷା ଦିଗରେ ଅଗ୍ରଣୀ ଭାବେ କାର୍ଯ୍ୟରତ ତଥା ଓପ୍‌ସା (ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ)ର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ବିଶ୍ୱାଳ କୁହନ୍ତି, ବିଶ୍ୱ କଇଁଛ ଦିବସ ଏବଂ ସାମୁଦ୍ରିକ କଇଁଛ ଦିବସ ସମ୍ପୂର୍ଣ୍ଣ ଅଲଗା। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଉପରେ ଆମ ରାଜ୍ୟରେ କିଛି କିଛି କାମ କରାଯାଉଛି, ମାତ୍ର ମଧୁର କଇଁଛ ବା ନଦୀ, ପୋଖରୀ ଆଦି ଜଳରେ ଦେଖାଦେଉଥିବା କଇଁଛଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସଚେତନ ମଧ କରାଯାଉନାହିଁ। ଫଳରେ ମଧୁର କଇଁଛଙ୍କ ବିପୁଳ ପରିମାଣରେ ଚୋରା ଚାଲାଣ ଚାଲିଛି। ସେହିପରି ଏବେ ବି କେତେଜଣ ଲୋକ କଇଁଛକୁ ମାରି ଖାଉଥିବା ଦେଖାଯାଉଛି। ତେଣୁ ନଦୀ, ପୋଖରୀରେ ମିଳୁଥିବା କଇଁଛମାନେ ସମ୍ପୂର୍ଣ୍ଣରୂପେ ଅସୁରକ୍ଷିତ। କେତେବେଳେ କେମିତି ବନବିଭାଗ ପକ୍ଷରୁ ଧରପଗଡ଼ ହେଲେ କଇଁଛ ଶିକାରୀ ଧରାପଡୁଛନ୍ତି। ମାତ୍ର ସେମାନଙ୍କୁ ସେହିଭଳି ଦଣ୍ଡବିଧାନ ମିଳୁନାହିଁ। ଫଳରେ ସେମାନେ ଏଭଳି କାର୍ଯ୍ୟରୁ କ୍ଷାନ୍ତ ହେଉନାହାନ୍ତି। ତେଣୁ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ଏହି ପ୍ରଜାତିର କଇଁଛଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

ରିପୋର୍ଟ: **ବନ୍ଦନା ସେଠୀ**, ଭୁବନେଶ୍ୱର

## 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'

ସାରା ପୃଥିବୀରେ କଇଁଛ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ୨୦୦୦ ମସିହାରୁ ପାଳିତ ହୋଇଆସୁଛି ବିଶ୍ୱ କଇଁଛ ଦିବସ। ଏହି ଦିବସ ଲାଗି ଚଳିତ ବର୍ଷ ଥିମ୍ ରହିଛି 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'। ବିଶ୍ୱ କଇଁଛ ଦିବସର ଫେସବୁକ ପୃଷ୍ଠା ଏବଂ ଇନ୍‌ଷ୍ଟାଗ୍ରାମ ଅନୁଯାୟୀ, ଏହି ଥିମ ଜନସାଧାରଣଙ୍କୁ କଇଁଛଙ୍କ ବିଷୟରେ ଅଧିକ ଜାଣିବା, ସେମାନଙ୍କ ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି କରିଥାଏ। ଏଥିସହ ନୃତ୍ୟ ସମେତ ମଜାଦାର କାର୍ଯ୍ୟକଳାପରେ ସାମିଲ ହୋଇ କଇଁଛଙ୍କୁ ପାଳନ ଲାଗି ଉତ୍ସାହିତ କରେ।

### ଏ ବର୍ଷର ଥିମ୍



# ଅଲିଭ ରିଡ୍‌ଲେ କଇଁଛ ଅସୁରକ୍ଷିତ

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଗହୀରମଥା ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଭାବେ ବିଦିତ। ଚଳିତବର୍ଷ ୬ ଲକ୍ଷରୁ ଅଧିକ ଅଲିଭ ରିଡ୍‌ଲେ ଏଠାରେ ଅଣ୍ଡାଦାନ କରିଛନ୍ତି। ନିକଟରେ ଶାବକ ସବୁ ସମୁଦ୍ରକୁ ଫେରିଛନ୍ତି। ତେବେ ସମୁଦ୍ର ତଟକ୍ଷୟ ପାଇଁ ଏଭଳି ସ୍ଥିତି ଆଗକୁ ରହିବ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ; ଯାହା କି ବିରଳ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଅସୁରକ୍ଷିତ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ବିଶ୍ୱ ତାପନ ଓ ପାଣିପାଗ ପରିବର୍ତ୍ତନ କେନ୍ଦ୍ରାପଡ଼ା ଜିଲାର ୪୮ କିଲୋମିଟର ତଟାଞ୍ଚଳ ଉପରେ ପ୍ରଭାବ ପକାଉଛି। ଗତ ୬ ଦଶନ୍ଧି ମଧ୍ୟରେ ପ୍ରାୟ ୧୪ କିଲୋମିଟର ତଟ କେନ୍ଦ୍ରାପଡ଼ା ଜିଲାର ସ୍ଥଳଭାଗକୁ ମାଡ଼ି ଆସିଲାଣି। ବଡ଼ ଗହୀରମଥା, ସାନ ଗହୀରମଥା, ମୋହନପୁର, କାହ୍ନୁପୁର ଆଦି ସାତଭାୟାର ରାଜସ୍ୱ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଫଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ କମିବାରେ ଲାଗିଛି। ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର ତଟାଞ୍ଚଳର ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେଙ୍କ ପ୍ରଜନନସ୍ଥଳୀ। ତେବେ

## ଗହୀରମଥାର ତଟକ୍ଷୟ

ଗହୀରମଥାର ୧୩୩୬ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ପ୍ରାୟ ୩୫ ବର୍ଗ କିଲୋମିଟର ତଟାଞ୍ଚଳ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣୀ ନଦୀ ମୁହାଣଠାରୁ ଉତ୍ତରରେ ଥିବା ଧାମରା ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରତି ଏହି କଇଁଛ ଅଣ୍ଡାଦାନ କରୁଛନ୍ତି। ୨୦୨୩ରେ ୩ଟି ଭାରତୀୟ ଅନୁଷ୍ଠାନ ଓ ବ୍ରାଜିଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ପତ୍ରରୁ ତଟାଞ୍ଚଳ ସ୍ଥିତି ଆଗକୁ ଆହୁରି ଖରାପ ରହିବ ବୋଲି କୁହାଯାଇଛି। ବରୁଣେଇ ମୁହାଣଠାରୁ ମାଇପୁରା ମୁହାଣ ପର୍ଯ୍ୟନ୍ତ ଦ୍ରୁତ ତଟକ୍ଷୟ ଜାରି ରହିଛି ; ଯାହା ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନକୁ ପ୍ରଭାବିତ କରିବ। ସେହିପରି ହୁକିଟୋଲା, ଏକକୁଲା, ହ୍ୱିଲର ଦ୍ୱୀପ ସଙ୍କୁଚିତ ହେଉଛି। ୧୯୭୦ ଦଶକରେ ସାତଭାୟାଠାରୁ ଏକକୁଳା ପର୍ଯ୍ୟନ୍ତ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀ ଥିଲା। ୧୯୭୪ରେ ଏହା ନଜରକୁ ଆସିବା ପରେ ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏହି ବିରଳ ଜୀବଙ୍କ ପାଇଁ ଉପଯୁକ୍ତ ସ୍ଥଳ ବୋଲି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯାଉଛି। ମାତ୍ର ସମୁଦ୍ର ତଟକ୍ଷୟ ଏମାନଙ୍କ ଆଗମନକୁ ହ୍ରାସ କରିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

ରିପୋର୍ଟ: **ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା


## ରେଳପଥ ମନ୍ତ୍ରାଳୟ
## (ପୂର୍ବ ତଟ ରେଳପଥ)
## ବିଜ୍ଞପ୍ତି

**ଭୁବନେଶ୍ୱର, ୧୦ ଜାନୁଆରୀ, ୨୦୨୫**

**ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦ଇ ଅନୁଯାୟୀ ବିଜ୍ଞପ୍ତି**

**ଏସ.ଓ. 2271(ଇ).-** ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା, ଏସ.ଓ. 2636(ଇ) ତାରିଖ 10 ସେପ୍ଟେମ୍ବର, 2024 ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3 ଉପ-ଧାରା (ii), ତାରିଖ 10 ସେପ୍ଟେମ୍ବର, 2024 (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳ ଆଇନ, 1989 (1989 ର 24) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପ-ଧାରା (1) ଅନୁଯାୟୀ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ **"ସାରଲା-ସାସନ ମଧରେ ତୃତୀୟ ଏବଂ ଚତୁର୍ଥ ଲାଇନ(୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 20ଏ ର ଉପଧାରା (4) ଅନ୍ତର୍ଗତ 22 ସେପ୍ଟେମ୍ବର, 2024 ରେ ଦୈନିକ ସ୍ଥାନୀୟ ସମ୍ବାଦପତ୍ର ଯଥା "ଧରିତ୍ରୀ" ଓଡ଼ିଆରେ (ଭୁବନେଶ୍ୱର ସଂସ୍କରଣ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ଇଂରାଜୀରେ (ଭୁବନେଶ୍ୱର ସଂସ୍କରଣ) ପ୍ରକାଶିତ ହୋଇଥିଲା;

ଏବଂ ଯେତେବେଳେ, ଆପତ୍ତି ଗ୍ରହଣ କରାଯାଇଥିଲା; ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିଗୁଡ଼ିକ ଶୁଣିଛନ୍ତି ଏବଂ ଉକ୍ତ ଆଇନର ଧାରା 20ଡି ଅନୁଯାୟୀ ଆଦେଶ ପାସ କରାଯାଇଛି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, ଦକ୍ଷ ଅଧିକାରୀଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

### ଅନୁସୂଚୀ

ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର **"ସାରଳା-ସାସନ ମଧରେ ତୃତୀୟ ଏବଂ ଚତୁର୍ଥ ଲାଇନ (୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ମଧ୍ୟରେ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା। ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ସମ୍ବଲପୁର ତହସିଲରେ ୬ଟି ଗ୍ରାମ ଅବସ୍ଥିତ ଯାହାର ଅଧିକାରୀ ସମ୍ବଲପୁରର ତହସିଲଦାର, ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ଅଧୀନରେ ଅବସ୍ଥିତ।

**ଜିଲ୍ଲାର ନାମ : ସମ୍ବଲପୁର**

| କ୍ରମିକ ନଂ. | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକର) | ଆଧିକୃତ କ୍ଷେତ୍ର (ଏକର) | କିସମ | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| **ଗ୍ରାମର ନାମ : ରାଣୀ ଖୁଣ୍ଟା** | | | | | | | |
| 1 | ରାଣୀ ଖୁଣ୍ଟା | 466 | 705 | 0.120 | 0.020 | ଘର | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 2 | ରାଣୀ ଖୁଣ୍ଟା | 466 | 706 | 0.050 | 0.050 | ଜଳାଶୟ | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 3 | ରାଣୀ ଖୁଣ୍ଟା | 200 | 707 | 0.370 | 0.190 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରସାନ୍ତ କୁମାର ପତି ପି:ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| 4 | ରାଣୀ ଖୁଣ୍ଟା | 200 | 689 | 0.470 | 0.025 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରସାନ୍ତ କୁମାର ପତି ପି: ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| | | | ମୋଟ: | **1.010** | **0.285** | | |
| **ଗ୍ରାମରନାମ : ଅଯିତପୁର ଶାସନ** | | | | | | | |
| 5 | ଅଯିତପୁର ଶାସନ | 113/51 | 260 | 0.750 | 0.010 | ବସ୍ତୁମାଳ | ମହେନ୍ଦ୍ର କୁମାର ଧର ପି: ରାଜାରାମ ଧର ଜା: ବ୍ରାହ୍ମଣ ବା: ହରଗୌରି ବିହାର ଅଇଁଠାପାଲି, ଜି: ସମ୍ବଲପୁର |
| 6 | ଅଯିତପୁର ଶାସନ | 113/65 | 261 | 1.460 | 0.045 | ବସ୍ତୁମାଳ | ପ୍ରଦିପ କୁମାର ମହାପାତ୍ର, ପି: କୁଞ୍ଜ ମହାପାତ୍ର, ଜା: ବ୍ରାହ୍ମଣ, ବା: ମାଲିପାଲି (ଭାଲୁପାଲି ) |
| 7 | ଅଯିତପୁର ଶାସନ | 1 | 269 | 1.950 | 0.250 | ବସ୍ତୁମାଳ | ଅର୍ଜୁନମୋହନ ହୋତା, ସୁରେନ୍ଦ୍ର ମୋହନ ହୋତା, ଲଳିତ ମୋହନ ହୋତା, ବିରେନ୍ଦ୍ର ମୋହନ ହୋତା, ଧିରେନ୍ଦ୍ର ମୋହନ ହୋତା, ମନୋରମା ଦାଶ, ପି: ଚକ୍ରଧର ହୋତା, ଜଗଦୀଶ ତ୍ରିପାଠୀ, ବୈଦେହୀ ଷଡ଼ଙ୍ଗି, କୁନି ଦାସ, ପି: ରାଜିବଲୋଚନ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 8 | ଅଯିତପୁରଶାସନ | 113/57 | 270 | 2.300 | 0.150 | ଖଲିଆମାଳ | ଅର୍ଣ୍ଣପୂର୍ଣ୍ଣା ପାଟଯୋଶୀ, ସ୍ୱା: ସେବାରଞ୍ଜନ ପାଟଯୋଶୀ, ସେବାରଞ୍ଜନ ପାଟଯୋଶୀ, ପି: ରବିରନ୍ ପାଟଯୋଶୀ, ଜା: ବ୍ରାହ୍ମଣ, ବା: ଶାନ୍ତିନଗର, ବୁଢ଼ାରଜା, ଥାନା-ଅଇଁଠାପାଲି |
| | | | ମୋଟ : | **6.460** | **0.455** | | |
| **ଗ୍ରାମର ନାମ : ସଣ୍ଢାସିଂହା** | | | | | | | |
| 9 | ସଣ୍ଢାସିଂହା | 172/169 | 115 | 0.610 | 0.150 | ଜୁଲୁକି ମାଲ | ତ୍ରିନାଥ ବାଗ, ପି: ରଥୀ ବାଗ, ଜା: ଗଉଡ଼, ବା: ସଣ୍ଢାସିଂହା, ଥା: ଶାସନ, ଜି: ସମ୍ବଲପୁର |
| 10 | ସଣ୍ଢାସିଂହା | 139 | 117 | 1.270 | 0.170 | ଜୁଲୁକି ବେର୍ଣ୍ଣା | ସତ୍ୟ ନାରାୟଣ ମିଶ୍ର, ଶରତ ମିଶ୍ର, ଶାନ୍ତନୁ ମିଶ୍ର, ସନ୍ତୋଷ ମିଶ୍ର, କାଞ୍ଚନ ପଣ୍ଡା, ସବିତା ପଣ୍ଡା, ପି: ଭଗବାନ ମିଶ୍ର, ବିଦେଶିନୀ ନାୟକ, ସ୍ୱା: ହିମାଂଶୁ ମିଶ୍ର, ସୀକୃତି ମିଶ୍ର, ସଂଗ୍ରାମ ମିଶ୍ର, ପି: ହିମାଂଶୁ ମିଶ୍ର, ଜା: ବ୍ରାହ୍ମଣ, ବା: ଗଣେଶ ନଗର, ରେଙ୍ଗାଲୀ, ସମ୍ବଲପୁର |
| 11 | ସଣ୍ଢାସିଂହା | 172/58 | 125 | 0.860 | 0.070 | ଲାଇନ ତରା | ଆର୍ତ୍ତତ୍ରାଣ ମିଶ୍ର, ପି: ରାହାସ ବିହାରୀ ମିଶ୍ର, ଜା: ବ୍ରାହ୍ମଣ, ବା: ଶାସନ |
| 12 | ସଣ୍ଢାସିଂହା | 37 | 126 | 0.640 | 0.070 | ଜୁଲୁକି ବେର୍ଣ୍ଣା | ଜଗନ୍ନାଥ ମଲ୍ଲିକ, ପି:ପଣ୍ଡିତ ମଲ୍ଲିକ, ଜା: କନ୍ଧ, ବା: ଅଜିତପୁର ଶାସନ |
| 13 | ସଣ୍ଢାସିଂହା | 157 | 127/516 | 0.120 | 0.030 | ମହୁଲ ବେର୍ଣ୍ଣା | ସାରଙ୍କ ପଟ୍ଟା, ପି: ଟେରୁ ପଟ୍ଟା, ଜା: ଗଣ୍ଡ, ବା: ନିଜଗାଁ |
| 14 | ସଣ୍ଢାସିଂହା | 157 | 127 | 3.130 | 0.010 | ମହୁଲ ବେର୍ଣ୍ଣା | ସାରଙ୍କ ପଟ୍ଟା, ପି: ଟେରୁ ପଟ୍ଟା, ଜା: ଗଣ୍ଡ, ବା: ନିଜଗାଁ |
| 15 | ସଣ୍ଢାସିଂହା | 90 | 128 | 0.360 | 0.050 | ଜୁଲୁକି ମାଳ | ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ବିଜେ ଅଜିତପୁର ଶାସନ, ବା: ମା ବଂଶିଧର ମିଶ୍ର, ପି: ବଳଭଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ଅଜିତପୁର ଶାସନ |
| 16 | ସଣ୍ଢାସିଂହା | 172/177 | 131 | 0.590 | 0.020 | ମହୁଲ ବାହାଲ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 17 | ସଣ୍ଢାସିଂହା | 172/177 | 132 | 0.110 | 0.020 | ମହୁଲ ମାଳ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 18 | ସଣ୍ଢାସିଂହା | 172/69 | 133 | 1.000 | 0.070 | ମହୁଲ ମାଳ | ଆଦିତ୍ୟ ଅଟି, ପି: ଭାଗିରଥି ଅଟି, ଜା: ଗଣ୍ଡ, ବା: ନିଜଗାଁ |
| 19 | ସଣ୍ଢାସିଂହା | 118 | 143 | 2.260 | 0.130 | ମହୁଲ ମାଳ | ଭୀଷ୍ମଦେବ ମେହେର, ପି: ଚୈତନ୍ୟ ମେହେର, ଜା: ଭୁଲିଆ, ବା: ସାକ୍ଷୀପଡ଼ା (ସମ୍ବଲପୁର) |
| 20 | ସଣ୍ଢାସିଂହା | 161 | 144 | 1.180 | 0.200 | ଖୁଣ୍ଟ ମାଳ | ମଥୁରା କୁମୁରା, ପି: ଶୁକଦେବ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | | ମୋଟ : | **12.130** | **0.990** | | |
| **ଗ୍ରାମର ନାମ : ମାଝୀପାଲି** | | | | | | | |
| 21 | ମାଝୀପାଲି | 88/93 | 180 | 2.130 | 0.020 | କରମାମାଲ | ପଟାୟତ ଲାଲ ମେହେର, ପି: ଭୁବନ ମେହେର, ଜା: ଚମାର, ବା: ନିଜଗାଁ |
| 22 | ମାଝୀପାଲି | 88/146 | 210 | 0.130 | 0.130 | ଖଲିଆମାଲ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡ଼ା, ସମ୍ବଲପୁର |
| 23 | ମାଝୀପାଲି | 72 | 108/294 | 1.880 | 0.055 | ଟାରମାଲ | ରାମଚନ୍ଦ୍ର କରାଳି, ପି: ପୁରଷ୍ତମ କରାଳି, ନୂରା କରାଳି, ସ୍ୱା: ପୁରଷ୍ତମ କରାଳି, ଜା: ଗଣ୍ଡା, ବା: ନିଜଗାଁ |
| 24 | ମାଝୀପାଲି | 88/146 | 208 | 0.320 | 0.115 | ଖଲିଆମାଲ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡ଼ା, ସମ୍ବଲପୁର |
| 25 | ମାଝୀପାଲି | 88/370 | 210/691 | 1.000 | 0.175 | ଘରବାରି | ସୁନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 26 | ମାଝୀପାଲି | 88/371 | 210/692 | 0.820 | 0.240 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 27 | ମାଝୀପାଲି | 88/371 | 208/693 | 1.180 | 0.495 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 28 | ମାଝୀପାଲି | 88/146 | 176 | 0.100 | 0.040 | ପତିତ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକ ପଡ଼ା, ସମ୍ବଲପୁର |
| 29 | ମାଝୀପାଲି | 61 | 172 | 3.420 | 0.400 | ଡୁଙ୍ଗୁରି ତରା | ମୂଷା ମୁଣ୍ଡା, ପି: ମାଥଉ ମୁଣ୍ଡା, ସରୋଜ ଆଇନ୍ଦ, ସ୍ୱା: ସାମସନ ଆଇନ୍ଦ, ମାସି ଆଇନ୍ଦ, ଇସ୍ତଫା ଆଇନ୍ଦ, ସୁଲେମାନ ଆଇନ୍ଦ, ପି: ମୂଷା ମୁଣ୍ଡା, ଜା: ମୁଣ୍ଡା, ବା: ଭାଲୁକୁନ୍ଦା, ଥା: ଶାସନ, ଜି: ସମ୍ବଲପୁର |
| | | | ମୋଟ : | **10.980** | **1.670** | | |
| **ଗ୍ରାମର ନାମ : ଛତର ଗଡ଼ା** | | | | | | | |
| 30 | ଛତରଗଡ଼ା | 30 | 17 | 1.580 | 0.015 | ବେର୍ଣ୍ଣା ସାଧାରଣ | ରର୍ବଟ କେରକେଟା, ପି: ମାସି ପ୍ରକାଶ କେରକେଟା, ଜା: ମୁଣ୍ଡା, ବା: ଆଶାପାଲି, ଖ୍ରୀଷ୍ଟିୟାନପଡ଼ା, ଥା: ଟାଉନ, ଜି: ସମ୍ବଲପୁର |
| | | | ମୋଟ: | **1.580** | **0.015** | | |
| **ଗ୍ରାମର ନାମ : ପରଧିଆପାଲି** | | | | | | | |
| 31 | ପରଧିଆପାଲି | 228/675 | 922 | 1.220 | 0.050 | ପତିତ | ସିନ୍ଧୁବାଳା ମିଶ୍ର, ସ୍ୱା: ନୃସିଂହନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନନ୍ଦପଡା |
| 32 | ପରଧିଆପାଲି | 163 | 920 | 5.920 | 0.020 | ଲିଆଖାଇ ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 33 | ପରଧିଆପାଲି | 135 | 918 | 3.230 | 0.040 | କଣାଚେରଆଟ | ପୁରନ୍ଦର ସାହୁ, ପର୍ଶୁରାମ ସାହୁ, ପି: ଖାଡି ସାହୁ, ଦଧିବାବନ ସାହୁ, ପି: ଶ୍ୟାମ ସାହୁ, ଜା: କୁଲତା, ବା: ନିଜଗାଁ |
| 34 | ପରଧିଆପାଲି | 9 | 917 | 4.550 | 0.130 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 35 | ପରଧିଆପାଲି | 9 | 916 | 1.130 | 0.010 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 36 | ପରଧିଆପାଲି | 69 | 672 | 4.340 | 0.085 | ଭୁର୍ଲା ଟିକିରା | ଚୁଆ ମୁଣ୍ଡା, ପି:ବାଜୁ ମୁଣ୍ଡା, ଜା: ମୁଣ୍ଡା, ବା: ମାଳିପାଲି |
| 37 | ପରଧିଆପାଲି | 125 | 1126 | 0.210 | 0.095 | ବାରି ସାଧାରଣ | ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ପି: ଦେବାର୍ଚ୍ଚନ ସାହୁ, ଜା: କୁଲତା, ବା: ନିଜଗାଁ |
| 38 | ପରଧିଆପାଲି | 52 | 1110 | 0.210 | 0.165 | ବାରି ସାଧାରଣ | ଗୋପିନାଥ ଗୁରୁ, ଜଗନ୍ନାଥ ଗୁରୁ, ମୁରାରୀ ପ୍ରସାଦ ଗୁରୁ, ପି: ପ୍ରଦ୍ୟୁମ୍ନ ଗୁରୁ, ପଦ୍ମାବତୀ ଗୁରୁ, ସ୍ୱା: ପ୍ରଦ୍ୟୁମ୍ନ ଗୁରୁ, ବିଶ୍ୱନାଥ ଗୁରୁ, ପି: ମଦନ ମୋହନ ଗୁରୁ, ଗୋଦାବରୀ ଗୁରୁ, ସ୍ୱା: ମଦନ ମୋହନ ଗୁରୁ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 39 | ପରଧିଆପାଲି | 163 | 1147 | 0.400 | 0.170 | ମାଳ ଖାରି | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 40 | ପରଧିଆପାଲି | 163 | 1146 | 0.200 | 0.105 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା ବା: ନିଜଗାଁ |
| 41 | ପରଧିଆପାଲି | 207 | 1141 | 0.040 | 0.040 | ବାରି ସାଧାରଣ | ସନ୍ତୋଷ ଷଣ୍ଢ, ପି: ଦିନାରାମ ଷଣ୍ଢ, ଜା: ଗଉଡ଼, ବା: ନିଜଗାଁ ପାଣିବୁଡି ପ୍ରଧାନ, ସ୍ୱା: ସତ୍ୟାନନ୍ଦ ପ୍ରଧାନ, ଜା: କୁଲୁତା, ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା, ବା: ତକବା ଥାନା ଶାସନ, ମନ ପଧାନ, ସ୍ୱା: ଉଜାଗର ପଧାନ, ଜା: କୁଲୁତା, ବା: ଗଣ୍ଡପାଲି ଥାନା ଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ, ପି: ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା, ବା: ନିଜଗାଁ |
| 42 | ପରଧିଆପାଲି | 132 | 1139 | 0.070 | 0.050 | ବାରି ସାଧାରଣ | ପାଣିବୁଡି ପ୍ରଧାନ ସ୍ୱା: ସତ୍ୟାନନ୍ଦ ପ୍ରଧାନ ଜା: କୁଲୁତା ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା ବା: ତକବା, ଥା: ନାଶାସନ, ମନପଧାନ ସ୍ୱା: ଉଜାଗର ପଧାନ, ଜା: କୁଲୁତା ବା: ଗଣ୍ଡପାଲି, ଥା:ନାଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ ପି:ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା,ବା: ନିଜଗାଁ |
| 43 | ପରଧିଆପାଲି | 163 | 1138 | 0.050 | 0.035 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ, ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 44 | ପରଧିଆପାଲି | 228/646 | 1137 | 0.030 | 0.030 | ବାରିସାଧାରଣ | ବିଜୟ କୁମାର ନାଏକ, ଅଶ୍ୱିନୀ କୁମାର ନାଏକ, ନବିନ ଚନ୍ଦ୍ର ନାଏକ, ପି: ଆର୍ତ୍ତତ୍ରାଣ ନାଏକ, ଜା: କୁଲତା, ବା: ପରଧିଆପାଲି, ସମ୍ବଲପୁର |
| 45 | ପରଧିଆପାଲି | 228/1562 | 1136 | 0.030 | 0.030 | ବାରିସାଧାରଣ | କୈଳାଶ ସାହୁ, ପି: ଯୁଗଳ ସାହୁ, ଜା: ତେଲି, ବା: ପରଧିଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 46 | ପରଧିଆପାଲି | 216 | 1135 | 0.070 | 0.055 | ବାରିସାଧାରଣ | ସାନ ବାରିକ, ସ୍ୱା: ଭୁବନ ବାରିକ, ଜା: କୁଲତା, ବା: ନିଜଗାଁ |
| 47 | ପରଧିଆପାଲି | 218 | 1134 | 0.040 | 0.040 | ବାରି ସାଧାରଣ | ପ୍ରଦିପ କୁମାର ସାହୁ, ପି: ଶିବ ଶଙ୍କର ସାହୁ, ସରୋଜିନୀ ସାହୁ, ସ୍ୱା: ଶିବ ଶଙ୍କର ସାହୁ, ଜା: କୁଲତା, ବା: ନିଜଗାଁ |
| 48 | ପରଧିଆପାଲି | 188 | 1132 | 0.090 | 0.090 | ବାରି ସାଧାରଣ | ରାମଚନ୍ଦ୍ର ଧରୁଆ, ପି: ଦାଶ ଧରୁଆ, ଗୋପ କହ୍ନାଇ ଧରୁଆ, ପି: ଜନକରାମ ଧରୁଆ, ପଦ୍ମା ଧରୁଆ, ସ୍ୱା: ଜନକରାମ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| 49 | ପରଧିଆପାଲି | 196 | 1131 | 0.200 | 0.070 | ବାରି ସାଧାରଣ | ସୁନନ୍ଦା ମହାପାତ୍ର, ସୁଖଦା ଦାଶ, ପି: ଲଳିତ ମୋହନ ମିଶ୍ର, ସରୋଜିନୀ ମିଶ୍ର, ସ୍ୱା: ଲଳିତ ମୋହନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 50 | ପରଧିଆପାଲି | 40 | 1130 | 0.100 | 0.045 | ବାରି ସାଧାରଣ | ଗଣ୍ଡା ଭୋଏ, ପି:ସୋମନାଥ ଭୋଏ, ଜା: ଗଣ୍ଡ, ବା: ନିଜଗାଁ |
| 51 | ପରଧିଆପାଲି | 227 | 1128 | 0.120 | 0.035 | ବାରି ସାଧାରଣ | ସନ୍ତୋଷ ପଧାନ, ପି: ହଜାରୀ ପଧାନ, ଜା: କୁଲତା, ବା: ନିଜଗାଁ |
| 52 | ପରଧିଆପାଲି | 131 | 1127 | 0.170 | 0.055 | ବାରି ସାଧାରଣ | ଶ୍ରୀଧର ଭୋଏ, ପି: ହିରା ଭୋଏ, ଜା: କୁଲତା, ବା: ନିଜଗାଁ, ସାବିତ୍ରୀ ପ୍ରଧାନ, ପି: ପ୍ରହଲ୍ଲାଦ ପ୍ରଧାନ, ଜା: କୁଲତା, ବା: କୁଲତା ନୂଆପାଲି, ଲୋହିତ ପଧାନ, କିଶୋର ଚନ୍ଦ୍ର ପଧାନ, ପି: ଗୋବର୍ଦ୍ଧନ ପଧାନ, ଲଳିତା ବଢେଇ, ତପସ୍ୱିନୀ ପାତ୍ର, ପି: ପୁରଷ୍ତମ ଖମାରୀ, ସଞ୍ଜୟ ପ୍ରଧାନ, ଅଭୟ ପ୍ରଧାନ, ପି: ବିନୋଦ ପ୍ରଧାନ, ଜା: କୁଲତା, ବା: ପରଧିଆପାଲି |
| 53 | ପରଧିଆପାଲି | 163 | 1244 | 19.390 | 0.045 | ଲାଉକୁଦା ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 54 | ପରଧିଆପାଲି | 61 | 1119 | 0.060 | 0.020 | ବାରି ସାଧାରଣ | ଚନ୍ଦ୍ରମା ବଢାଇ, ସ୍ୱା: ସନ୍ତୋଷ ବଢାଇ, ସୁଜୟ ବଢାଇ, ବିଜୟ ବଢାଇ, ଅଜୟ ବଢାଇ, ସମ୍ମିତ ବଢାଇ, ପି: ସନ୍ତୋଷ ବଢାଇ, ଜା: କୁଲତା, ବା: ନିଜଗାଁ |
| 55 | ପରଧିଆପାଲି | 100 | 1121 | 0.070 | 0.025 | ବାରି ସାଧାରଣ | ଦଶରଥ ସାହୁ, ପି: ମୁକ୍ତିଧର ସାହୁ, ଜା: କରଣ, ବା: ନିଜଗାଁ |
| 56 | ପରଧିଆପାଲି | 7 | 1122 | 0.060 | 0.020 | ବାରି ସାଧାରଣ | ଭୀଷ୍ମଦେବ ସାହୁ, ପି:ଅନନ୍ତରାମ ସାହୁ, ଜା: କୁଲତା, ବା: ନିଜଗାଁ |
| 57 | ପରଧିଆପାଲି | 124 | 1123 | 0.070 | 0.025 | ବାରି ସାଧାରଣ | ଟଙ୍କଧର ପଧାନ, ମଦନ ପଧାନ, ପି: ବାସୁଦେବ ପଧାନ, ଜା: କୁଲତା, ବା: ଗୋପାଳପାଲି |
| 58 | ପରଧିଆପାଲି | 9 | 1143 | 0.090 | 0.090 | ବାରି ସାଧାରଣ | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 59 | ପରଧିଆପାଲି | 212 | 1144 | 0.100 | 0.020 | ବାରି ସାଧାରଣ | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୁତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍ଧ୍ରି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| 60 | ପରଧିଆପାଲି | 212 | 1140 | 0.10 | 0.10 | ମାଳଖାରି | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୁତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍ଧ୍ରି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| | | | ମୋଟ: | **42.360** | **1.790** | | |
| | | | ସମୁଦାୟ ମୋଟ: | **74.520** | **5.205** | | |

| ଗ୍ରାମର ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) |
|---|---|
| ରାଣୀ ଖୁଣ୍ଟା | 0.285 |
| ଅଯିତପୁର ଶାସନ | 0.455 |
| ଛତର ଗଡ଼ା | 0.015 |
| ମାଝୀପାଲି | 1.67 |
| ସଣ୍ଢାସିଂହା | 0.99 |
| ପରଧିଆପାଲି | 1.790 |
| ମୋଟ | **5.205** |

PR-30/CI/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗନଗରରେ ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ

**ଭୁବନେଶ୍ୱର,୨୨।୫**

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍(ଇମ୍ଫା)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳିଙ୍ଗନଗରଠାରେ ହୋଇଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଅମର ନାୟକ ଏବଂ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ୧୨୪.୨୬ ଏକର ପରିବ୍ୟାପ୍ତ ସ୍ଥାନରେ ଏହି କାରଖାନା ଆରମ୍ଭ ସହ ବାର୍ଷିକ ୧,୦୦,୦୦୦ ମେଟ୍ରିକ ଟନ୍ ଫେରୋକ୍ରୋମ୍ ଉତ୍ପାଦନ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଏହି କାରଖାନା ଉଭୟ ଚୌଦ୍ୱାର ଏବଂ ଥେରୁବାଲିଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀଗୁଡ଼ିକର ପରିପୂରକ ହେବ। ଏପରିକି ଏହାର ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ ଟନ୍‌କୁ ବୃଦ୍ଧି ପାଇବା ସହ ମୂଲ୍ୟଯୁକ୍ତ ଫେରୋକ୍ରୋମ୍ ଉତ୍ପାଦନକାରୀ ଭାବରେ ଭାରତରେ ଏହାର ସ୍ଥିତିକୁ ସୁଦୃଢ଼ କରିବ। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପ ମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଫେରୋ ଆଲଏଜ୍ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗନଗର କାରଖାନାରେ ସ୍ମେଲଟିଂ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ ହାଇବ୍ରିଡ୍ ନବୀକରଣୀୟ ବିଦ୍ୟୁତ୍ ଶକ୍ତି ଯୋଗାଣ କରିବ। ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସହ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ।



ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ନିଯୁକ୍ତି କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୨।୫ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ବିଦ୍ୟାଧରପୁର ଗୋଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଯୁକ୍ତି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବିଗତ କିଛି ବର୍ଷ ହେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନ ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ସେହିଭଳି ଶିକ୍ଷାନୁଷ୍ଠାନର କୃଷି ଏବଂ ଉଦ୍ୟାନ କୃଷି ବିଷୟରେ ବିଏସ୍‌ସି (ସମ୍ମାନ) ପାଠ୍ୟକ୍ରମ ରଖି ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସଫଳତାର ଚାବିକାଠି ପାଲଟିଛି। ଚଳିତ ଶିକ୍ଷା ବର୍ଷ ଶେଷରେ ଏହି ସଫଳତାର ଗ୍ରାଫ୍ ବହୁ ଉଚ୍ଚକୁ ଯାଇଥିବା ବିଶ୍ୱବିଦ୍ୟାଳୟ ପ୍ଲେସ୍‌ମେଣ୍ଟ ଅଧିକାରୀ ରବିରଞ୍ଜନ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ଶିକ୍ଷାବର୍ଷ ଶେଷ ବେଳକୁ ବିଶ୍ୱବିଦ୍ୟାଳୟର ୭୬% ଶିକ୍ଷାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ମିଳିଥିବାବେଳେ ୨୦୨୨-୨୩ରେ ଏହି ସଂଖ୍ୟା ବୃଦ୍ଧି ପାଇ ୮୦.୫୨% କୁ ଛୁଇଁଥିଲା। ସେହିପରି ୨୦୨୩-୨୪ ଶିକ୍ଷାବର୍ଷ ଶେଷ ବେଳକୁ ଏହା ଆହୁରି ବୃଦ୍ଧି ପାଇ ୮୨.୦୯% ହୋଇଥିଲାବେଳେ ୨୦୨୪-୨୫ ଶିକ୍ଷାବର୍ଷ ଶେଷ ହୋଇ ନ ଥିବାବେଳେ ଏହି ସଂଖ୍ୟା ୭୦% ଟପିସାରିଲାଣି। ଏପରିକି ଆଗକୁ ଆହୁରି ବଳକା ସମୟ ଥିବାବେଳେ ଏହି ସଂଖ୍ୟା ୯୦% ଛୁଇଁବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆକଳନ କରିଛନ୍ତି।

ସେହିଭଳି ୨୦୨୧-୨୫ ବ୍ୟାଚ୍ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ବର୍ତ୍ତମାନ ସମ୍ପନ୍ନ ହୋଇଥିବାବେଳେ କ୍ୟାମ୍ପସ ଚୟନ ମାଧ୍ୟମରେ ସେମାନେ ବିଭିନ୍ନ ବ୍ୟାଙ୍କ, ହାଇଲ୍ୟାଣ୍ଡ ଗ୍ରୁପ୍ ଓ ଭର୍ଭ କନ୍‌ସଲଟିଂ ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଚ୍ଚ ମାନକ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏପରିକି ସେମାନଙ୍କ ମଧ୍ୟରେ ଓମ୍ ଅନିକେତ ସାହୁ, ଶ୍ରୁତିସ୍ନିଗ୍ଧା ସାହୁ, ଜିତୁରାଜ ନାୟକ, ମୋହିତ ରଞ୍ଜନ ବିଶ୍ୱାଳ, ଅସୀମ ପ୍ରୀତି ମହାପାତ୍ର, ପ୍ରିୟମ୍ ପଳାଶ ମଲ୍ଲିକ, ରାହୁଲ ସାମଲ, ସମ୍ବିତ ବେହେରା ଏବଂ ଏସ୍.ଏ. ଶକ୍ତି ସ୍ୱରୂପାନନ୍ଦ ପ୍ରମୁଖ ଭିନ୍ନ ପଦବୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି।

# ଗ୍ରାମାଞ୍ଚଳରେ ଜିଓର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା

**ଭୁବନେଶ୍ୱର,୨୨।୫**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ଗ୍ରାମାଞ୍ଚଳରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା 'ଜିଓଏୟାରଫାଇବର'କୁ ଯୋଗାଇଦେଉଛୁ। ଭାରତର ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣ ଦୀର୍ଘଦିନରୁ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍‌ର ଲାଭରୁ ବଞ୍ଚିତ ରହିଛନ୍ତି। ତେବେ ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳରେ ଜିଓ ବ୍ୟାପକ ଭାବେ ୫ଜି ଫିକ୍ସଡ୍ ଓ୍ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା ଉପଲବ୍ଧ କରାଇବା ଦ୍ୱାରା ଏହି ଧାରାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୨।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୪୫ (୬୪୪.୬୪) ପଏଣ୍ଟ ହ୍ରାସ ଘଟି ୮୦,୯୫୨ (୮୦,୯୫୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୪ (୨୦୩.୭୫) ପଏଣ୍ଟ କମି ୨୪,୬୧୦ (୨୪,୬୦୯.୭୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ବାର୍ଷିକ ଆଧାରରେ ୪୭.୫% ରାଜସ୍ୱ ବୃଦ୍ଧି

**ଭୁବନେଶ୍ୱର,୨୨।୫**

ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରିକି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଫଳାଫଳକୁ ମଧ୍ୟ ଏହି ବୈଠକରେ ଘୋଷଣା କରାଯାଇଛି। ସେହିଭଳି ଏହି ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪୭.୫% ବୃଦ୍ଧି ହୋଇ ୨୭୦୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୮୧.୪% ବୃଦ୍ଧି ହୋଇ ୬୩ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ଏବିଟଡା ୬୪% ବୃଦ୍ଧି ପାଇ ୨୯୯ କୋଟି ଟଙ୍କା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କର କଷ୍ଟମର ବାଲାନ୍ସ ୩୦.୬% ବୃଦ୍ଧି ହୋଇ ୩୬୫୯ କୋଟି ଟଙ୍କା ରହିଥିବାବେଳେ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ (ଜିଏମ୍‌ଭି) ୩୮୦୮ ବିଲିୟନ ଟଙ୍କା ରହିଛି।

# Classified Everyday
**0674-2580101, 9692975378**



**REAL ESTATE**
**SALE**


**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

Near Lingaraj Temple gharabari plot 2003sf. with boundary wall, no litigation direct owner. Contact No.-9178924698, 8895829129. D-607



**FOR RENT**

For rent basic JCV, PC-71 & PC-130 L & T Kamsatu Government work, Private work & Comany work. Contact: 9178924698. D-608



Healthcare

Positively health benefits spaexpertfemaletherapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

**AFFIDAVIT**

By virtue of an affidavit before Executive Magistrate, Bhubaneswar, I, MANGULI DEI, aged about 80 years, W/o- Late Krupasindhu Nayak, permanent resident of At- Damodarpur, Bira Pratappur, Dist.- Puri, Odisha at present residing at Durga Mandap Basti, Near SP Vigilance Office, Unit- 7, Suryanagar, P.S.- Capital, Bhubaneswar, Dist.- Khordha, Odisha, PIN-751001 declare that I have changed my name from MANGULI NAYAK to MANGULI DEI. Henceforth, I shall be known as MANGULI DEI for all purposes.
MANGULI DEI D-657

By virtue of an affidavit before Notary Public, Cuttack, dated 21.05.2025, I, Soudamini Panda, At/P.O.- Danpur, P.S.- Kendrapada Sadar, Dist.- Kendrapara-754210 declare that I have changed my name from Soudamini Rath to Soudamini Panda. Henceforth, I shall be known as Soudamini Panda for all purposes.
Soudamini Panda D-659

By virtue of an affidavit sworn before Notary Public, dated 22nd May 2025, I, Shiva Himirika, Address: At- Adivasi Sahi, Village- Kotapeta, P.O.- Kotapeta, Dist.- Rayagada, Odisha, 765017 declare that I have changed my name from Hiralal Paswan to Shiva Himirika. Henceforth, I shall be known as Shiva Himirika for all purposes.
Shiva Himirika D-661

By virtue of an affidavit sworn before Notary Public, Rayagada, dated 22.05.2025, I, Ajit Kumar Naik, At-Nishikhal, P.O.- Sankarada, P.S.-Tikiri, Dist.-Rayagada, Odisha, PIN- 765015 declare that I have changed my name from Hadi Bandhu Naik to Ajit Kumar Naik. Henceforth, I shall be known as Ajit Kumar Naik for all purposes.
Ajit kumar Naik D-660

By virtue of an affidavit sworn before the Notary Public, Sonepur on dated 20.05.25, I, Ajambila Mahakur, R/o. Village- Kirtipur, P.O.- Khalipali, P.S.- Sonepur, Dist.- Subarnapur, PIN- 767017 declare that I have changed my daughter's name from Pritimayee Mahakur to Priti Sulagna Mahakur. Henceforth, she shall be known as Priti Sulagna Mahakur for all purposes.
Ajambila Mahakur D-669


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Uditnagar on dated 09.05.25, I, Basanti Devi Ray, W/o- Manji Ray, R/o. Keutenposh, Padampur, Dist.- Sundargarh, Odisha- 770039 declare that I have changed my son's name from Binit Kumar Ray to Vinit Ray. Henceforth, he shall be known as Vinit Ray for all purposes
Basanti Devi Ray D-666

By virtue of an affidavit sworn before the Notary Public, Jharsuguda, No.11, date 21.05.25, I, Saroj Bhoi, R/o- Kechhobahal, P.O.- Chichinda, P.S.- Brajrajnagar, Dist.- Jharsuguda- 768216, Odisha declare that I have changed my name from Saroj Kumar Bhoi to Saroj Bhoi. Henceforth, I shall be known as Saroj Bhoi for all purposes.
Saroj Bhoi. D-667

By virtue of an affidavit sworn before the Notary Public, Bargarh, No.340, date 20.05.25, I, Sunita Bhoi formerly called Sunita Padhan, R/o- Budhitikra, Ekamra Chowk, P.O.- Sarsara, P.S./Dist.- Bargarh, PIN- 768040, Odisha declare that I have changed my name from Sunita Padhan to Sunita Bhoi. Henceforth, I shall be known as Sunita Bhoi for all purposes.
Sunita Bhoi D-668


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Before Executive Magistrate, R. Udayagiri affidavit No.- 651/25-22.05.25, I, Shyam Kumar Datta (38), S/o- Late Krushna Chandra Datta, Res/ Vill- R. Udayagiri, P.O.- R.Udayagiri, P.S.- R.Udayagiri state that my name wrongly mentioned on my Aadhaar Card and Voter Identity Card as Shyam Kumar Datt. Both Shyam Kumar Datta and Shyam Kumar Datt as one and same person. Henceforth, I shall be known as Shyam Kumar Datta for all future purposes. D-671

ମୁଁ, ସୁରେଶ କୁମାର ପେଦିନା, ପିତା- ସ୍ୱର୍ଗତ ପେଦିନା ଅନନ୍ତ ରାଓ, ବାସିନ୍ଦା: ସ୍ଥାନ- ଡେରା ସାହି, ଗୁଡ଼ାରି, ୱାର୍ଡ ନଂ.-୫, ପୋଷ୍ଟ/ଥାନା- ଗୁଡ଼ାରି, ଜିଲ୍ଲା- ରାୟଗଡ଼ା, ଓଡ଼ିଶା, ପିନ୍- ୭୬୫୦୨୬, ଓଡ଼ିଶା ଏହି ସତ୍ୟପାଠ ନଂ.-୪୮୦, ତାରିଖ ୨୧।୦୫।୨୦୨୫ ଜରିଆରେ ଘୋଷଣା କରୁଅଛି କି, ଏବେ ପରଠାରୁ ମୁଁ ସମସ୍ତ ଭବିଷ୍ୟତ ଉଦ୍ଦେଶ୍ୟ ପାଇଁ ସୁରେଶ କୁମାର ପେଦିନା ଭାବେ ପରିଚିତ ହେବି। ଧ-୬୭୨

By virtue of an affidavit sworn before the Executive Magistrate, Sundargarh, No.736, dated 28.04.25, I, Rajeswari Rana, W/o- Lokanath Rana, R/o. Village/P.O.- Aunlabahal, P.S.- Lephripara, Dist.- Sundargarh, Odisha declare that I have changed my son's name from Jas Rana to Joysh Rana. Henceforth, he shall be known as Joysh Rana for all purposes.
Rajeswari Rana D-665

# ମନେ ପଡ଼ନ୍ତି

**୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ଁଗୋପୀନାଥ ପଣ୍ଡା**
୬୨, ବାପୁଜୀନଗର
ତିରୋଧାନ: ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୫୧୧

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁପ୍ରିୟଦର୍ଶିନୀ ନାୟକ (ପିଙ୍କୁ)**
ଶିକ୍ଷୟିତ୍ରୀ: ଚନ୍ଦାପାଟ ପ୍ରାଇମେରୀ ସ୍କୁଲ, ଚନ୍ଦାପାଟ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୦୫।୧୯୬୭
(କନ୍ଦେଇପୋଖରୀ, ରାହାମା, ଜଗତ୍‌ସିଂହପୁର)
ତିରୋଧାନ: ୧୩।୦୫।୨୦୨୫
(ପରିୟାପାଟପୁର, ବାଲିପାଟଣା, ଖୋର୍ଦ୍ଧା)
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ
ଧ-୬୭୦

**୨୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଁଇଂ ଦୟାନିଧି ମହାପାତ୍ର**
ଆବିର୍ଭାବ: ୦୨.୦୧.୧୯୨୩ ତିରୋଧାନ: ୧୩.୦୫.୧୯୯୬
ଗ୍ରାମ: ବଡଝରିଲୋ, କଟକ
ଘର: ଜି-୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ତୁମେ ମେରୁଦଣ୍ଡ ଆମ ମାନଙ୍କର,
ତୁମେ ବୈଶାଖୀ ଆମ ମାନଙ୍କର,
ତୁମେ ସ୍ପନ୍ଦନ ଆମ ହୃଦୟ ର,
ତୁମେ ଅଣୁ ଆମ ରକ୍ତ ବିନ୍ଦୁର,
ନନା ତୁମେ ଆମ ପାଖରେ ଥିଲ,
ଅଛ ଆଉ ସଦା ରହିଥିବ।
ଶୋକସନ୍ତପ୍ତ:- ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ବନ୍ଧୁ ଓ ସମସ୍ତ ପରିବାରବର୍ଗ।
ଧ-୭୬୮୨୬


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### ମୋଟେର ରବି ଧାନମଣ୍ଡି ଶୁଭାରମ୍ଭ

କୋକସରା,୨୨।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ରବି ଧାନ ସଂଗ୍ରହ ପାଇଁ ଗତ ୨୦ ତାରିଖରୁ କଳାହାଣ୍ଡି ଜିଲାରେ ମଣ୍ଡି ଆରମ୍ଭ ହୋଇଥିବା ବେଳେ କୋକସରା ବ୍ଲକ୍ ମୋଟେରଠାରେ ଗୁରୁବାର ମଣ୍ଡି ଶୁଭାରମ୍ଭ ହୋଇଛି। ଚାରବାହାଲ କୃଷି ସମବାୟ ସମିତି ସଭାପତି ମହେଶ ପଣ୍ଡାଙ୍କ ଉପସ୍ଥିତିରେ ଚାଷୀ ଦେବେନ୍ଦ୍ର ପାଙ୍ଗଯୋଷୀ, ଫକୀର ମୋହନ ପାଙ୍ଗଯୋଷୀ, ବି. ସତୀଶ, ପୀତାମ୍ବର ଦଳପତି, ବୀରବଲ ଦଳପତି, ଚାରୁ ଜାଲ, ଶ୍ରମିକ ନେତା ସୁରେନ୍ଦ୍ର କର ଉପସ୍ଥିତ ଥିଲେ। ଚାଷୀମାନେ ଆର୍‌ଏମ୍‌ସି, ପାକ୍ସ କର୍ମଚାରୀଙ୍କ ସହ ଉତ୍ତମ ବୁଝାମଣା ରଖି ଧାନ ବିକ୍ରି କରିବାକୁ ପାକ୍ସ ସଭାପତି ମହେଶ ପଣ୍ଡା ପରାମର୍ଶ ଦେଇଥିଲେ। ଚଳିତ ରବି ମଣ୍ଡି ପାଇଁ ୭୯୯ ଜଣ ଚାଷୀ ଅନ୍‌ଲାଇନରେ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେଶନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୬,୬୦୦ କୁଇଣ୍ଟାଲ ଟାର୍ଗେଟ ରହିଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ଆଘାତରେ ୨ ବଳଦ ମୃତ

ଲାଞ୍ଜିଗଡ଼,୨୨।୫(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବାତେଲିମା ପଞ୍ଚାୟତ ବୋରିଙ୍ଗପଦର ଗାଁରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଦୁଇଟି ବଳଦର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗାଁର କମଲୁ ମାଝୀ ଓ ଉମ୍ଭା ମାଝୀଙ୍କ ଦୁଇଟି ବଳଦ ସକାଳୁ ନିକଟସ୍ଥ ପିପଲପଡା ପଡିଆକୁ ଚରିବାକୁ ଯାଇଥିଲେ। ସେମାନେ ଚରୁଥିବା ସମୟରେ ପଡ଼ିଆ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡିପଡିବା ଫଳରେ ଏହା ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ବଳଦ ଦୁଇଟିର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଲୋକେ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରୁଦ୍ରନାରାୟଣ ସାହୁଙ୍କୁ ପଚାରିବାରୁ ପବନରେ ଗଛ ଡାଳ ପଡି ବିଦ୍ୟୁତ ତାର ଛିଣ୍ଡିଯିବାରୁ ଏପରି ଘଟଣା ଘଟିଛି। ବଳଦ ଦୁଇଟିର ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ରିପୋର୍ଟ ଡିଭିଜନ ଅଫିସ ପଠାଯିବ। ସରକାରଙ୍କ ନିୟମ ଅନୁଯାୟୀ ବଳଦ ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

### କଳାରେ ସାଇ ରଶ୍ମି ନାଏକ କଲେଜ ଟପ୍ପର

**ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସଫଳତା**

ଖଡ଼ିଆଳ,୨୨।୫ (ସୁଜିତ କୁମାର ପ୍ରଧାନ): ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କଳାରେ ୮୨.୪୮%, ବିଜ୍ଞାନରେ ୬୨%, ବାଣିଜ୍ୟରେ ୫୮% ଛାତ୍ରୀଛାତ୍ର ପାସ୍ କରିଛନ୍ତି। କଳାରେ ସାଇ ରଶ୍ମି ନାଏକ ୮୮.୫୨%, ବାଣିଜ୍ୟରେ ତନଭି ଶର୍ମା ୮୧.୩୩%, ବିଜ୍ଞାନରେ କାଜଲ ସାହୁ ୭୯.୩୩% ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ୫୫% ଛାତ୍ରୀଛାତ୍ର ପାସ୍ କରିଥିବା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରକାଶ କରିଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି।

# ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ**

- ନୂତନ ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ
- ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ

ଭବାନୀପାଟଣା,୨୨।୫(ଉତ୍ତମ କୁମାର ଦାଶ)



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣେ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କଳାହାଣ୍ଡି ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ପ୍ରଥମେ ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ନୂତନ ରାଶନ କାର୍ଡ ବଣ୍ଟନ ସମାରୋହରେ ଯୋଗଦେଇଥିଲେ। ସେଠାରେ ଜିଲାର ୧୩ ବ୍ଲକର ୯୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦାର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁ ପରିଚାଳନା କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାର ୪ ଲକ୍ଷ ୧୪ହଜାର ୭୯୬ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ପରେ ମନ୍ତ୍ରୀ ପାତ୍ର ଟାଉନ ହଲଠାରେ ଅନୁଷ୍ଠିତ ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୟରେ ନୂତନ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରି ତାଙ୍କ ମୁହଁରେ ହସ ଫୁଟାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ଦ୍ୱାରା ଚାଷୀଙ୍କ ଆୟ ବଢିବା ସହ ଚାଷ ପ୍ରତି ସମସ୍ତେ ଧାନ ଦେବେ ବୋଲି କହିଥିଲେ। ଏହି ସମୟରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦାର, କୃଷକ ମୋର୍ଚ୍ଚା ଜିଲା ସଭାପତି କେଶରୀ ଦୁର୍ଗା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ପାତ୍ର ଦଳୀୟ ବୈଠକ କରି କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

# ଧାନ ବିକ୍ରି ନେଇ ଚିନ୍ତାରେ ଚାଷୀ

**ମଣ୍ଡି ଆରମ୍ଭ ପୂର୍ବରୁ ଦାଉ ସାଧିଲା ବର୍ଷା**



ନୂଆଗୁଡା ମଣ୍ଡି ଖୋଲା ଆକାଶ ତଳେ ଚାଲିଛି।

ଭବାନୀପାଟଣା,୨୨।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ୨୦ତାରିଖଠାରୁ ରବି (ଡାଲୁଅ) ଧାନ ପାଇଁ ମଣ୍ଡି ଖୋଲିଛି। ତେବେ ମଣ୍ଡି ଖୋଲିବାର ୨ ଦିନ ପରେ ଚାଷୀଙ୍କୁ ଦାଉ ସାଧିଛି ବର୍ଷା। ଗୁରୁବାର ଅପରାହ୍ନରେ ଜିଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, କୋକସରା, ଜୟପାଟଣା, କଳାମପୁର, ଗୋଲାମୁଣ୍ଡା ଆଦି ବ୍ଲକରେ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ହୋଇଛି। ଏଥିଯୋଗୁ ଖୋଲା ଆକାଶ ତଳେ ଚାଲିଥିବା ମଣ୍ଡି ଧାନ ସମେତ ଖଳାରେ ଚାଷୀ ରଖିଥିବା ଧାନ ଭିଜିଯାଇଛି। ସେହିପରି କ୍ଷେତରେ ଥିବା ଧାନ ମଧ୍ୟ ପ୍ରବଳ ବର୍ଷା ପବନ ଯୋଗୁ ଶୋଇପଡି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ମଧ୍ୟ ପ୍ରାୟ ୫୦ ପ୍ରତିଶତ ଧାନ ଚାଷୀ ଅମଳ କରିପାରି ନ ଥିବାବେଳେ ପ୍ରବଳ ବର୍ଷା ଯୋଗୁ ଧାନ ବିକ୍ରି ନେଇ ଏବେ ଚାଷୀ ଚିନ୍ତାରେ ରହିଛି। ଗତ ୨ ଦିନରେ ଜିଲାର ୫୯ ଜଣ ଚାଷୀଙ୍କ ପ୍ରାୟ ୪ହଜାର ୩ ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଧାନ କିଣା ଟାର୍ଗେଟ ୨୦ ଲକ୍ଷ ୬୦ ହଜାର ରହିଛି। ସେହିପରି ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ୭୦ ମିଲର୍ସ ଅଂଶଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ମଣ୍ଡି କାର୍ଯ୍ୟ କିଛି ସ୍ଥାନରେ ପ୍ରଭାବିତ ହୋଇଛି ବୋଲି କହିଥିଲେ।



କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ବିକାଶ କର୍ତ୍ତୃପକ୍ଷ।

# ଶୃଙ୍ଖଳା ହିଁ ସଫଳତାର ଚାବିକାଠି

**ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ**

ଭବାନୀପାଟଣା,୨୨।୫(ଉତ୍ତମ କୁମାର ଦାଶ)

ଯୁକ୍ତ ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଯୋଗ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଏହି ପରୀକ୍ଷାରେ ଅନୁଷ୍ଠାନର ବିଜ୍ଞାନରେ ମୋଟ ୨୪୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ୯୦% ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ସଂଖ୍ୟାର ୨୩% ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୮୫% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାକେଶ ଜଗତ ସର୍ବାଧିକ ୯୩% ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଅଧ୍ୟକ୍ଷ ଯୁବରାଜ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ରାମ କୁମାର ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି କହିଥିବା ବେଳେ ନିର୍ଦ୍ଦେଶକ ଡି. ଶ୍ୟାମ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ମାର୍ଗଦର୍ଶନ ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଏହି ଅବସରରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତାରେ ଅଭିଭାବକମାନେ ଖୁସି ବ୍ୟକ୍ତ କରି ଅନୁଷ୍ଠାନର ନିର୍ଦ୍ଦେଶକ, ଅଧ୍ୟକ୍ଷ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ

କେସିଙ୍ଗା,୨୨।୫(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା କଂଗ୍ରେସ ଭବନରେ ଗୁରୁବାର ଟାଉନ ସଭାପତି ସୁଭାଷ ଜୈନଙ୍କ ସଭାପତିତ୍ୱରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ କାଳରେ ହୋଇଥିବା ବିଭିନ୍ନ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ବିଷୟରେ କର୍ମୀମାନେ ଆଲୋଚନା କରିଥିଲେ। ବିଶେଷ କରି ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ମହତ୍ୱପୂର୍ଣ୍ଣ ବ୍ୟବସ୍ଥା ଥିଲା। ତାଙ୍କ ଆଦର୍ଶ ନୀତିକୁ ଅନୁସରଣ କରିବାକୁ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ପରେ ସମସ୍ତେ ରାଜୀବ ଗାନ୍ଧୀ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସ୍ମୃତି ସଭାରେ ଜିଲା ଯୁବ କଂଗ୍ରେସ ଇନ୍‌ଚାର୍ଜ ବିଜୟ ଦୀପ, ବ୍ଲକ ସଭାପତି ରାହସ ସାହୁ, ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ନାଏକ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ପ୍ରତାପ ବାଗ, ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ ପ୍ରମୁଖ ଯୋଗଦେଇଥିଲେ।

# ବିନା କଟ୍‌ନିରେ ଉଠୁନାହିଁ ଧାନ



ମଣ୍ଡିରେ ପଡିରହିଥିବା ଧାନ।

ନୂଆପଡ଼ା,୨୨।୫ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ରବିଧାନ ସଂଗ୍ରହ ପାଇଁ ଗତ ୨୦ ତାରିଖରେ ସାରାବଙ୍ଗଠାରେ ପ୍ରଥମ ମଣ୍ଡି ଆରମ୍ଭ ହୋଇଥିଲା। ମଣ୍ଡି ଖୋଲିବାର ଦୁଇଦିନ ନ ପୁରୁଣୁ ଅବ୍ୟବସ୍ଥା ଦେଖାଦେଲାଣି। ୩କି.ଗ୍ରା. କଟ୍‌ନି ନ କଲେ ମଣ୍ଡିରୁ ଧାନ ଉଠାଇବୁ ନାହିଁ ବୋଲି ମିଲର୍ସ କହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ତରବୋଡ ମଣ୍ଡିକୁ ୩ ମିଲର୍ସ ଯାଇ ମୂଲଚାଲ କରିବା ସମୟରେ ଚାଷୀ କଟ୍‌ନିକୁ ବିରୋଧ କରିବାରୁ ମିଲର୍ସ ଫେରି ଯାଇଛନ୍ତି। ଏହି ମଣ୍ଡିରେ ଦୁଇ ଦିନ ହେଲା ୬ ଜଣ ଚାଷୀଙ୍କ ୭୬୦ ବ୍ୟାଗ ଧାନ ପଡିରହିଛି। ଜିଲାରେ ଅଦିନିଆ ବର୍ଷା ଲାଗିରହିଛି। ବର୍ଷା ପବନରେ ମଧ୍ୟ ଚାଷୀ ମଣ୍ଡିରେ ଧାନକୁ ଜଗିରହିଛି। ଏଭଳି ଅବ୍ୟବସ୍ଥା ନେଇ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିବା ଅପେକ୍ଷା ବେପାରୀଙ୍କୁ ଦେବା ଭଲ ବୋଲି କହୁଛନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କୁ ପଚାରିବାରୁ କ'ଣ ହୋଇଛି ବୁଝି କହୁଛି କହି ଫୋନ କାଟିଦେଇଥିଲେ।

# ଯାଦବ ସମାଜରେ ରହିଛି ଭାଇଚାରା

କୋକସରା,୨୨।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡାଠାରେ ନବନିର୍ମିତ ଯାଦବ ସାମାଜ ଭବନର ଲୋକାର୍ପଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଲୋକାର୍ପଣ କରିଥିଲେ। ସମାଜର ବ୍ଲକ ସଭାପତି ବିନୋଦ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଧର୍ମଗଡ଼ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ସଦସ୍ୟ ତଥା ଅଧ୍ୟାପକ ଦ୍ୱାରିକାନାଥ ବାଗ, ଜିଲା ଯାଦବ ସମାଜ ସଭାପତି ନୃପରାଜ ଯାଦବ, ପୂର୍ବତନ ଜିଲା ସଭାପତି ଉମ୍ବରୁଧର ଲହଜଳ, ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ସମାଜବାଦୀ ପାର୍ଟି ଓଡିଶା ଅଧ୍ୟକ୍ଷ ଶିବ ହାତୀ, ସମାଜର ଜିଲା ସଭାନେତ୍ରୀ ରଶ୍ମିରେଖା ରାଉତ, ଉତ୍କଳ ଯାଦବ ମହାସଭାର ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ଓବିସି ମୋର୍ଚ୍ଚା ନେତା ଡାକେଶ୍ୱର ଲହଜଳ ପ୍ରମୁଖ ଯୋଗଦେଇଥିଲେ। ଯାଦବ ସମାଜ ହେଉଛି ଏମିତି ଏକ ପରିବାର ଯେଉଁଠି ସ୍ନେହ, ଶ୍ରଦ୍ଧା, ଭାଇଚାରା ରହିଛି ବୋଲି ବିଧାୟକ ବାଗ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଯାଦବ ସମାଜର ବ୍ଲକ ସମ୍ପାଦକ ଅଲେଖ ଗୋପାଳ ମଞ୍ଚ ପରିଚାଳନା କରିଥିଲେ। ଯାଦବ ଭବନ ପ୍ରତିଷ୍ଠା କମିଟି ସଭାପତି ବିଦ୍ୟାଧର ଗହୀର, ସମ୍ପାଦକ ଅର୍ଜୁନ ଭାଟି, କୋଷାଧ୍ୟକ୍ଷ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଲମ୍ବୋଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଭବାନୀପାଟଣା,୨୨।୫ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚେଗୁଡାସ୍ଥିତ ଲମ୍ବୋଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ମୋଟ ୨୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ପ୍ରଥମ ଶ୍ରେଣୀରେ ୧୬୯ ଜଣ ପାସ୍ କରିଥିବାବେଳେ ୫୨ ଜଣ ଦ୍ୱିତୀୟ ଓ ୧୧ ଜଣ ତୃତୀୟ ଶ୍ରେଣୀ ଅଧିକାର କରିଛନ୍ତି। ସେହିପରି ୨ ଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ପାଇଛନ୍ତି। ସେମାନେ ହେଲେ ରାହୁଲ କେତକୀ (୯୨%) ଓ ଓମ୍ ପ୍ରକାଶ ନିଆଲ (୯୦%)। ଏହାସହ ୩୨ ଜଣ ଛାତ୍ରୀଛାତ୍ର ୮୦%ରୁ ଅଧିକ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ କଲେଜର ଚେୟାରମ୍ୟାନ ହିମାଂଶୁ ଶେଖର ମେହେର, ସମ୍ପାଦକ ନିହାର ରଞ୍ଜନ ମେହେର, ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ରାହୁଲ କେତକୀ



ଓମ୍ ପ୍ରକାଶ ନିଆଲ

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ନୂଆପଡ଼ା,୨୨।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ସରକାରୀ ଓକିଲ ତ୍ରିଲୋକଚନ୍ଦ ସୋନୀ, ସରପଞ୍ଚ ରାୟଧର ବଘେଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିପ୍ସାମୟୀ ଜାଲ, ଆଇନ ସ୍ୱେଚ୍ଛାସେବୀ ଅଧିକାର ମିତ୍ର ଉପସ୍ଥିତ ଥିଲେ।

# ମା' ଧରଣୀଦେବୀ ନକ୍‌ଆଉଟ କ୍ରିକେଟ ଉଦ୍‌ଘାଟିତ

ଲାଞ୍ଜିଗଡ଼,୨୨।୫(ରମେଶ ଚନ୍ଦ୍ର ନାୟକ)

**ପ୍ରଥମ ମ୍ୟାଚ୍‌ରେ ବଣ୍ଡେଲ ବିଜୟୀ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଭେଜରାଙ୍ଗ ଖେଳ ପଡ଼ିଆଠାରେ ମା' ଧରଣୀଦେବୀ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଜଳକ୍ରୀଡ଼ା ଓ ବଣ୍ଡେଲ ମଧ୍ୟରେ ହୋଇଥିଲା। ୧୨ ଓଭର ବିଶିଷ୍ଟ ଖେଳରେ ଜଳକ୍ରୀଡ଼ା ପ୍ରଥମେ ବ୍ୟାଟିଂକରି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ବଣ୍ଡେଲ ଦଳ ୮.୩ ଓଭରରେ ୨ ଉଇକେଟ ବିନିମୟରେ ୮୯ ରନ କରି ବିଜୟୀ ହୋଇଥିଲା। କହ୍ନେଇ ପ୍ରଧାନୀ ଓ ଦାଶନା ମାଝୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ ମୁଖ୍ୟ ଅତିଥି ଓ ବିଜେପୁର ସମିତି ସଭ୍ୟା ଭୂମିକା ମାଝୀ, ନାଏବ ସରପଞ୍ଚ ଇନ୍ଦ୍ର ମାଝୀ, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ପୂଜାରୀ, ସାମାଜିକ କର୍ମୀ ଜୟନ୍ତ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା,୨୨।୫ (ମକାରୁ ବେମାଲ)



ଖାଦ୍ୟ କମିଶନ ଅଧ୍ୟକ୍ଷ ସମୀକ୍ଷା କରୁଛନ୍ତି।

ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଗୁରୁବାର ନୂଆପଡ଼ା ଜିଲା ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ଜିଲାର ସ୍ଥିତି ସମ୍ପର୍କରେ କମିଶନ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ ସୂଚନା ଦେଇ କହିଥିଲେ, ଜିଲାରେ ୧୩୧ ପଞ୍ଚାୟତରେ ୧୪୧ ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ର ଚାଲିଛି। ଏଥିରୁ ୧୧୩ଟି ପଞ୍ଚାୟତ ଦ୍ୱାରା ଓ ୨୮ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି। ଜିଲାରେ ୧ ଲକ୍ଷ ୭୮ ହଜାର ୩୮୮ ପରିବାରର ୫ ଲକ୍ଷ ୬ ହଜାର ୨୪ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲାରେ ୩ ଅନୁଷ୍ଠାନରେ ପ୍ରତିଦିନ ୧୧୫ ଜଣ ଅନ୍ତେବାସୀଙ୍କୁ ଦୁଇଥର ରନ୍ଧା ଖାଦ୍ୟ ଦିଆଯାଉଛି। ସେହିପରି ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୪୭ ସ୍କୁଲର ୨୦୧ ହଷ୍ଟେଲର ଛାତ୍ରୀଛାତ୍ରଙ୍କୁ ସବୁଦିନ ରନ୍ଧା ଖାଦ୍ୟ ଦିଆଯାଉଛି। ଖାଦ୍ୟ କମିଶନ ଅଧ୍ୟକ୍ଷ ସାହୁ ନୂଆପଡା ଏକ ଆଦିବାସୀ ଅଧୁଷିତ ଜିଲା ହୋଇଥିବାରୁ ଛାତ୍ରୀଛାତ୍ରଙ୍କୁ ସମସ୍ତ ଖାଦ୍ୟସାମଗ୍ରୀ ଠିକ ସମୟରେ ସଠିକ ପରିମାଣରେ ଯୋଗାଇଦେବାକୁ କହିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ମେହେର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ, ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତ ପାତ୍ର, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଉପ ଜିଲାପାଳ ଯୋଗେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଗଳାବାଟ ଦେଇ ପଶୁଛି ଛତିଶଗଡ଼ ଧାନ

## ମୁଖ୍ୟ ପ୍ରବେଶପଥକୁ ଜଗିଛି ପ୍ରଶାସନ

ବରଗଡ,୨୨।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ୭ଦିନ ବିତିଛି। ଜିଲାରେ ଚାଷୀଙ୍କ ଅମଳ ଧାନ ବିକ୍ରି ସରି ନାହିଁ। ଜିଲାର ଧାନ ବିକ୍ରି ସରିବାକୁ ଆହୁରି ପ୍ରାୟ ୨ମାସ ଲାଗିଯିବ। ଅନ୍ୟପଟେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲୁ ନ ଥିବା ଯୋଗୁ ସେଠାକାର ଧାନ ବେପାରୀ ଜରିଆରେ ବରଗଡ଼ ଜିଲାକୁ ପଶୁଛି। ସେଭଳି ଧାନକୁ ରାତାରାତି କେତେକ ନିର୍ଦ୍ଦିଷ୍ଟ ଜାଗା ତଥା ମିଲ୍‌ରେ ରଖାଯାଉଛି ଏବଂ ଜିଲାର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ଫଲ୍ସଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏହା ଜିଲାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଜିଲାର ଚାଷୀମାନେ ଧାନ ବିକ୍ରି କରି ସାରି ନ ଥିବେ, ମାତ୍ର ଆଗାମୀ ଦିନରେ ଜିଲାରେ ଧାନକ୍ରୟ ଲକ୍ଷ୍ୟ ପୂରଣ ହୋଇ ତାହା ଧାନ ସଂଗ୍ରହ ପ୍ରକ୍ରିୟାରେ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି। ଛତିଶଗଡ଼ ସୀମାବର୍ତ୍ତୀ ପ୍ରବେଶପଥ ଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି ବୋଲି ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି।


ଛତିଶଗଡ଼ରୁ ବରଗଡ଼ ଜିଲାକୁ ଆସୁଥିବା ଧାନ।

କିନ୍ତୁ ସେହି ପ୍ରବେଶ ପଥ ଅତିକ୍ରମ କରି ଛତିଶଗଡ଼ର ଧାନ ବୋଝେଇ ଟ୍ରକ କେବଳ ସୀମାବର୍ତ୍ତୀ ଗ୍ରାମ ନୁହେଁ, ସିଧାସଳଖ ଜିଲା ସଦର ମହକୁମାକୁ ମଧ୍ୟ ପହଞ୍ଚି ପାରୁଛି। ଗତ କିଛିଦିନ ତଳେ ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ଏଭଳି ଏକ ଟ୍ରକ ଧରାପଡ଼ିବା ଘଟଣା ଏହାର ଦୃଷ୍ଟାନ୍ତ ଅଟେ। ତେବେ ମୁଖ୍ୟରାସ୍ତା ଦେଇ ଯଦି ଛତିଶଗଡ଼ ଧାନ ଏଭଳି ପ୍ରବେଶ କରି ପାରୁଛି, ତେବେ ଜିଲାକୁ ସଂଯୋଗ କରୁଥିବା ଅନ୍ୟ ଗଳାବାଟ ଦେଇ ଏଠାକୁ କେତେ ପରିମାଣରେ ଧାନ ପଶୁଥିବ, ତାହା ସହଜରେ ଅନୁମେୟ।

୬ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ସୋହେଲା ବ୍ଲକ ଏବଂ ଅମ୍ବାଭୋନା ବ୍ଲକ ଦେଇ ଛତିଶଗଡ଼କୁ ମୁଖ୍ୟରାସ୍ତା ଗୁଡ଼ିକ ସଂଯୋଗ କରୁଛି। ମୁଖ୍ୟରାସ୍ତା ଗୁଡ଼ିକରେ ନିୟମିତ ଯାତ୍ରୀବାହୀ ବସ୍ ସହିତ ଅନ୍ୟ ଯାନବାହନ ଯାତାୟାତ କରୁଛି। ତେବେ ଏବେ ମୁଖ୍ୟରାସ୍ତା ସମେତ ବରଗଡ଼କୁ ଛତିଶଗଡ଼ ଧାନ ଚାଲାଣ ପାଇଁ ଉଭୟ ବ୍ଲକ ଦେଇ ରହିଥିବା ଗଳାବାଟ ଗୁଡ଼ିକ ଧାନ ବେପାରୀଙ୍କ ପ୍ରମୁଖ ମାଧ୍ୟମ ପାଲଟିଛି। ଛତିଶଗଡ଼ ରାଜ୍ୟର ନୂଆପଡ଼ା, କଞ୍ଚନପୁର, ବୋରିଦା ଖଏରଗଡ଼ି, ମାନିଅମୁରା, କେନ୍ଦାଡ଼ିପା, ରିଷିଡ଼ାରୁ ଯଥାକ୍ରମେ ବରଗଡ଼ ଜିଲା ଅମ୍ବଭୋନା ବ୍ଲକ ଅନ୍ତର୍ଗତ ବଡ଼ଧରା, ଗୁଡିଦା, ଗଣ୍ଡିଆପାଲି, ବେହେରାପାଲି, ବିଲେଇଗଡ଼ି, ସାନ ସରେଇପାଲି, କୁମ୍ଭୋକୁ ରାସ୍ତା ସଂଯୋଗ ହୋଇଛି।

ତେବେ ଏହି ରାସ୍ତାଗୁଡ଼ିକ ମଧ୍ୟରୁ ନୂଆପଡ଼ା–ବଡ଼ଧରା, କଞ୍ଚନପୁର–ଗୁଡିଦା, ବୋରିଦା–ଗଣ୍ଡିଆପାଲି ରାସ୍ତା ଦେଇ ମୁଖ୍ୟତଃ ଯାତ୍ରୀବାହୀ ବସ୍ ଏବଂ ଅନ୍ୟ ଯାନବାହନ ନିୟମିତ ଯାତାୟାତ କରିଥାଏ। ତେବେ ଛତିଶଗଡ଼ରୁ ଧାନ ଚାଲାଣ ପାଇଁ ଧାନ ବେପାରୀମାନେ ଏହି ରାସ୍ତା ବ୍ୟବହାର କରୁଥିଲେ ସୁଦ୍ଧା ଚଢ଼ାଉ ଭୟରେ ଖଏରଗଡ଼ି–ବେହେରାପାଲି, ମାନିଅମୁରା–ବିଲେଇଗଡ଼ି, କେନ୍ଦାଡ଼ିପା–ସାନ ସରେଇପାଲି, ରିଷିଡ଼ା ଭଳି ଗଳାବାଟରେ ଅନାୟାସରେ ବରଗଡ଼ ଜିଲାକୁ ଧାନ ଆଣୁଥିବା ଅଭିଯୋଗ ହୋଇଛି। ଏହା ସହିତ ଭଟଲି ବ୍ଲକର କାଶିପାଲି ଦେଇ ବରଡ଼ୋଲକୁ ସଂଯୋଗ କରୁଥିବା ରାସ୍ତାରେ ମଧ୍ୟ ଛତିଶଗଡ଼ ରାଜ୍ୟର ଧାନ ବୋଝେଇ ଟ୍ରକଗୁଡ଼ିକ ଆସୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଅନୁରୂପଭାବେ ସୋହେଲା ବ୍ଲକ ଦେଇ ମଧ୍ୟ ଅନେକ ଗଳାବାଟ ରହିଛି ଏବଂ ସେହି ରାସ୍ତା ଗୁଡ଼ିକ ଦେଇ ବରଗଡ଼କୁ ଧାନ ପଶୁଥିବା ଅଭିଯୋଗ ହୋଇଛି। ଏହି ବ୍ଲକର କରଣ୍ଡୋଲା ପଞ୍ଚାୟତ ଦାମପାଲି, କାଶିପାଲି–କୁଦୋପାଲି, ଗ୍ରୀଞ୍ଜେଲ–ବୁଢ଼ାମାଳ ଦେଇ ଛତିଶଗଡ଼ରୁ ବରଗଡ଼କୁ ଧାନ ବୋଝେଇ ଟ୍ରକଗୁଡ଼ିକ ଆସୁଥିବା ଅଞ୍ଚଳର ଲୋକେ କହୁଛନ୍ତି। ଅନ୍ୟପଟେ ଛତିଶଗଡ଼ ଧାନ ଯେଭଳି ବରଗଡ଼କୁ ପଶିବ ନାହିଁ, ସେଥିପ୍ରତି ପ୍ରବେଶପଥ ଗୁଡ଼ିକରେ ସିସିଟିଭି ସ୍ଥାପନ ସହିତ ସ୍ୱତନ୍ତ୍ର ସ୍କ୍ୱାଡ୍ ନଜର ରଖିଥିବା କୁହାଯାଉଥିଲେ ହେଁ ତାହା ଧର୍ମକୁ ଆଖିଠାର ଭଳି ହୋଇଛି। ଏପରିକି ଗଳାବାଟ ଦେଇ ଛତିଶଗଡ଼ରୁ ବରଗଡ଼କୁ ଧାନ ନିୟମିତ ଆସୁଛି। ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଜାଣି ଅଜଣା ରହୁଛନ୍ତି। ମିଲର୍ସ, ବେପାରୀ ଏବଂ ବିଭାଗୀୟ କର୍ମଚାରୀଙ୍କ ମିଳିତ ସହଯୋଗରେ ଛତିଶଗଡ଼ ଧାନ ବରଗଡ଼କୁ ପ୍ରବେଶ କରୁଥିବା ଚାଷୀନେତାମାନେ ଅଭିଯୋଗ କରିଛନ୍ତି।

ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ସବୁବର୍ଷ ରବିଧାନ ବରଗଡ଼କୁ ଆସୁଛି। ନୂଆ ସରକାର ତାକୁ ଅଟକାଇବେ ବୋଲି ଆଶା ରହିଥିଲା। ମାତ୍ର ଆଗଭଳି ଏବେ ମଧ୍ୟ ଛତିଶଗଡ଼ରୁ ବରଗଡ଼କୁ ଧାନ ଆସୁଛି। ସିସିଟିଭି କେଉଁଠି ବସିଛି ଏବଂ ଏହା ରୋକିବାକୁ ଗଠିତ ଟାସ୍କଫୋର୍ସ ଏବଂ ପୋଲିସ କଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ କହିଛନ୍ତି, ବ୍ୟବସାୟୀ ଏବଂ ମିଲର୍ସ ଜରିଆରେ ଛତିଶଗଡ଼ର ଧାନ ବରଗଡ଼ ଆସୁଛି। ଏଥିରେ ମିଲର୍ସ ଏବଂ ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି। ମାତ୍ର ଶେଷରେ ବରଗଡ଼ ଜିଲାର ଚାଷୀମାନଙ୍କୁ ଧାନବିକ୍ରି ପାଇଁ ବହୁ ହଟହଟା ହେବାକୁ ପଡ଼ିଥାଏ ବୋଲି ବଣିଆଁ କହିଛନ୍ତି।

# କନ୍ଧମାଳରେ ପରାକ୍ରମ ଶୋଭାଯାତ୍ରା



ପରାକ୍ରମ ଶୋଭାଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

ପଲଶାଗୋରା,୨୨।୫(ଅଶ୍ୱିନ କୁମାର ନନ୍ଦ)

ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଗୁରୁବାର ପରାକ୍ରମ ଶୋଭାଯତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କନ୍ଧମାଳ ଗିରିଗୋବର୍ଦ୍ଧନ ପୀଠରୁ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଭାରତୀୟ ଯବାନମାନଙ୍କ ମନୋବଳ ବଢାଇବା ସହ ଭାରତ ମାତାକି ଜୟ ଧ୍ୱନିରେ କନ୍ଧମାଳ ବଜାର କମ୍ପି ଉଠିଥିଲା। ଶୋଭାଯାତ୍ରାରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଅନିଲ ପ୍ରଧାନ, ଅଟଳ ପ୍ରଧାନ, ପିନାକ ରଣା, କେଦାର ସାହୁ, ଓମ୍ ପ୍ରକାଶ ମିଶ୍ର, ନୀବନ ମହାପାତ୍ରଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ଏସ୍‌ପିଙ୍କୁ ଫେରାଦ ହେଲେ ପରିବାର

## ମିଛ ଗଞ୍ଜେଇ ମାମଲା ଅଭିଯୋଗ

ବୌଦ୍ଧ,୨୨।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କନ୍ଧମାଳ ଥାନା ଅଧୀନ ମାର୍ଦ୍ଦୋଲ ଗ୍ରାମର କିଛି ନୀରିହ ଲୋକଙ୍କ ନାମରେ ପୋଲିସ ମିଥ୍ୟା ଗଞ୍ଜେଇ ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ଗୁରୁବାର ଏସ୍‌ପିଙ୍କୁ ଭେଟି ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖରେ ଏକ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍‌କୁ ଗୃହରକ୍ଷୀ ପ୍ରଶାନ୍ତ କ୍ଷେତି ଜବତ କରିଥିଲେ। ଏହି ସମୟରେ ଗାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ଘଟଣାରେ କନ୍ଧମାଳ ପୋଲିସ ରାଜୀବ ଦେହୁରୀ, ହୃଷୀକେଶ ପାତ୍ର ଓ ଅଶୋକ ଦେହୁରୀଙ୍କ ନାମରେ ମିଛ ମାମଲା ରୁଜୁ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସେମାନେ କରିବାକୁ ଦାବି କରିଛନ୍ତି। ତେବେ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀ କହିଛନ୍ତି।

# ସବୁଜ ମହାନଦୀ ମିଶନ: ପ୍ରହସନ ପାଲଟିଲା ଚାରାରୋପଣ

ଭେଡେନ,୨୨।୫(ହୃଷୀକେଶ ଖମାରୀ)

ରାଜ୍ୟ ଓ କେନ୍ଦ୍ର ସରକାର ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ମାଧମରେ ଜଙ୍ଗଲ ସୃଷ୍ଟି ସକାଶେ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଆନ୍ତରିକତା ଅଭାବରୁ ତାହା ଫଳପ୍ରଦ ହୋଇପାରି ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବରଗଡ ଜିଲା ଭେଡେନ ବ୍ଲକସ୍ଥିତ ଉଦେପୁର ଅଞ୍ଚଳରେ। ବରଗଡ଼ ବନଖଣ୍ଡ ତରଫରୁ ଗତ ୨୦୧୮–୧୯ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନ ନାମରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଉଦେପୁରଠାରେ ୧୦ ହେକ୍ଟର ଚାରଣ ଭୂମିରେ ୧୬ହଜାର ଚାରାରୋପଣ କରାଯାଇଥିଲା। ତାହା ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ବର୍ତ୍ତମାନ ସେଠାରେ କେବଳ ସୂଚନା ଫଳକ ହିଁ ରହିଛି। ଏପରିକି ୧୬ ହଜାର ଚାରାରୋପଣ କରାଯାଇଥିବା ନେଇ ସୂଚନା ଫଳକରେ ଉଲ୍ଲେଖ ରହିଥିଲେ ହେଁ ବର୍ତ୍ତମାନ ଏହି ଚାରଣ ଭୂମିରେ ୧୬ଟି ଗଛ ଦେଖିବାକୁ ମିଳୁ ନାହିଁ। ସବୁଜ ମହାନଦୀ ମିଶନରେ ଚାରାରୋପଣ ଆଳରେ ବଡ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପୁଣି ୨୦୨୦–୨୧ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଉଦେପୁର ଗ୍ରାମ ପଞ୍ଚାୟତ ତରଫରୁ ମହାନଦୀ ଖଣି ରାସ୍ତା ପାର୍ଶ୍ୱରେ ଚାରାରୋପଣ କରିବା ପାଇଁ ୬୬ ହଜାର ଟଙ୍କା ଅନୁଦାନ ମିଳିଥିବା ଅନ୍ୟ ଏକ ସୂଚନା ଫଳକରେ ଦର୍ଶାଯାଇଛି। ହେଲେ ରାସ୍ତା ପାର୍ଶ୍ୱରେ ବର୍ତ୍ତମାନ ସେତେ ପରିମାଣରେ ଗଛ ନାହିଁ। ଏଥିପ୍ରତି ବରଗଡ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜନସାଧାରଣରେ ଦାବି ହେଉଛି।



ଚାରାରୋପଣ ନେଇ ରହିଥିବା ସୂଚନା ଫଳକ।


ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଗହଣରେ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଏବଂ ଅନ୍ୟମାନେ।

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା

ବରଗଡ,୨୨।୫(ପ୍ରେମାନନ୍ଦ ଖମାରୀ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର ଦ୍ୱାରା ହୋଇଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳରେ ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଫଳାଫଳକୁ ନେଇ ବିଦ୍ୟାଳୟରେ ଖୁସିର ମାହୋଲ୍ ଦେଖାଯାଇଛି। ଏହି କ୍ରମରେ ଗୁରୁବାର ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ଏହି ସମାରୋହରେ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା କୃତୀ ମେଧାବୀ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଫଳାଫଳ ପାଇଁ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା କୃତୀ ଛାତ୍ରୀଛାତ୍ର, ଅଧାପିକା, ଅଧାପକଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଥିଲେ। ଏହା ସହିତ ଛାତ୍ରୀଛାତ୍ରମାନଙ୍କ ନିଟ୍ ଏବଂ ଜେଇଇ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ଦିଆଯାଉଥିବା ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମର ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ଚଳିତବର୍ଷର ଫଳାଫଳକୁ ନେଇ କ୍ରୀଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରୀ, ନିର୍ଦ୍ଦେଶକ ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ସିନିୟର ସେକେଣ୍ଡାରୀ ଶାଖାର ଅଧକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତାରାଓ, କ୍ରୀଷ୍ଣା ବିକାଶ ଗ୍ରୁପର ଏଚଆର୍ ହେଡ୍ ଅଶ୍ୱିନୀ ନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବରପାଲିରେ ତ୍ରିରଙ୍ଗା ଶୋଭାଯାତ୍ରା

ବରପାଲି, ୨୨।୫(ଚିତ୍ତରଞ୍ଜନ ସାହୁ)

ଭାରତ ସରକାରଙ୍କ ପାକିସ୍ଥାନ ବିରୋଧରେ ସିନ୍ଦୂର ଅପରେଶନର ସଫଳତା ନେଇ ବିଜୟ ସୂଚକ ତ୍ରିରଙ୍ଗା ଯାତ୍ରା ସାରା ଭାରତରେ ହେଉଥିବା ବେଳେ ଗୁରୁବାର ବରପାଲିରେ ଅନୁଷ୍ଠିତ ହୋଇଛି। ବରପାଲିରେ ବିଜେପୁର ବିଧାୟକ ସନତ କୁମାର ଗଡତିଆଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବରପାଲି ଗାନ୍ଧୀ ଛକଠାରେ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଶ୍ୟାମା ଛକ, କଲେଜ ଛକ, ବ୍ଲକ ଅଫିସ ଛକ, ଡାକ୍ତରଖାନା ଛକ, ବସଷ୍ଟାଣ୍ଡ ଦେଇ ନଗର ପରିକ୍ରମା କରିଥିଲା। ବିଧାୟକ ଗଡତିଆ ଭାରତୀୟ ସୈନିକଙ୍କ ଉଚ୍ଚପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଏହି ସଫଳତା ସାରା ବିଶ୍ୱରେ ଭାରତର ମସ୍ତକକୁ ଉଚ୍ଚ କରିଛି ବୋଲି ଉଲ୍ଲେଖ କରିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶନ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ




ଏବିଭିପି କର୍ମକର୍ତ୍ତା ପଦ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଦ୍ମପୁର, ୨୨।୫ (ପ୍ରଦୀପ୍ତ ଦାଶ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାର ଫଳ ପ୍ରକାଶ ପାଇବାର ସପ୍ତାହେ ବିତିଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୬ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଏଯାଏଁ ଆସି ନାହିଁ। ସହସ୍ରାଧିକ ବିଦ୍ୟାର୍ଥୀଙ୍କର ଭବିଷ୍ୟତ ଅନ୍ଧକାର ଘେରରେ ରହିଛି। ଏପଟେ ସ୍ନାତକ ପାଇଁ ଆବେଦନର ସମୟ ଶେଷ ହେବାକୁ ବସିଛି। ଯଥାଶୀଘ୍ର ଏମାନଙ୍କ ପରୀକ୍ଷା ଫଳ ନ ଆସିଲେ ଛାତ୍ରୀଛାତ୍ରଙ୍କ ଗୋଟିଏ ବର୍ଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଏଥିପାଇଁ ଅଭିଭାବକମାନଙ୍କ ଭିତରେ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷାକୁ ନେଇ ଅନିଶ୍ଚିତତା ଦେଖାଯାଉଛି। ପରୀକ୍ଷା ସମୟରେ ଯଦି କେତେଜଣ ନିର୍ଦ୍ଦିଷ୍ଟ ଛାତ୍ରୀଛାତ୍ର ବା କୌଣସି ଶିକ୍ଷାନୁଷ୍ଠାନ ଦ୍ୱାରା କିଛି ତ୍ରୁଟି ହୋଇଛି, ତା'ହେଲେ ସମସ୍ତଙ୍କ ଭବିଷ୍ୟତକୁ ନଷ୍ଟ କରାଯିବା ସମୀଚିନ ନୁହେଁ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ମତ ପ୍ରଦାନ କରିଛି। ଗୁରୁବାର ପୂର୍ବାହ୍ନରେ ଏବିଭିପିର ପଦ୍ମପୁର ନଗର ସମ୍ପାଦକ ପ୍ରତ୍ୟୁଷ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଦ୍ମପୁର ଉପଜିଲାପାଳ ସ୍ନେହା ଆରୁଗୁଲାଙ୍କୁ ଭେଟି ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଏହା ସହ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ଉପଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନଗର ସହସମ୍ପାଦକ ସୌମ୍ୟରଞ୍ଜନ ସାହୁ, ସ୍ୱରାଜ ସାହୁ, ପ୍ରଜ୍ୱଳ ମହାରଣା, ସୁମିତ ସାହୁ, ଅସୀମ ପୁରୋହିତ ମଧ ଏହି ଅବସରରେ ଉପସ୍ଥିତ ରହି ଉପଜିଲାପାଳଙ୍କୁ ଏନେଇ ନିବେଦନ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

ପାଇକମାଲ,୨୨।୫ (ବଡ ଶତପଥୀ):



ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଠ ଗାଁର ପୂର୍ବତନ ସରପଞ୍ଚ ତଥା ପାଇକମାଲ କରଣ ସମାଜର ଉପସଭାପତି ପ୍ରମୋଦ ରାଏଙ୍କ ମା' କେଶରୀ ରାଏ(୭୯)ଙ୍କର ଗୁରୁବାର ସକାଳ ୧୦ଟାରେ ମୃତ୍ୟୁ ହୋଇଛି। କେଶରୀ ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ପଛରେ ତାଙ୍କ ସ୍ୱାମୀ, ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ ତଥା ପରିବାର ବର୍ଗଙ୍କୁ ଛାଡି ଚାଲିଯାଇଛନ୍ତି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ମେଳାପୀ ତଥା ପରୋପକାରୀ ମହିଳା ଥିଲେ। ଅନ୍ତିମ ସତ୍କାର ସମୟରେ ବହୁ ଲୋକ ଉପସ୍ଥିତ ଥିଲେ। ତାଙ୍କ ଏକମାତ୍ର ପୁଅ ପ୍ରମୋଦ ରାଏ ମୁଖାଗ୍ନି ଦେଇଥିଲେ।

# ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ

ବୌଦ୍ଧ,୨୨।୫(ଅଜିତ କୁମାର ବାରିକ)

## ସ୍ୱାସ୍ଥ୍ୟ ସଚେତନତା ବୈଠକ

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ କରୋନା ପଜିଟିଭ ଚିହ୍ନଟ ହେଉଥିବା ବେଳେ ଜନସାଧାରଣ କିଭଳି ସର୍ତକତା ଅବଲମ୍ବନ କରିବେ ଓ ଜଳଜନିତ ବିଭିନ୍ନ ରୋଗରୁ ଉପଶମ ପାଇବା ପାଇଁ ସମସ୍ତ କାର୍ଯ୍ୟାଳୟରେ ସଚେତନତା ସଭା ଆୟୋଜକ କରାଯିବ। ସେହିପରି ସରକାରୀ କାର୍ଯ୍ୟାଳୟମାନଙ୍କରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୌସୁମୀ ଋତୁରେ ଜଳବାହିତ ରୋଗରୁ ରକ୍ଷା ପାଇବା ସହ ପ୍ରତିଷେଧକ ପଦକ୍ଷେପ, ପ୍ରତ୍ୟେକ ଜିନିଷକୁ ସାନିଟାଇଜ କରିବା, ଯୋଗ, ପ୍ରାଣାୟମ ସହ ଗରମ ଖାଦ୍ୟ ଖାଇବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଏହାସହ ଭୟଭୀତ ନ ହେବାକୁ ଜିଲାପାଳ କହିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣ୍ଡୁଆଙ୍କ ସମେତ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ ।

# ଅଞ୍ଚଳର ବିକାଶ ନେଇ ଆଲୋଚନା

## ପାଇକମାଲ ନାଗରିକ କମିଟିର ବୈଠକ

ପାଇକମାଲ, ୨୨।୫(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଲ ନାଗରିକ କମିଟିର ଏକ ଜରୁରୀ ବୈଠକ ଗୁରୁବାର ସନ୍ଧ୍ୟାରେ ମନୋଜ କୁମାର ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିମନ୍ତ୍ରିତ ଅତିଥି ଭାବରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇଥିଲେ। ବିଗତ ସଭାର ବିବରଣୀ ପଠନ ସହ ଆଜିକାର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସମ୍ପାଦକ ନୀଳମଣି ପଣ୍ଡା। ପାଇକମାଲକୁ ସଫାସୁତୁରା ରଖିବା, ପାଇକମାଲ ଛକକୁ ଚଉଡା କରି ଗୋଲେଇ କରିବା ନେଇ ଆଲୋଚନା ହୋଇଥିଲା। ଏହା ସହ ରାସ୍ତା କଡରେ ଜବରଦଖଲ ହଟାଇବା, ନୃସିଂହନାଥ ରାସ୍ତାକୁ ପାଇକମାଲରୁ ମନ୍ଦିର ଯାଏଁ ଦୁଇ ଥାକିଆ ରାସ୍ତା କରାଯିବା ଏବଂ ଆଲୋକୀକରଣ କରାଯିବା ପ୍ରସଙ୍ଗ ଉଠିଥିଲା। ବସ୍ତିରେ ଶୀଘ୍ର ରାସ୍ତା ଉପରକୁ ମାଡ଼ିବସିଥିବା ଘର ଭଙ୍ଗା ଯାଇ ରାସ୍ତା ତିଆରି କରିବା, ପାଇକମାଲ ସରକାରୀ ଚିକିତ୍ସାଳୟରେ ସେବା ପ୍ରଦାନ ପାଇଁ ସବୁବେଳେ ଡାକ୍ତର ସିଫ୍ଟ ଅନୁଯାଇ ରହିବା, ପାଇକମାଲରେ ଶୀଘ୍ର ଷ୍ଟାଡ଼ିୟମ ନିର୍ମାଣ କରାଯିବା, ଆଇନଶୃଙ୍ଖଳା ପରିସ୍ଥିତି ଠିକ କରିବା, ନୂତନ ସିଏଚ୍‌ସି ଶୀଘ୍ର ନିର୍ମାଣ କରାଯିବା, ସଡକପଡା ରାସ୍ତା ଚଉଡା କରାଯିବା ନେଇ ବିଷଦ ଭାବରେ ଆଲୋଚନା ହୋଇଥିଲା। ସମସ୍ତ ବିଷୟରେ ଏମ୍‌ପି ଅନୁଧ୍ୟାନ କରି ଆଉ ଗୋଟିଏ ଥର ମିଟିଂ କରି, ଜିଲାପାଳ ଏସ୍‌ପି, ସିଡିଏମ୍‌ଓ ତଥା ଅନ୍ୟ ଜିଲାସ୍ତରୀୟ ମୁଖ୍ୟ ଅଧିକାରୀମାନଙ୍କୁ ଡାକି ତାଙ୍କ ଉପସ୍ଥିତିରେ ଏସବୁ ବିଷୟରେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଦିନ ତାରିଖ ଶୀଘ୍ର ସମସ୍ତଙ୍କୁ ଜଣାଇ ଦେବା ପାଇଁ କହିଥିଲେ। ସଭାରେ ନାଗରିକ କମିଟିର ତଥା ପାଇକମାଲର ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଶେଷରେ ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ।


ନାଗରିକ କମିଟିର ବୈଠକରେ ଏମ୍‌ପି ପ୍ରଦୀପ ପୁରୋହିତ ଓ ଅନ୍ୟମାନେ।

## ସଂକ୍ଷେପରେ

### ବନବିଭାଗର ଚଢ଼ାଉ, ପଟା ଜବତ



**ବଣାଇଁ,୨୨।୫(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ବଣାଇଁ ସହର ଉପକଣ୍ଠ ଶୁଣ୍ଠୀକୋଣରେ ଗୁରୁବାର ପ୍ରତ୍ୟୁଷରେ ବନ ବିଭାଗ ଚଢ଼ାଉ କରି ବ୍ୟାପକ ପରିମାଣର କାଠ ପଟା, ସ୍କେଟଲିଙ୍ଗ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିର୍ମଳ ମୁଣ୍ଡା(୩୫)। ଏନେଇ ଏକ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରୀ ଜମିକୁ ଅକ୍ତିଆର କରି ନିର୍ମଳ ନିଜ ଘରେ କବାଟ, ଝରକା ଆଦି ତିଆରି କରି ବିଭିନ୍ନ ଅଞ୍ଚଳକୁ ଯୋଗାଉ ଥିବା ନେଇ ବନବିଭାଗ ସୂଚନା ପାଇଥିଲା। ଗୁରୁବାର ପ୍ରତ୍ୟୁଷରେ ତାଙ୍କ ଘରେ ଚଢ଼ାଉ କରିଥିଲା। ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କ ନେତୃତ୍ୱରେ ଏକ ଟିମ ନିର୍ମଳଙ୍କ ଘରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ, ପିଆଶାଳ ସହିତ ଯନ୍ତ୍ରାଂଶ (କାଠ କଟା) ଜବତ କରିଛି। ଆଗକୁ ଚଢ଼ାଉ ଜାରି ରହିବ ବୋଲି ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାୟକ ସୂଚନା ଦେଇଛନ୍ତି ।

# ଅନୁମତି ମିଳିଲାନି, ରାସ୍ତା କାମ ବନ୍ଦ

### ଜିଲା ଖଣିଜ ପାଣ୍ଠିରୁ କାମ ହେଉଥିଲା

**ଟେନ୍ସା,୨୨।୫(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁତୁଡା ଗ୍ରାମପଞ୍ଚାୟତ ଅଧୀନ କେମଶଳା ଗ୍ରାମ। ଏହି ଗାଁକୁ ଯିବା ଆସିବା ପାଇଁ ରାସ୍ତା ନାହିଁ। ପିଲାଙ୍କ ପାଠପଢା ପାଇଁ ସ୍କୁଲ ନାହିଁ। ଗ୍ରାମରେ ଡାକ୍ତରଖାନା ନାହିଁ। ବିଦ୍ୟୁତ୍ ସଂଯୋଗ ପାଇବାରୁ ଗ୍ରାମବାସୀ ଆଜି ମଧ୍ୟ ବଞ୍ଚିତ ରହିଛନ୍ତି।

ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଜଙ୍ଗଲ ଭିତରେ ପାଦଚଲା ରାସ୍ତା ଛଡ଼ା ଆଉ କିଛି ନାହିଁ। ଜଙ୍ଗଲ ରାସ୍ତାରେ ଚାଲି କରି ଲୋକେ ୧୫ରୁ ୨୦ କି.ମି. ଟେନ୍ସା, ବରସୁଆଁ କିମ୍ବା କୋଇଡା ମାର୍କେଟ ଯାଆନ୍ତି। ଅନେକ ସମୟରେ ଅଞ୍ଚଳବାସୀ ବନ୍ୟଜନ୍ତୁଙ୍କ ଆକ୍ରମଣର ଶିକାର ହୁଅନ୍ତି। ଏ ନେଇ ଗ୍ରାମବାସୀ ବିଡିଓଙ୍କଠାରୁ ଆରମ୍ଭ କରି ବଣାଇଁ ଉପଜିଲାପାଳ, ସୁନ୍ଦରଗଡ଼ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଭୁତୁଡାଠାରୁ କେମଶଳାକୁ ୧୩ କି.ମି. ରାସ୍ତା ସଂଯୋଗ ପାଇଁ ସ୍ଥିର କରାଯାଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୫ କୋଟି ୭୨ ଲକ୍ଷ ୭୯ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୦ ଜୁଲାଇ ୯ରେ ରାସ୍ତା ନିର୍ମାଣ ପାଇଁ ଏକ ସଂସ୍ଥା ସହ ଚୁକ୍ତିନାମା ହୋଇଥିଲା। ସମ୍ପୃକ୍ତ ସଂସ୍ଥାର ଠିକାଦାର ୨ କୋଟି ୮ ଲକ୍ଷ ୮୪୧ ଟଙ୍କା ଖର୍ଚ୍ଚ କରିବା ପରେ କାମ ବନ୍ଦ କରିଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଲହୁଣୀପଡା ତହସିଲଦାରଙ୍କୁ ପଚାରିବାରୁ, ଜଙ୍ଗଲ ବିଭାଗ ଅନୁମତି ନ ମିଳିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି ବୋଲି କହିଛନ୍ତି। ଏପରିସ୍ଥଳେ ଜଙ୍ଗଲ ବିଭାଗର ବିନା ଅନୁମତିରେ ଠିକାଦାର ଏତେ କାମ କିପରି କଲେ ବୋଲି ସାଧାରଣରେ ପ୍ରଶ୍ନ ଉଠାଇଛି। ଅପରପକ୍ଷରେ ବର୍ତ୍ତମାନ ଉକ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି। ରାସ୍ତା ମଝିରେ ସ୍ଥାନେସ୍ଥାନେ ଆଣ୍ଠୁଏ ଖାଲ। ବର୍ଷାଦିନେ ରାସ୍ତା କେଉଁଠି ତାହା ଜଣାପଡ଼େ ନାହିଁ। ଛାତ୍ରୀଛାତ୍ରମାନେ ୧୩ କିମି ରାସ୍ତା ଚାଲି ଭୁତୁଡା ସ୍ଥିତ ସ୍କୁଲକୁ ପଢିବାକୁ ଯାଇ ପାରୁନାହାନ୍ତି। ଏ ନେଇ ଗ୍ରାମବାସୀ ଅଭିଯୋଗ କରି ଆନ୍ଦୋଳନ କରିବାକୁ ଆଗେଇ ଆସିଲେ ପୋଲିସ ସେମାନଙ୍କୁ ନାଲି ଆଖି ଦେଖାଇ ଜୋରଜବରଦସ୍ତ ଧାରଣାସ୍ଥଳରୁ ଉଠାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ବାଟଗାଁ, କେମଶଳା, ରାଇସୁଆଁ, ପାଳକୁବର ଗ୍ରାମର ୧୦୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବର୍ଷ ବର୍ଷ ଧରି ଗମନାଗମନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏ ନେଇ ଜିଲା ମୁଖ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ (ପିଡି)ସୁରଞ୍ଜନ ସାହୁଙ୍କୁ ପଚାରିବାରୁ, ଭୁତୁଡା କେମଶଳା ୧୩ କିମି ରାସ୍ତା କାମ ହେଉଥିଲା। ଜଙ୍ଗଲ ବିଭାଗର କିଛି ସମସ୍ୟା ଥିବାରୁ କାମ ବନ୍ଦ ଅଛି। ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ। ଜିଲା ଖଣିଜ ପାଣ୍ଠି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗଙ୍କୁ ପଚାରିବାରୁ, ମୁଁ ନୂଆ ଆସିଛି। ଭୁତୁଡା କେମଶଳା ୧୩ କିମି ରାସ୍ତା ସମ୍ପର୍କରେ ଦେଖିବି କ'ଣ ପାଇଁ କାମ ବନ୍ଦ ଅଛି। କିଏ କାମ ପାଇଥିଲେ ତାଙ୍କ ସହିତ କଥା ହୋଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ପଚାରିବାରୁ ଉକ୍ତ ରାସ୍ତା ସମ୍ପର୍କରେ କ'ଣ ହୋଇଛି ମୁଁ ଜାଣିନାହିଁ। ସମସ୍ତ କଥା ଅବଗତ ହେବା ପରେ ଜିଲାପାଳଙ୍କ ସହିତ କଥା ହୋଇ ଉକ୍ତ ରାସ୍ତା ତିଆରି ହେବ ବୋଲି ସେ କହିଥିଲେ।



ଅଧାପନ୍ତରିଆ ରାସ୍ତା।

# ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସୁନ୍ଦରଗଡ,୨୨।୫(ଜୟ ନାରାୟଣ ମେଣ୍ଡୁଲି)**

### ଗ୍ରାମବାସୀଙ୍କ ଜିଲାପାଳ ଅଫିସ, ବାସଭବନ ଘେରାଉ

ଏନଟିପିସି ଦର୍ଲିପାଲି ତାପଜ ବିଦ୍ୟୁତ ପ୍ରକଳ୍ପ ନିକଟ ପ୍ରଭାବିତ ଆଳୁପଡା ଓ ବରୋବଗା ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ ନ କରି ଗ୍ରାମ ନିକଟରେ ପାଉଁଶ ପୋଖରୀ ନିର୍ମାଣ ହୋଇଛି। ଏହାକୁ ବିରୋଧ କରି ଉକ୍ତ ଗ୍ରାମବାସୀମାନେ ଗୁରୁବାର ଯୁବନେତା ଡାକ୍ତର ହିମାନଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବାସଭବନକୁ ଘେରାଉ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସଦର ଉପଜିଲାପାଳ ଦାଶରଥି ସରାବୁ ଓ ସଦର ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୭ ଦିନ ମଧ୍ୟରେ ଏନଟିପିସି ଅଧିକାରୀ ଓ ଗ୍ରାମବାସୀ ସହିତ ଏକ ବୈଠକରେ ଆଲୋଚନା ପରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରି ଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଏନଟିପିସି ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଏହି ୨ଟି ଗ୍ରାମର ପ୍ରାୟ ୭୦ଭାଗ ଜମି ଅଧିଗ୍ରହଣ କରାଯାଇଛି। କିନ୍ତୁ ଘରବାରି ତଥା ଗାଁ ଲୋକଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ ନ କରି ଏନଟିପିସି ଗ୍ରାମ ନିକଟରେ ପାଉଁଶ ପୋଖରୀ ନିର୍ମାଣ କରିଛି। ଫଳରେ ପ୍ରକଳ୍ପର ବିକିରଣ ଓ ପାଉଁଶ ପୋଖରୀ, ଭାରୀଯାନ ଚଳାଚଳ ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଲେଣି। ବିଶେଷ କରି ବିକିରଣ ଓ ପ୍ରଦୂଷଣରେ ଲୋକେ ଶ୍ୱାସଜନିତ ରୋଗର ଶୀକାର ହେଉଛନ୍ତି। ଅପରପକ୍ଷରେ ପ୍ରକଳ୍ପର ଏହି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ୩୫୦୦ରୁ ଅଧିକ ଜମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ବେଳେ କର୍ତ୍ତୃପକ୍ଷ ଏହା ନ କରି ମାତ୍ର୪୦୦ଏକର ଜମି ଅଧିଗ୍ରହଣ କରିଛନ୍ତି। ମାତ୍ର ଏନଟିପିସି ପକ୍ଷରୁ ପ୍ରଭାବିତ ଏହି ଦୁଇଟି ଗ୍ରାମକୁ ଅଧିଗ୍ରହଣ ନ କରି ଅନ୍ୟତ୍ର ଜମି ଅଧିଗ୍ରହଣ ଗ୍ରହଣ ପାଇଁ ଉଦ୍ୟମ କରୁଛି। ଏନେଇ ଗ୍ରାମବାସୀ ବାରମ୍ବାର ଜିଲାପ୍ରଶାସନଠୁ ଆରମ୍ଭ କରି ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଦାବି ଜଣାଇଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।

### ଟ୍ରାକ୍ଟରରୁ ଖସି ଚାଳକ ମୃତ

**କୁଆଁରମୁଣ୍ଡା,୨୨।୫(ମହେନ୍ଦ୍ର କୁମାର ସାହୁ):** କୁଆଁମୁଣ୍ଡା ବ୍ଲକ କୁମଝରିଆ ପଞ୍ଚାୟତ ରାଇଛାପଲ ଗ୍ରାମ କର୍ଲାଜୋର ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିବାରୁ ବୁଧବାର ଅପରାହ୍ନ ସାଢ଼େ ୪ଟା ବେଳେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବୀରମିତ୍ରପୁର ଥାନା ଅନ୍ତର୍ଗତ ପାତାଳକାଣ୍ଡର ଆତିଶ ବାର୍ଲା(୨୨)। ମୃତକଙ୍କ ଦାଦା ଦୀପକ ବାର୍ଲା(୩୩) ଗୁରୁବାର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ଆତିଶ ବୁଧବାର ଟ୍ରାକ୍ଟର ନଂ. ଓଡି୧୪ଏଡି୬୦୭୦ରେ ହଳ କରି ସାରି ଘରକୁ ଫେରିଲା ବେଳେ ହଠାତ୍ କୁମଝରିଆ ପଞ୍ଚାୟତ ରାଇଛାପଲ ଗ୍ରାମ କର୍ଲାଜୋର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରୁ ଓଲଟି ପଡିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଲୋକପ୍ରତିନିଧି, ଜନସାଧାରଣଙ୍କ ସହ ଆଲୋଚନା



ପୋଲିସ ଅଧିକାରୀ ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଲହୁଣୀପଡା,୨୨।୫(ଦାଶରଥି ପଣ୍ଡା)**

### ପଶ୍ଚିମାଞ୍ଚଳ ଡିଆଇଜି, ଏସ୍‌ପିଙ୍କ କେ.ବଲାଙ୍ଗ ଥାନା ପରିଦର୍ଶନ

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନାକୁ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧଆନୀ, ବଣେଇ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ପରିଦର୍ଶନରେ ଆସିଥିଲେ। କେ.ବଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ବେହେରା ଓ ଉପ ଅଧିକାରୀ ରଣଜିତ କୁଲୁଙ୍କ ତତ୍ତ୍ୱାବଧାନରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହା ପରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଉପସ୍ଥିତ ଜନସାଧାରଣଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ଲୋକଙ୍କ ସହିତ ପୋଲିସର ଉତ୍ତମ ସମ୍ପର୍କ ସ୍ଥାପନା ହୋଇ ପାରିଲେ ହିଁ ପୋଲିସର ଉତ୍ତମ ସେବା ପ୍ରତିଫଳନ ହୋଇପାରିବ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତା ଧିରେ ଧିରେ ସଙ୍କୁଚିତ ହୋଇ ପାରିବ ବୋଲି କହିଥିଲେ। ସମସ୍ୟା ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ। ସମସ୍ୟା ଗୁଡିକ ମଧ୍ୟରେ ଚୁନା ଘାଟିରେ ବାରମ୍ବାର ଦୁର୍ଘଟଣା, ରକ୍ସି ରେଲୱେ କ୍ରସିଂଙ୍ଗରେ ହେଉଥିବା ଟ୍ରାଫିକ ସମସ୍ୟା, ଥାନା ଅଧିନରେ ଥିବା ଗ୍ରାମ ଗୁଡିକୁ ନିକଟସ୍ଥ ଥାନାରେ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଜନ ପ୍ରତିନିଧି, ଜାମୁଡିହି ସରପଞ୍ଚ ନେଲସନ ମୁଣ୍ଡା, ରକ୍ସି ସରପଞ୍ଚ ଆନନ୍ଦ ମାସୀ ହରୋ, କେ.ବଲାଙ୍ଗ ସରପଞ୍ଚ ସୁପ୍ରିୟା ମୁଣ୍ଡା, ବିମଲାଗଡ଼ ସରପଞ୍ଚ ମୋହନ ଚନ୍ଦ୍ର ମୁଣ୍ଡା, ଗୋପନା ସରପଞ୍ଚ ମୁକ୍ତା ମୁଣ୍ଡା, ସ୍ୱୟମ୍ବା ସରପଞ୍ଚ ହାରିକ ଓରାମ, ଜାମୁଡିହି ଲ୍ୟାମ୍ପସ ସଭାପତି ଚାର ଓରାମ, ଅବସର ପ୍ରାପ୍ତ ସୈନିକ, ସାମାଜିକ କର୍ମୀ, ଖବରଦାତା, ସ୍ଥାନୀୟ ଜନସାଧାରଣ ମାନଙ୍କ ସହିତ ଆଲୋଚନା କରିଥିଲେ।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀ

**ସୁନ୍ଦରଗଡ,୨୨।୫(ଜୟ ନାରାୟଣ ମେଣ୍ଡୁଲି)**

ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କଚେରିରୋଡ୍‌ସ୍ଥିତ ଟାଉନ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଜିଲା ସଂଯୋଜକ ନିର୍ମଳ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ନେତୃବର୍ଗ ପ୍ରଥମେ ସ୍ୱର୍ଗତ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଜିଲା ସଂଯୋଜକ ନାଏକ ସ୍ୱର୍ଗତ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଦେଶରେ ପଞ୍ଚାୟତିରାଜ ସଙ୍ଗଠନକୁ ଅଧିକ କ୍ଷମତା ଦେବା, କମ୍ପ୍ୟୁଟର କ୍ରାନ୍ତିର ମହାନାୟକ, ଦେଶରେ ପ୍ରଥମ ଥର ପାଇଁ ଯୁବାବର୍ଗଙ୍କୁ ୧୮ ବର୍ଷ ବୟସରେ ଭୋଟଦାନ ଅଧିକାର ଦେବା ତଥା ବହୁ ଐତିହାସିକ ପଦକ୍ଷେପ ମାନ ଦେଇଥିବା ନେଇ ତାଙ୍କର ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ ନେତୃବର୍ଗଙ୍କ ମଧ୍ୟରେ ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ମୁନୁ ସରାଫ, ଭୀଷ୍ମଦେବ ସିଂ, ଦେବାଶିଷ ଦାଶ, ଯୁବନେତା ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଣବ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମସଭାରେ ମଦଭାଟିକୁ ବିରୋଧ



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

**ହେମଗିର,୨୨।୫(ଚୈତନ୍ୟ ପଟେଲ)**

### ମଦଭାଟି ନ ଖୋଲିବା ପାଇଁ ପ୍ରସ୍ତାବ ଗୃହୀତ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଲଇକେରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୁନ୍ଦରଗଡ଼ ଜିଲାପାଳଙ୍କ ଚିଠି ସଂଖ୍ୟା ୧୬୧୪ ଅନୁସାରେ ଗୋପାଳପୁରଠାରେ ଥିବା ମଦଭାଟିକୁ ଲଇକେରାରେ ସ୍ଥାପନ କରିବା ଓ ଲାଇସେନ୍ସ ମଞ୍ଜୁରୀ କରିବା ସମ୍ବନ୍ଧରେ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଦିନେଶ ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରଶମାଲ, ବନ୍ଦପାଲି, କାଲୋବାହାଲ, ବାଲୋଯୋରୀ ଗ୍ରାମବାସୀ ସଭାରେ ଯୋଗଦେଇ ମଦଭାଟି ଖୋଲିବାକୁ ବିରୋଧ କରିବା ସହ ମଦଭାଟି ହେଲେ ଲୋକେ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମଦ ପିଇ ଲୋକେ ଘରେ ଅଶାନ୍ତି ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ଘଟୁଥିବା କହି ବିରୋଧ କରିଥିଲେ। ସମସ୍ତ ଗ୍ରାମବାସୀଙ୍କ ମତ ଅନୁସାରେ ଗ୍ରାମ ସଭାରେ ମଦଭାଟି ନ ଖୋଲିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗ୍ରାମସଭାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପେନ ପଟେଲ, ୱାର୍ଡମେମ୍ବର, ସମିତି ସଭ୍ୟା ଶାନ୍ତି ଧୁଆଁ ଉପସ୍ଥିତ ଥିଲେ।

# ନୂତନ ମନ୍ଦିରରେ ତାରିଣୀଙ୍କ ଗୃହ ପ୍ରବେଶ

**ବଡ଼ଗାଁ,୨୧।୫(ଅଶୋକ ଷଡ଼ଙ୍ଗୀ)**

### ରାମଲୀଳା ମଞ୍ଚସ୍ଥ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତର ଭଙ୍ଗାମୁଣ୍ଡା ଗ୍ରାମରେ ନିର୍ମିତ ତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗୃହ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳ ୯ ଟାରେ ମନ୍ଦିରରେ ରତ୍ନମୁଦ ଦିଆଗଲାପରେ ପୂଜାର୍ଚ୍ଚନା ଓ ହୋମ କର୍ମ କରାଯାଇଥିଲା। ଅପରାହ୍ନ ୪ଟାରେ ୧୦୮ କଳସ ଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମବାସୀମାନେ ୧୦୮ କଳସ ନେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମଙ୍ଗଳବାର ରାତିରେ ବରଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ ହୋଇଥିଲା। ବୁଧବାର ହୋମଯଜ୍ଞ କରାଯାଇଥିଲା। ଏହି ଯଜ୍ଞ କର୍ମରେ ନୂଆପଡ଼ା ଜିଲା ସିନାପାଲିର ଭାସ୍କର ଚନ୍ଦ୍ର ଦାସ ମୁଖ୍ୟ ପୂଜକ ହୋଇଥିଲାବେଳେ ଜରଙ୍ଗଲୋଇ ଏକଲ ଅଭିଯାନର କାର୍ଯ୍ୟକର୍ତ୍ତା ପଙ୍କଜ ଦାସ, ସିନାପାଲିର ଚଣ୍ଡୀ ସାଧକ ଗୁରୁ ପଦ୍ମନାଭ ଦାସ ଓ କେନ୍ଦୁଝରର ଉମ୍ବରୁଧର ଦାସ ପୂଜାକାର୍ଯ୍ୟ ତୁଲାଉଥିଲାବେଳେ ରଞ୍ଜନ ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ନୋରିସା, ମହେନ୍ଦ୍ର ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ମୌସୁମୀ, ଯୁବନାଶ୍ୱ ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ଡଲି, ଅଜୟ ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ମଞ୍ଜୁ, ଯୋଗେଶ୍ୱର ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ସୁମତୀ, ଘନଶ୍ୟାମ ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ଖ୍ୟାତିରେଖା, ସୁବ୍ରତ ନାୟକ ଓ ତାଙ୍କ ସ୍ତ୍ରୀ ପ୍ରତିମା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ମଙ୍ଗଳବାର ରାତିରେ ମଞ୍ଚସ୍ଥ ରାମଲୀଳାରେ ରାମ, ଲକ୍ଷ୍ମଣ, ସୀତା, ରାବଣ, ମହାମନ୍ତ୍ରି ଓ ସେନାପତି ଭୂମିକାରେ ଯଥାକ୍ରମେ, ମଧୁ ରାଉତ, ପଞ୍ଚାନନ, ସୋନୁ ବାଗ, ରବୀନ୍ଦ୍ର କୁମାର ସାହୁ, ହୃଷୀକେଶ ରଣା, ଗଜାଧର, ପିନୁ ତ୍ରିପାଠୀ ଅଭିନୟ ପ୍ରଦର୍ଶିତ କରିଥିଲେ। ଗୁରୁବାର ତାରିଣୀଙ୍କ ବାର୍ଷିକ ପୂଜନ ଉତ୍ସବ ଶେଷ ହୋଇଛି।

ସୂଚନାଯୋଗ୍ୟ ଯେ, ଏହି ଗ୍ରାମରେ ଗତ ୨୦ ବର୍ଷ ହେଲା ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଆସୁଛି।



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଗ୍ରାମବାସୀ।

# ମାଙ୍ଗାନିଜ, ଲୁହାପଥର ଚୋର ସକ୍ରିୟ

**ଟେନସା,୨୨।୫(ସମୀର କୁମାର ପାଢୀ)**

### କୋଇଡା ଖଣି ସେକ୍ଟର

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟରରେ ଏବେ ମାଙ୍ଗାନିଜ ଓ ଲୁହାପଥର ଚୋର ସକ୍ରିୟ ହୋଇପଡିଛନ୍ତି। ସେମାନେ ଖଣି ଇଲାକାରେ ଚୋରାରେ ଖଣିଜ ପଦାର୍ଥ ଉତ୍ତୋଳନ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। କୋଇଡା ଅଞ୍ଚଳରେ ଖଣିଜ ପଦାର୍ଥର ବ୍ୟାପକ ଚୋରା କାରବାର ହେଉଥିବାବେଳେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଗତ କିଛିଦିନ ତଳେ କୋଇଡା ଖଣି ସେକ୍ଟରର ବିଭିନ୍ନ ସ୍ଥାନରେ ମାଙ୍ଗାନିଜ ଓ ଲୁହାପଥର ଗଚ୍ଛିତ କରି ରଖାଯାଇଥିବା ଜଙ୍ଗଲ ବିଭାଗ ପାଟ୍ରୋଲିଂ ବେଳେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କୋଇଡା ରେଞ୍ଜର ପି. କେ. ପ୍ରଧାନ ବଣାଇ ଡିଏଫଓଙ୍କୁ ଜଣାଇଥିଲେ। ପରେ ଡିଏଫ୍‌ଓ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ରେଞ୍ଜର ସଦଳବଳ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ କୋଇଡା ରେଞ୍ଜର ପ୍ରଧାନ ପାଟ୍ରୋଲିଂ କରି ଗଣୁଆ ଫରେଷ୍ଟ ବିଟ୍ ଅଞ୍ଚଳର କଦଳିଆ ଇଲାକାରୁ ୧୯ ଟନ୍ ଲୁହାପଥର ସହ ଏକ ଦଶ ଚକିଆ ଟ୍ରକ୍ (ନଂ.ଓ୧୪ଡବ୍ଲ୍ୟୁ/୩୦୯୯)କୁ ଜବତ କରିଥିଲେ। ସେହିପରି ଗଣୁଆ ଇଲାକାରୁ ୬ଟନ୍ ମାଙ୍ଗାନିଜ ଜବଦ କରାଯାଇଥିବା ଜଣାପଡିଛି। ଜବତ ଲୁହାପଥର ଓ ମାଙ୍ଗାନିଜର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏ ସମ୍ପର୍କରେ କୋଇଡା ରେଞ୍ଜର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଲୁହାପଥର ଓ ମାଙ୍ଗାନିଜ ଚୋରି ବନ୍ଦ କରିବାକୁ ଆମେ ଅହରହ ପାଟ୍ରୋଲିଂ ଜାରି ରଖିଛୁ। ଏଥିସହ ଏରିଆ ଭିତରକୁ ନ ଟ୍ରକ୍ ପଶିବା ପାଇଁ ଜେସିବି ମାଧ୍ୟମରେ ବିଭିନ୍ନ ସ୍ଥାନରେ ନାଳ କଟାଯାଇଛି ବୋଲି ସେ ପ୍ରକାଶ କରିଥିଲେ।


# କଳାରେ ବବିତା, ବିଜ୍ଞାନରେ ଶକୁନ୍ତଳା ପ୍ରଥମ

**ସୁନ୍ଦରଗଡ଼,୨୨।୫(ଜୟ ନାରାୟଣ ମେଣ୍ଡୁଲି)**

### ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଶକୁନ୍ତଳା କୁଣ୍ଡୁ



ବବିତା ମହାନନ୍ଦିଆ

ଯୁକ୍ତ ୨ ପରୀକ୍ଷାରେ ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। କଳାରେ ପାସ୍ ହାର ୯୩ ଶତକଡା ଓ ବିଜ୍ଞାନରେ ୮୦ ଶତକଡା ରହିଛି। କଳାରେ ମୋଟ ୨୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ ଜଣ ପ୍ରଥମ ଶ୍ରେଣୀରେ, ୫୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୮୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବିଜ୍ଞାନରେ ମୋଟ ୧୨୧ ଜଣ ଛାତ୍ରୀଙ୍କ ମଧ୍ୟରୁ ୨୭ ଜଣ ପ୍ରଥମ ଶ୍ରେଣୀରେ, ୪୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ବବିତା ମହାନନ୍ଦିଆ ୫୧୦ ନମ୍ବର ଓ ବିଜ୍ଞାନରେ ଶକୁନ୍ତଳା କୁଣ୍ଡୁ ୫୧୪ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକ, ପ୍ରଶାସନିକ ଅଧିକାରୀ ଡକ୍ଟର ସଞ୍ଜୟ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ଜ୍ଞାନେନ୍ଦ୍ର ତ୍ରିପାଠୀ ଓ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଅତିଥିମାନେ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା,୨୨।୫(ଦିନେଶ ମିଶ୍ର)**

ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ସୁନ୍ଦରଗଡ ପକ୍ଷରୁ ରାଉରକେଲାର ୩ଟି ସ୍ଥାନରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଗୋପବନ୍ଧୁପାଲ୍ଲୀସ୍ଥିତ ବିଏସ୍ଏନ୍ଏଲ ଛକ ନିକଟ ହନୁମାନ ମନ୍ଦିର ସମ୍ମୁଖରେ ପ୍ରଥମ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ କେଦାର କେଡିଆ ମୁଖ୍ୟ ଅତିଥି ଏବଂ ପଲକ କେଡିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୋପବନ୍ଧୁପାଲ୍ଲୀ ତାରିଣୀ ମନ୍ଦିର ନିକଟରେ ଦ୍ୱିତୀୟ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହାକୁ ଅନୁଷ୍ଠାନର ରାଷ୍ଟ୍ରୀୟ ସଲାକାର ସଞ୍ଜୁ ଅଗ୍ରୱାଲ ଓ ସତାକ୍ଷୀ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଥିଲେ। ସେହିଭଳି ବୈଷ୍ଣୋଦେବୀ ମନ୍ଦିର ରାସ୍ତାରେ ନବନିର୍ମିତ ଶନି ମନ୍ଦିର ନିକଟରେ ତୃତୀୟ ପ୍ରକଳ୍ପକୁ ପୁରଣମଲ୍ଲଜୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମିଳନୀର ରସନା ଅଗ୍ରୱାଲ, ସଙ୍ଗୀତା ଅଗ୍ରୱାଲ, ଖୁସ୍‌ବୁ ମୋଦି, ଅର୍ଚ୍ଚନା ଗରୋଡିଆ ପ୍ରମୁଖ ସହଯୋଗ କରିଥିଲେ। ପ୍ରକଳ୍ପ ଅଧକ୍ଷା ମେଘା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୨୦ ଲିଟର ଦେଶୀମଦ ଜବତ, ୫ ଗିରଫ

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରେଙ୍ଗାଲି ଥାନା ଓରାମପଡ଼ା ଓ ଶିଥପଡ଼ାରେ ଚଢ଼ାଉ କରି ଗୁରୁବାର ୨ହଜାର ୪ଶହ ଲିଟର ମହୁଲ ପୋଚ ନଷ୍ଟ କରିଛି। ଏ ସଂକ୍ରାନ୍ତରେ ଜଣେ ମହିଳାଙ୍କ ସହ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶିଥପଡ଼ାର ସୁରେନ୍ଦ୍ର ମୁଣ୍ଡା(୩୫) ଓ ବିକାଶ ମୁଣ୍ଡା(୨୫)। ସେହିପରି ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଠେଲକୋପଡ଼ାରରୁ ୩୨୦ ଲିଟର ଦେଶୀମଦ ଜବତ କରିଛି ଅବକାରୀ ଗୋଇନ୍ଦା ବିଭାଗ। ଏଥିରେ ସମ୍ପୃକ୍ତ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସରଲାକାନାର ସୁନା ଓରାମ(୩୨) ଓ ଅଜୟ ବନ୍‌ଛୋର(୩୨)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାଲିବନ୍ଧା ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

# ୧୦ବର୍ଷ ପରେ ମିଳିଛି ସୁଯୋଗ

ସମ୍ବଲପୁର,୨୨।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ସର୍ବ ପୁରାତନ ଶୀତଳଷଷ୍ଠୀ ଯାତ୍ରା ବାଲିବନ୍ଧାରେ ଚଳିତ ବର୍ଷ କନ୍ୟା ମାତାପିତା ହେବାର ସୁଯୋଗ ଲାଭ କରିଛନ୍ତି ହୀରାକୁଦ କଲୋନୀ ବାସିନ୍ଦା ବବିତା ପାଢୀ ଏବଂ ହିମାଂଶୁ ଶେଖର ପାଢୀ। ତାଙ୍କର ଝିଅ ନ ଥିବାରୁ ମାତା ପାର୍ବତୀଙ୍କୁ କନ୍ୟା ଗ୍ରହଣ କରି ମହାଦେବଙ୍କ ସହ ବିବାହ କରିବାର ଇଚ୍ଛା ରହିଥିଲା। ହେଲେ ଚଳିତ ବର୍ଷ ସେହି ଇଚ୍ଛା ପୂରଣ ହେବାକୁ ଯାଉଛି। ସୋମନାଥ ବାବାଙ୍କ ଦୟାରୁ ଏଥର ଆମେ ମାତା ପାର୍ବତୀଙ୍କୁ କନ୍ୟା ଭାବେ ପାଇଛୁ ବୋଲି କୁହନ୍ତି ବବିତା ପାଢୀ। ବିବାହ ଆୟୋଜନ ପାଇଁ ପୂରା ପରିବାର ଲାଗି ପଡିଛନ୍ତି। ଘରେ ଝିଅ ବାହା କରିବା ଭଳି ସବୁ ରକମର ବ୍ୟବସ୍ଥା କରାଯାଉଛି। ନିମନ୍ତ୍ରଣ ପତ୍ର ଛପା ସରିବା ପରେ ପ୍ରଥମେ ସମଲେଇ ମନ୍ଦିରକୁ ଯଶି ମା'ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହାପରେ ପାର୍ବତୀଙ୍କ ମାମୁଁ ଘର ଗୋବିନ୍ଦତୋଲା (ବବିତାଙ୍କ ବଡଭାଇ)ଙ୍କୁ ନିମନ୍ତ୍ରଣ ପତ୍ର


କନ୍ୟା ମାତାପିତା ବବିତା ପାଢୀ ଏବଂ ହିମାଂଶୁ ଶେଖର ପାଢୀ।

ଦିଆଯିବା ପରେ ଅନ୍ୟ ଜ୍ଞାତି କୁଟୁମ୍ବଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଆସନ୍ତା ୨୯ ତାରିଖରେ ବିବାହ ପାଇଁ ପତରପେଣ୍ଡି ବା ନିର୍ବନ୍ଧ ହେବ। ମା'ଙ୍କ ପାଇଁ ମଙ୍ଗଳସୂତ୍ର, କାନଫୁଲ, ନାକଫୁଲ, ପାଟଶାଢ଼ୀ ଏବଂ ମହାଦେବଙ୍କ ପାଇଁ ପାଟବସ୍ତ୍ର, ମୁଦି, ରୂପାର ବେଲପତ୍ର, ତ୍ରିଶୂଳ, କଠଉ ଆଦି କିଣାସରିଛି। ପିତ୍ତଳ ଏବଂ ରୂପା ସାମଗ୍ରୀ ସହ ବିବାହ କାର୍ଯ୍ୟରେ ଆବଶ୍ୟକ ହେଉଥିବା ସାମଗ୍ରୀ କିଣା ସରିଲାଣି।

ଚଳିତ ବର୍ଷ ପାର୍ବତୀଙ୍କ ପିତା ହେବାର ସୌଭାଗ୍ୟ ପାଇଥିବା ହିମାଂଶୁ ଜିଲା ପରିଷଦ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ଅନ୍ୟପକ୍ଷରେ କନ୍ୟାମାତା ବବିତା ପାଢୀ ଜଣେ ଶିକ୍ଷାବିତ୍। ହିମାଂଶୁ କୁହନ୍ତି, ୧୦ବର୍ଷ ହେବ ଶୀତଳଷଷ୍ଠୀ ପର୍ବରେ ମାତା ପାର୍ବତୀଙ୍କ ପିତାମାତା ହୋଇ କନ୍ୟାଦାନ କରିବାକୁ ଇଛା ପ୍ରକାଶ କରିଆସିଛୁ। ୨୦୧୭ ମସିହାରେ ଆମେ ବାଲିବନ୍ଧା ଶୀତଳଷଷ୍ଠୀ ଯାତ୍ରା କମିଟିକୁ ଲିଖିତ ଭାବେ ଜଣାଇଥିଲୁ। ଏହାପରେ ପ୍ରତିବର୍ଷ ସୁଯୋଗ ପାଇଁ ଅପେକ୍ଷା କରିଥାଉ। ତେବେ ସବୁ ମହାଦେବଙ୍କ ଇଛା। ଦଶବର୍ଷ ପରେ ଏହି ସୁଯୋଗ ମିଳି ପାରିଛି। ସେଥିପାଇଁ ଆମେ ଖୁସି। ସେହିପରି ବବିତା କହିଛନ୍ତି, ମାତା ପାର୍ବତୀଙ୍କୁ କନ୍ୟା ଭାବେ ପାଇବା ଭଗବାନଙ୍କ କୃପା। ଆମପାଇଁ ଏକ ଅପୂର୍ବ ସଂଯୋଗ। ସମ୍ପୂର୍ଣ୍ଣ ସାମାଜିକ ରୀତିନୀତି ଅନୁସାରେ କନ୍ୟାଦାନ କରିବାକୁ ପ୍ରସ୍ତୁତି ଜାରି ରଖିଛୁ। ୩୧ତାରିଖ ମଧ୍ୟାହ୍ନରେ ହଳଦୀ କାର୍ଯ୍ୟକ୍ରମ କରାଯିବା ସହ ବିବାହରେ ସାମିଲ ହେବାକୁ ଅତିଥିମାନଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଶିବପାର୍ବତୀଙ୍କ ବିବାହ କାର୍ଯ୍ୟ ହୀରାକୁଦ କଲୋନୀ ସ୍ଥିତ ନିର୍ମଳା ନିବାସରେ ଆୟୋଜନ ପାଇଁ ଆମେ ପ୍ରସ୍ତୁତି କରୁଛୁ। ଅନ୍ୟପକ୍ଷରେ ବାଲିବନ୍ଧା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି, ଯାତ୍ରା ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ଜାରି ରହିଛି। ଆମେ ଆଡମ୍ବର ଅପେକ୍ଷା ପରମ୍ପରାକୁ ଅଧିକ ଗୁରୁତ୍ୱ ଦେଇ ଆସିଛୁ। ଏଥର ୩ଶହରୁ ଅଧିକ କଳାକାର ବିବାହ ଶୋଭାଯାତ୍ରାରେ ସାମିଲ ହେବେ। ଶୋଭାଯାତ୍ରା ସୋମନାଥ ବାବାଙ୍କ ମନ୍ଦିରରୁ ବାହାରି କୁଞ୍ଜେଲପଡା, ପଟ୍ଟନାୟକପଡ଼ା, ମହାନ୍ତି ପଡା ଦେଇ ହୀରାକୁଦ କଲୋନୀରେ ପହଞ୍ଚିବା ଯୋଜନା କରାଯାଇଥିବା ସେ କହିଛନ୍ତି ।

## ଯୁକ୍ତ ୨ ପରୀକ୍ଷାରେ ପିନାକଲ ଶିକ୍ଷାନୁଷ୍ଠାନର ସଫଳତା


ତୃଷ୍ଣା ହାତୀ


ବିଷ୍ଣୁପ୍ରସାଦ ନାୟକ


ଅଙ୍କିତା ବନ୍ୟା


ମୋନାଲିସା ଭୋଇ


ସ୍ୱାତୀମଞ୍ଜରୀ ପଣ୍ଡା


ତ୍ରିଷ୍ଣା ପି ମହାକୁର


ଶ୍ୱେତାଂଶୁ ମିଲନ କର୍ଣ୍ଣ


ସ୍ମୃତିରଞ୍ଜନ ଦାଶ


ଯୁଧିଷ୍ଠିର ସାହୁ

ସମ୍ବଲପୁର,୨୨।୫(ବି.ଶଙ୍କର)

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ସମ୍ବଲପୁରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିନାକଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଛାତ୍ରୀଛାତ୍ରମାନେ ଚଳିତବର୍ଷ ମଧ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ବିଜ୍ଞାନ, କଳା ଓ ବାଣିଜ୍ୟର ସମସ୍ତ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ତୃଷ୍ଣା ହାତୀ ୫୬୯ ମାର୍କ ରଖି ଜିଏମ କଲେଜ ଟପ୍ପର ହୋଇଥିବାବେଳେ ବିଷ୍ଣୁ ପ୍ରସାଦ ନାୟକ ୫୫୧ ମାର୍କ ରଖି କଳାରେ ଟପ୍ପର ହୋଇଛନ୍ତି। ସେହିପରି ରାଜୀବ ଗୁପ୍ତା ଭିଏସ୍‌ଏସ କଲେଜର ଟପ୍ପର ହୋଇଛନ୍ତି। ଏଥିସହ ସମୁଦାୟ ୫୦ ଜଣ ଛାତ୍ରୀଛାତ୍ର ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଛାତ୍ରୀ ଛାତ୍ର ମାନଙ୍କ ସଫଳତା ପଛରେ ପିନାକଲ କୋଚିଂ ଯୋଗୁ ସମ୍ଭବ ହୋଇପାରିଛି। ପିନାକଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଆଗାମୀ ଦିନରେ ମଧ ଉତ୍ତମ ଫଳ ଦେବ। ଆଗାମୀ ଦିନରେ ପିନାକଲ କଲେଜର ଛାତ୍ରୀଛାତ୍ରମାନେ ଓଡ଼ିଶାରେ ଚହଳ ସୃଷ୍ଟି କରିବେ ବୋଲି ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର କହିଛନ୍ତି। ଏଥିସହ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତଥର ପିନାକଲର ୧୦ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ ଥିବା ୨୦୨୫ ଯୁକ୍ତ ୨ ପରୀକ୍ଷାରେ ମଧ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ବୋଲି ପିନାକଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।


ଲୋକେଶ ପ୍ରଧାନ

## ସଂକ୍ଷେପରେ

### ଦଉଡ଼ି ଦେଇ ମହିଳାଙ୍କ ଆତ୍ମହତ୍ୟା

କୁଚିଣ୍ଡା,୨୨।୫(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ମହୁଲପାଲି ଥାନା ରାଜବନ୍ଧ ଗ୍ରାମର ଜଣେ ମହିଳା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ସେହେଲେ ରାଜବନ୍ଧ ଗ୍ରାମର ରାଜିନ କିଷାନଙ୍କ ଦ୍ୱିତୀୟ ସ୍ତ୍ରୀ ଶକୁନ୍ତଳା କିଷାନ(୩୦)। ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୫)ରୁଜୁ କରି ପୋଲିସ ତଦନ୍ତ କରାଇଛି। ମହିଳାଙ୍କ ମୃତଦେହ କୁଚିଣ୍ଡା ମେଡିକାଲ ଫ୍ରିଜରରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ହେବ। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା କହିଛନ୍ତି। ରାଜିନ କିଷାନ ୩ବର୍ଷ ତଳେ ମହୁଲପାଲି କୁର୍ମୁଲୋଇ ଗ୍ରାମର ଶକୁନ୍ତଳାଙ୍କୁ ବିବାହ କରିଥିଲେ। ପୂର୍ବରୁ ତାଙ୍କର ଏକ ସନ୍ତାନ ଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କ କୌଣସି ସନ୍ତାନ ନ ଥିଲେ। ଗୁରୁବାର ସକାଳୁ ଘର ପଛପଟ ଏକ କାଜୁ ଗଛରେ ଶକୁନ୍ତଳାଙ୍କ ମୃତ ଦେହ ଝୁଲୁଥିବା ପରିବାର ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ।

### ଆର୍‌ଏମ୍‌ସି କୋଠା ଉଦ୍‌ଘାଟିତ



ସମ୍ବଲପୁର,୨୨।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ(ଆରଏମସି)ରେ ଗୁରବାର ନବନିର୍ମିତ କୋଠାକୁ ସମ୍ବଲପୁର ସଦର ଉପ ଜିଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା ଉଦଘାଟନ କରିଛନ୍ତି। ଏହି ଅବସରରେ ଉପଜିଲାପାଳ ତିନୋଟି ଫଳବୃକ୍ଷ ରୋପଣ କରିଥିଲେ। ଉଦଘାଟନୀ ଉତ୍ସବରେ ତବଲା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ କମିଟି ସମ୍ପାଦକ ସରୋଜ ମେହେର ତଥା ଅଞ୍ଚଳର ବହୁଚାଷୀ ଉପସ୍ଥିତ ଥିଲେ। ତବଲା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଅନେକ ପାରିପାର୍ଶ୍ୱିକ ଉନ୍ନୟନ କାମ ବାକି ରହିଛି। ଏନେଇ ଚାଷୀମାନେ ଉପ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାର୍କେଟ ପରିସରରେ ଗୋଟିଏ ସେଡ ରହିଥିବା ବେଳେ ଯେତିକି ଧାନ ଆସୁଛି ସେଥିରେ ରଖିବାରେ ଅସୁବିଧା ହେଉଛି। ତେଣୁ ଆଉ ଏକ ସେଡ ନିର୍ମାଣ ପାଇଁ ତବଲା କୃଷକ ସଙ୍ଗଠନ ପକ୍ଷରୁ ଉପ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହାସହ ମାର୍କେଟ ୟାର୍ଡ ପରିସରରେ ଏକ କୃଷି ଭବନ ନିର୍ମାଣ ପାଇଁ ମଧ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କୃଷକ ସଙ୍ଗଠନ ସଭାପତି ସୁବ୍ରତ ପଧାନ, ଶାନ୍ତନୁ ପଧାନ, ଜିଲା କୃଷକ ସଙ୍ଗଠନ ଉପସଭାପତି ବିପିନ ବିହାରୀ ଭୋଇ, ଜଗଦାନନ୍ଦ ନାୟକ, ସନତ ବାବୁ, ଦିଲିପ ପ୍ରଧାନ, ସୁଧାଂଶୁ ଶେଖର ପଧାନ, ପବନ ଅଗ୍ରୱାଲ, ଶ୍ରୀକାନ୍ତ ପଧାନ ଓ ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ପଧାନ ଉପସ୍ଥିତ ଥିଲେ।

## ଜାତି ପ୍ରମାଣପତ୍ର ନେଇ ବିଏସ୍‌ପିର ଆନ୍ଦୋଳନ



ବହୁଜନ ସମାଜ ପାର୍ଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ସମ୍ବଲପୁର,୨୨।୫(ଭବାନୀ ଶଙ୍କର ଭୋଇ)

ବହୁଜନ ସମାଜ ପାର୍ଟି(ବିଏସ୍‌ପି)ସମ୍ବଲପୁର ପକ୍ଷରୁ ଗୁରୁବାର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗଙ୍କୁ ଠିକ୍ ସମୟରେ ଜାତି ପ୍ରମାଣ ପତ୍ର ପ୍ରଦାନ କରିବା ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ଏଥିରେ ସମ୍ବଲପୁର ପ୍ରଶାସନ ଦ୍ୱାରା ବିଭିନ୍ନ ବାହାନା ଦେଖାଇ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କୁ ଜାତି ପ୍ରମାଣପତ୍ର ଖାରଜ କରାଯାଉଥିବା ଅଭିଯୋଗ କରାଯାଇଥିଲା। ଜାତି ପ୍ରମାଣପତ୍ର ଅଭାବରୁ ଏହି ବର୍ଗର ଲୋକମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ବିଏସ୍‌ପି ପକ୍ଷରୁ ଅଭିଯୋଗ କରାଯାଇଛି। ବିଶେଷକରି ଉଚ୍ଚଶିକ୍ଷା, ଛାତ୍ରବୃତ୍ତି, ସରକାରୀ ଚାକିରି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନର ଏଭଳି ମନମୁଖୀ କାର୍ଯ୍ୟ ଯୋଗୁ ଅନେକ ଲୋକ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଥିବା ବିଏସ୍‌ପି ଅଭିଯୋଗ କରିଥିଲା। ସମ୍ବଲପୁର ଜିଲା ବହୁଜନ ସମାଜ ପାର୍ଟି ପ୍ରଶାସନର ଏହି ଜନ ବିରୋଧୀ ନୀତିର ଦୃଢ ପ୍ରତିବାଦ କରିବା ସହ ଅତି ଶୀଘ୍ର ଆବେଦନକାରୀଙ୍କୁ ଜାତି ପ୍ରମାଣ ପତ୍ର ପ୍ରଦାନ କରିବାକୁ ଦାବି କରିଥିଲା। ମୁଦିପଡା ଛକସ୍ଥିତ ଡ଼ା ଆମ୍ବେଦକର ପ୍ରତିମୂର୍ତ୍ତୀଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ସମାବେଶ କରାଯାଇଥିଲା। ଏହାପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନକରାଯାଇଥିଲା। ବହୁଜନ ସମାଜ ପାର୍ଟି ସମ୍ବଲପୁର ଜିଲା ସଭାପତି କୁମେଶ ବାଗଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୈଳାସ ଲୁହା, ଜିଲା ପ୍ରଭାରୀ ଅନୀଲ ନାୟକ, ଜିଲା ସାଧାରଣ ସମ୍ପାଦକ ବୃନ୍ଦାବନ ରାଜହଂସ, ଜିଲା ସମ୍ପାଦକ ସଞ୍ଜିବ କଂସାରୀ, ଏବଂ ବିଭୁଦତ୍ତ କୌଶଳ ପ୍ରମୁଖ ସାମିଲ ହୋଇଥିଲେ।

## ଯୁଗ୍ମ ଜନଶୁଣାଣି ପାଇଁ ଆଜି ହେବ ସ୍ଲଟ୍‌ବୁକିଂ

**ସୋମବାର ବାମରା ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି**

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର)

ଜନଶୁଣାଣିକୁ ଅଧିକ ସରଳ ଓ ଗତିଶୀଳ କରିବା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ସ୍ୱରୂପ ଆଗୁଆ ସ୍ଲଟ୍‌ବୁକିଂର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଜନଶୁଣାଣି ପୋର୍ଟାଲରେ ଆଗ୍ରହୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ନିଜର ଆପତ୍ତି ଅଭିଯୋଗକୁ ଅନଲାଇନ୍ ମାଧ୍ୟମରେ ଆଗୁଆ ପଞ୍ଜୀକରଣର ସୁବିଧା ପାଇବେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୬ ତାରିଖ ସୋମବାର ବାମରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ସମ୍ବଲପୁରରେ ଜନଶୁଣାଣି ପୋର୍ଟାଲ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଶନିବାର ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଆଗ୍ରହୀ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ କର୍ମକର୍ତ୍ତା ଉକ୍ତ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ସ୍ଲଟ୍ ବୁକିଂ କରି ନିଜ ଅଭିଯୋଗ ପଞ୍ଜୀକରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ସର୍ବାଧିକ ଶହେଟି ସ୍ଲଟ୍‌ବୁକିଂ ବ୍ୟବସ୍ଥା କରାଯାଇଛି। ତେବେ ସ୍ଲଟ୍‌ବୁକିଂ ପରେ ସମ୍ପୃକ୍ତ ବ୍ୟକ୍ତବିଶେଷ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର, ନିଜର ବ୍ୟକ୍ତିଗତ ପରିଚୟ ପତ୍ର ଓ ଅଭିଯୋଗ ପତ୍ର ସହିତ ଜନଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ଦିନ ଓ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ଜିଲାପାଳଙ୍କ ସହିତ ସାକ୍ଷାତ କରି ନିଜର ଆପତ୍ତି ଅଭିଯୋଗ ଜଣାଇପାରିବେ।

## ବାଟରେ ଯାଞ୍ଚ ଯୋଗୁ ଚାଷୀ ହଇରାଣ

ସମ୍ବଲପୁର,୨୨।୫(ଭବାନୀ ଶଙ୍କର ଭୋଇ)

**ଚାଷୀ ଜିଲାପାଳଙ୍କୁ ଫେରାଦ**

ସମ୍ବଲପୁର ଚାଉଁରପୁର ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟରକୁ ପରିବହନ ବିଭାଗ ପକ୍ଷରୁ ଅଯଥାରେ ଯାଞ୍ଚ କରି ହଇରାଣ କରାଯାଉଛି। ଗୁରବାର ଚାଷୀମାନେ ଏ ନେଇ ଲିଖିତଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରୁ ମିଲକୁ ଧାନ ବୋଝେଇ ଟ୍ରାକ୍ଟରଗୁଡିକ ମିଲ ଯିବା ବାଟରେ ପରିବହନ ବିଭାଗ ଅଟକାଇ କାଗଜପତ୍ର ଯାଞ୍ଚ କରୁଛନ୍ତି। ଯାଦ୍ୱାରା ପ୍ରଥମେ ଚାଷୀ ବଜାର ପ୍ରାଙ୍ଗଣରେ ଦୀର୍ଘ ସମୟ ଅପେକ୍ଷା ପରେ ମିଲରେ ଯାଇ ଗାଡିରୁ ଧାନ ଓହ୍ଲାଇବା ପାଇଁ ଅପେକ୍ଷା କରିବାକୁ ପଡିଥାଏ। ଯଦି ପୁଣି ବାଟରେ ପରିବହନ ବିଭାଗ ଏମିତି ହଇରାଣ କରିବ ତା ହେଲେ ଚାଷୀ ଧାନ ବିକ୍ରୀ କରିବାକୁ ନୟାନ୍ତ ହେବା ବୋଲି ଜିଲାପାଳଙ୍କୁ ଚାଷୀମାନେ ଜଣାଇଥିଲେ। ଏନେଇ ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରିବହନ ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଜିଲାପାଳଙ୍କୁ ଭେଟିବା ଅବସରରେ ଚାଷୀ ସରୋଜ ମହାପାତ୍ର, ଗଣେଷ ମହନ୍ତମ, କୁଳମଣି ମେହେର, ଆଦିତ୍ୟ ପ୍ରସାଦ ନାୟକ, ଅଲ୍ଲାଦ ମେହେର, ବୃନ୍ଦାବନ ହେହେରୀ, ତେଜବନ୍ତ ସେଠ, କିଶୋର କୁମାର ନାଏକ, ରାଜିନ୍ଦ୍ର ସାହୁ, ଜୟନାରାୟଣ ମିର୍ଦ୍ଧା, ପ୍ରଶାନ୍ତ ସେଠ ସାମିଲ ହୋଇଥିଲେ।

## ରାଜ୍ୟସ୍ତରୀୟ କୁସ୍ତିରେ ସମ୍ବଲପୁରକୁ ୧୧ ସ୍ୱର୍ଣ୍ଣ ପଦକ

ସମ୍ବଲପୁର,୨୨।୫(ବି.ଶଙ୍କର)

ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ ସାଓଲିନ କୁଙ୍ଗ୍ ଉଷୁ ଆସୋସିଏଶନ ଦ୍ୱାରା ପରିଚାଳିତ ସମ୍ବଲପୁର ଜିଲା କୁସ୍ତି ସଂଘର ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଏଥିରେ ବୈଷ୍ଣବୀ ପଟ୍ଟନାୟକ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ୬ ହଜାର ଟଙ୍କା ପୁରସ୍କୃତ ହୋଇଥିଲେ । ଏଥିସହ ଖେଳାଳି ବିଦ୍ୟାଶ୍ରୀ ଦାସ, ଭୂମିକା ଗହିର, ଶୁଭଶ୍ରୀ ମେହେର, ଦୀପେଶ ଦାଶ, ଜିଜ୍ଞାସୁ ଦୁର୍ଗା, ଲିଙ୍ଗରାଜ ମାଝୀ, କୃତି ମେହେର, ବିଦ୍ୟାଧର ବାଦୀ, ପ୍ରତ୍ୟୁଷମାନ ଗୁରୁଙ୍ଗ, ସମୀର ବେହେରା ଉତ୍ତମ ଖେଳ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ଲାଭ କରିଛନ୍ତି। ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ସ୍ନିଗ୍ଧାରାଣୀ ଭାଜି ସମ୍ବଲପୁର ଦଳର ନେତୃତ୍ୱ ନେଇଥିଲେ। ଅଭିଭାବକ ଆଶା ସାମଲ, ସନ୍ଧ୍ୟା ପଟ୍ଟନାୟକ ଓ କ୍ଷମାନିଧି ବାଦି ସହଯୋଗ କରିଥିଲେ । ଜିଲାପାଳ ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୧ଟା୩୦ରେ କୃତୀ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏବଂ ଆଗାମୀ ଦିନରେ ଅନୁଷ୍ଠାନର ସମ୍ପୂର୍ଣ୍ଣ ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ବଲପୁର ସାଓଲିନ କୁଙ୍ଗ୍ ଉଷୁ ଆସୋସିଏଶନର ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ଏବଂ ପୁରାତନ ଛାତ୍ର ତଥା ଭାଜପା ନେତା ସୁଧିର ବହିଦାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ମାସ ୧୭ ଓ ୧୮ ତାରିଖ ରାଜ୍ୟ କୁସ୍ତି ପ୍ରତିଯୋଗିତା ପୁରୀଠାରେ ଆୟୋଜିତ ହୋଇଥିଲା।


ଗୁରୁବାର ସମ୍ବଲପୁର ଜିଲାପାଳ ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦର କୃତିବ ଅର୍ଜନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କୃତୀମାନଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ**

## ନିଉଟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା


ମାନସରଞ୍ଜନ କୋଲସର


ଫିରୋଜ ପଧାନ


ପରିତୋଷ ସା


ସୁମନ୍ତ ସାହୁ


ପଦ୍ମଶ୍ରୀ ପ୍ରଧାନ


ରଚିସ୍ମିତା ବେହେରା

ସମ୍ବଲପୁର,୨୨।୫(ବି.ଶଙ୍କର)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ସମ୍ବଲପୁର ଜିଲା ଦେବେଇପାଲି ସ୍ଥିତ ନିଉଟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ବିଦ୍ୟାଳୟର ସର୍ବାଧିକ ୩୧ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୩୪୦ ଜଣ ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ମୋଟ ୩୧୯ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଏବଂ ୨୧ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏନେଇ ନିଉଟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ତେଜରାଜ ପାତ୍ର ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗକୁ ମଧ ସେମାନେ କୃତିତ୍ୱ ହାସଲ କରନ୍ତୁ ବୋଲି କାମନା କରିଛନ୍ତି। ନିଉଟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସର୍ବଦା ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା, ଶୃଙ୍ଖଳା ଜ୍ଞାନ, କଠିନ ପରିଶ୍ରମ ବିଷୟରେ ଶିକ୍ଷାଦାନ କରି ଆସୁଛି। ତେଣୁ ପ୍ରତିବର୍ଷ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଗୌରବାନ୍ୱିତ କରି ଆସୁଛନ୍ତି ବୋଲି କର୍ତ୍ତୃପକ୍ଷ କହିଛନ୍ତି।


ଅମିତ ବଡ଼େଇ

**ଯୁକ୍ତ ୨ ବିଜ୍ଞାନ ପରୀକ୍ଷା**

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ Bhubaneswar, Friday, May 23/ 2025

Dr. Juneja's ପେଟ ସଫା ®
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଖେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA
TABLETS
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
*For efficacy and safety.
Divisa www.divisastore.com
24x7 Helpline: 91197 88888 | www.petsaffa.com
Available at all medical & general stores

# ମିଚେଲ ମାର୍ଶଙ୍କ ଶତକ


ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଅହମଦାବାଦ,୨୨।୫**

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ (ଜିଟି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ମିଚେଲ ମାର୍ଶଙ୍କ ଶତକ ଓ ନିକୋଲସ ପୁରନଙ୍କ ଧୂଆଁଦାର ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଗୁଜରାଟ ଆଗରେ ୨୩୬ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି। ଟସ୍ ଜିତି ଗୁଜରାଟ ଅଧିନାୟକ ଶୁବମନ ଗିଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ମାର୍ଶ ଓ ଏଡେନ ମାରକ୍ରାମଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟ ପାଇଁ ୯.୫ ଓଭରରେ ୯୧ ରନ ଯୋଡ଼ିଥିଲେ। ମାରକ୍ରାମ ୨୪ ବଲରେ ୩ ଚୌକା ଓ ୨ ଛକା ସହିତ ୩୬ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଗୁଜାରଟକୁ ସାଇ କିଶୋର ଏହି ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଆଣି ଦେଇଥିଲେ। ନଂ-୩ କ୍ରମରେ ଆସିଥିବା ନିକୋଲସ ପୁରନ ଓ ମାର୍ଶ ଦ୍ୱିତୀୟ ଉଇକେଟ ଲାଗି ଦଳୀୟ ସ୍କୋରରେ ୫୨ ବଲରେ ଦ୍ରୁତ ୧୨୧ ରନ ଯୋଡ଼ିଥିଲେ। ମାର୍ଶ ୬୪ ବଲରେ ୧୧୭ ରନର ଶତକୀୟ ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୧୦ ଚୌକା ଓ ୮ ଛକା ସାମିଲ ଥିଲା। ଏହା ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ଥିଲା। ପୁରନ ୨୭ ବଲରେ ୪ ଚୌକା ଓ ୫ ଛକା ସହିତ ୫୬ ରନ କରି ଅପରାଜିତ ରହିଥିଲେ। ଶେଷ ଆଡ଼କୁ ରିଷଭ ପନ୍ତ ୬ ବଲରେ ୨ ଛକା ସହିତ ୧୬ ରନ କରିଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୫ ରନ କରିବାକୁ ସକ୍ଷମ ହୋଇଥିଲା। ଗୁଜରାଟ ପକ୍ଷରୁ ସାଇ କିଶୋର ଓ ଆର୍ଶଦ ଖାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୩୫/୨ (ମିଚେଲ ମାର୍ଶ-୧୧୭, ନିକୋଲସ ପୁରନ-୫୬*,ଏଡେନ ମାରକ୍ରାମ-୩୬, ସାଇ କିଶୋର-୧/୩୪, ଆର୍ଶଦ ଖାନ-୧/୩୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

**ସ୍ଥାନ: ଲକ୍ଷ୍ନୌ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | +୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ମାହାତ୍ରେ ଅଧିନାୟକ, ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**


ଆୟୁଷ ମାହାତ୍ରେ

ମୁମ୍ବାଇର ଆୟୁଷ ମାହାତ୍ରେ ଆସନ୍ତା ମାସରେ ଇଂଲଣ୍ଡ ଟୁର୍‌ରେ ଯିବାକୁଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଦଳରେ ୧୪ବର୍ଷୀୟ ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ନିଆଯାଇଛି। ଟୁର୍ ଜୁନ୍ ୨୪ରୁ ଆରମ୍ଭ ହେବ। ଏଥିରେ ଏକ ୫୦ଓଭର ବିଶିଷ୍ଟ ୱାର୍ମ ଅପ୍ ମ୍ୟାଚ ସାମିଲ କରାଯାଇଛି। ପରେ ଇଂଲଣ୍ଡର ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ଏକ ୫ ମ୍ୟାଚ ବିଶିଷ୍ଟ ୟୁଥ୍ ଦିନିକିଆ ସିରିଜ ଏବଂ ଦୁଇଟି ମଲ୍ଟି-ଡେ ମ୍ୟାଚ ଖେଳାଯିବ। ଚଳିତ ଆଇପିଏଲ୍ ସିଜନରେ ରାଜସ୍ଥାନ ରୟାଲ୍ସରେ ବ୍ରେକ୍ ଥ୍ରୁ କରି ଚମତ୍କାର ପ୍ରଦର୍ଶନ କରିବାରୁ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି। ବିହାର ରାଜ୍ୟ ଅନ୍ତର୍ଗତ ସମସ୍ତିପୁରର ଏହି ସ୍ୱଳ୍ପ ବୟସ୍କ ବ୍ୟାଟର ଗତ ମାସରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଦେଶର ସର୍ବକନିଷ୍ଠ ବ୍ୟାଟର ଭାବରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲିଗ୍‌ରେ ଏହା ମଧ୍ୟ ଦ୍ୱିତୀୟ ଦ୍ରୁତତମ। ସେ ଆହୁରି ମଧ୍ୟ ବିହାର ତରଫରୁ ୫ ପ୍ରଥମ ଶ୍ରେଣୀ ଏବଂ ୬ ଲିଷ୍ଟ 'ଏ' ଗେମ୍ ଖେଳିଛନ୍ତି। ହେଲେ ଏହିସବୁ ମ୍ୟାଚରେ ସେ ଗୋଟିଏ ହେଲେ ଶତକ ହାସଲ କରିବାରେ ସଫଳ ହୋଇପାରି ନାହାନ୍ତି। ତେବେ ସୂର୍ଯ୍ୟବଂଶୀ ଗତବର୍ଷ ଚେନ୍ନାଇଠାରେ ଅଷ୍ଟ୍ରେଲିଆର ୧୯ବର୍ଷରୁ କମ୍ ଦଳ ବିପକ୍ଷ ପ୍ରଥମ ୟୁଥ୍ ଟେଷ୍ଟରେ ଏକ ଶତକ ହାସଲ କରିଥିଲେ। ଅନ୍ୟପକ୍ଷରେ ୧୭ ବର୍ଷୀୟ ମାହାତ୍ରେ ୯ଟି ପ୍ରଥମଶ୍ରେଣୀ ମ୍ୟାଚ ଏବଂ ୭ ଲିଷ୍ଟ 'ଏ' ଗେମ୍ ଖେଳି ୯୬୨ରନ ସ୍କୋର କରିଛି। ଏହି ଓପନର ଚଳିତ ସିଜନର ମଧ୍ୟଭାଗରେ ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିଲେ। କହୁଣିରେ ଆଘାତପ୍ରାପ୍ତ ଯୋଗୁ ଋତୁରାଜ ଦଳରୁ ବାଦ୍ ପଡ଼ିଥିଲେ। ମୁମ୍ବାଇ ଉଇକେଟକିପର-ବ୍ୟାଟର ଅଭିଜ୍ଞାନ କୁଣ୍ଡୁଙ୍କୁ ମାହାତ୍ରେଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଜଣେ ଖେଳାଳି ହେଲେ କେରଳ ଲେଗ୍‌ସ୍ପିନର ମହମ୍ମଦ ଏନାନ୍, ଯିଏକି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏନାନ୍ ଅଷ୍ଟ୍ରେଲିଆ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚରେ ୧୬ ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ପଞ୍ଜାବ ଅଫ୍-ସ୍ପିନର ଅନମୋଲଜିତ୍ ସିଂ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଭାବେ ୯ଟି ଉଇକେଟ ହାସଲ କରିଥିଲେ। ତାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି।

**ଭାରତ ୧୯ବର୍ଷରୁ କମ୍ ଦଳର ଇଂଲଣ୍ଡ ଟୁର୍**

**ଭାରତ ୧୯ ବର୍ଷରୁ କମ୍ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ମୌଲ୍ୟରାଜସିଂ ଚାଭଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ଉପଅଧିନାୟକ ଓ ଉଇକେଟକିପର), ହରବଂଶ ସିଂ (ଉଇକେଟକିପର), ଆର୍.ଏସ୍. ଅମ୍ବରିଶ, କନିଷ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ୍ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ୍, ଆଦିତ୍ୟ ରାଣା, ଅନମୋଲଜିତ୍ ସିଂ।

# ଦାୟିତ୍ୱ ହସ୍ତାନ୍ତର କଲେ କୋଭେଣ୍ଟ୍ରୀ

**ବ୍ରିସ୍‌ବେନ, ୨୨।୫(ଏପି):** ଆସନ୍ତା ମାସରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସଭାପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କ୍ରିଷ୍ଟ୍ରୀ କୋଭେଣ୍ଟ୍ରୀ ଗୁରୁବାର ବ୍ରିସ୍‌ବେନ ୨୦୩୨ ଅଲିମ୍ପିକ୍ସ ଯୋଜନା ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୩ ଦିନିଆ ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡ ଗସ୍ତରେ ଥିବା କୋଭେଣ୍ଟ୍ରୀ ୨୦୩୨ ଅଲିମ୍ପିକ୍ ଲାଗି ଆଇଓସିର କୋଅର୍ଡିନେଶନ କମିଶନର ସଭାପତି ପଦକୁ ମିକାଏଲା କୋଜୁଆକୋ ଜର୍ୱସ୍କିଙ୍କୁ ପ୍ରଦାନ କରିଛନ୍ତି।

# ୧୩ କ୍ରୀଡ଼ାରେ ହେବ ନ୍ୟାଶନାଲ ଲିଗ୍

**ନୂଆଦିଲ୍ଲୀ,୨୨।୫(ପି.ଟି.)**

ବକ୍ସିଂ ଓ ରେସଲିଂ ସମେତ ୧୩ କ୍ରୀଡ଼ା ଲାଗି ଫ୍ରାଞ୍ଚାଇଜଭିତ୍ତିକ ଇଭେଣ୍ଟର ପରିଚାଳନାକୁ ତଦାରଖ କ୍ଷେତ୍ରରେ ଜାତୀୟ ଫେଡେରେଶନ ଓ କର୍ପୋରେଟ ହାଉସ ସହିତ କ୍ରୀଡ଼ା ମନ୍ତ୍ରଣାଳୟ ସମ୍ପୃକ୍ତ ରହିବ। ହକି, କବାଡ଼ି ଭଳି ଲିଗ୍‌ରେ କର୍ପୋରେଟ ପାଣ୍ଠି ଯୋଗାଇବାରେ ସମ୍ପୃକ୍ତ ଥିବା ମନ୍ତ୍ରଣାଳୟ ଚଳିତବର୍ଷରୁ ସାଇକ୍ଲିଂ ଓ ରଗ୍‌ବୀ ଭଳି ଇଭେଣ୍ଟରେ ଖୁବ୍‌ଶୀଘ୍ର ଲିଗ୍ ଆଣିବାକୁ ଯାଉଛି। ବାସ୍କେଟବଲ, ବ୍ୟାଡ୍‌ମିଣ୍ଟନ, ଆର୍ଚେରୀ, ବକ୍ସିଂ, ରେସଲିଂ, ହ୍ୱାଇଟ୍ ୱାଟର ସ୍ପୋର୍ଟ୍ସ ଓ ପୋଲୋ ଆଦି କ୍ଷେତ୍ରରେ ଲିଗ୍ ଯୋଜନା ପର୍ଯ୍ୟାୟରେ ରହିଛି।

ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ ସୃଷ୍ଟି କରିବା ପାଇଁ ମନ୍ତ୍ରଣାଳୟ ଖର୍ଚ୍ଚ କରିବ ନାହିଁ। କିନ୍ତୁ ଖର୍ଚ୍ଚ କରିବାକୁ ଇଚ୍ଛୁକ ଥିବା କର୍ପୋରେଟ୍ସଙ୍କୁ ଆଣିବୁ। ଆମେ ଫେଡେରେଶନ ଓ କର୍ପୋରେଟ ହାଉସ ମଧ୍ୟରେ ଏକ ମାଧ୍ୟମ ଭଳି କାମ କରିବୁ। କାରଣ କିଛି ଜାତୀୟ ଫେଡେରେଶନ ନିକଟରେ କମ୍ପାନୀକୁ ପଛରେ ପକାଇବାର ସାମର୍ଥ୍ୟ ନାହିଁ। ଏହି ଲିଗ୍‌ଗୁଡ଼ିକ ଫ୍ରାଞ୍ଚାଇଜଭିତ୍ତିକ ହେବ। ଆର୍ଚେରୀ, ଶୁଟିଂ ଓ ଯୋଗାସନ ଆଦି ବ୍ୟକ୍ତିଗତ କ୍ରୀଡ଼ା ହୋଇଥିବାରୁ ଏହି ଲିଗ୍‌ର ଚରିତ୍ର ଭିନ୍ନ ହେବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। ଶୁଟିଂ ଲିଗ୍ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ହୋଇପାରେ। ଯୋଗାସନ ଲିଗ୍ ପାଇଁ ସେପ୍ଟେମ୍ବର ଶେଷ ସପ୍ତାହ ସ୍ଲଟ ବୁକ୍ କରାଯାଇଛି।

# ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆୟୋଜନ ଲାଗି ଓଡ଼ିଶା ଆଗ୍ରହୀ

**ଡିଉ,୨୨।୫(ପି.ଟି.):** ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ସଫଳତାରେ ଉତ୍ସାହିତ ହୋଇ ଓଡ଼ିଶା ପରବର୍ତ୍ତୀ ସଂସ୍କରଣର ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଛି। ଘୋଘଲା ବେଳାଭୂମିରେ ଚାଲିଥିବା ୬ ଦିନିଆ ପ୍ରତିଯୋଗିତାରେ ୮ଟି ବିଭାଗରେ ୨,୧୦୦ରୁ ଅଧିକ ଆଥ୍‌ଲେଟ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷ ଆଞ୍ଚଳିକ ପ୍ରତିଯୋଗିତା ଭାବେ ଆୟୋଜିତ ଏହି ଇଭେଣ୍ଟକୁ ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ବ୍ୟାନରରେ ଆୟୋଜନ କରାଯାଉଛି। ଏହି ଇଭେଣ୍ଟର ପରବର୍ତ୍ତୀ ସଂସ୍କରଣର ଆୟୋଜନ ଅଧିକାର ଲାଗି ଓଡ଼ିଶା ବିଡିଂ କରିବ। ୪୮୦ କିମି ଲମ୍ବା ବେଳାଭୂମି ଥିବା ଓଡ଼ିଶାରେ ଗୋପାଳପୁର, ପୁରୀ, ଚାନ୍ଦିପୁର ଭଳି ଭେନ୍ୟୁ ରହିଛି। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ କହିଛନ୍ତି, ଆମର ୪୬ ଜଣିଆ ଦଳ ଭାଗ ନେଇ ପେଞ୍ଚାକ ସିଲାଟରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛି।

# ବେଥେଲଙ୍କ ସ୍ଥାନରେ ସିଫର୍ଟ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**


ଟିମ୍ ସିଫର୍ଟ

ଆଇପିଏଲ୍ ପ୍ଲେ-ଅଫ୍ ବେଳକୁ ଇଂଲଣ୍ଡ ବ୍ୟାଟର ଜାକବ ବେଥେଲ ଉପଲବ୍ଧ ହେବେ ନାହିଁ। ଫଳତଃ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଟିମ୍ ସିଫର୍ଟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବେଥେଲ ତାଙ୍କ ଦେଶ ପାଇଁ ମ୍ୟାଚ ଖେଳିବାକୁଥିବାରୁ ପ୍ଲେ ଅଫ୍‌ରେ ସେ ତାଙ୍କ ଦଳ ପାଇଁ ଖେଳିପାରିବେ ନାହିଁ। ଖେଳାଳି ବଦଳ ମେ ୨୪ରୁ କାର୍ଯ୍ୟକାରୀ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ସୂଚନାଯୋଗ୍ୟ, ସିଫର୍ଟ ନ୍ୟୁଜିଲାଣ୍ଡ ତରଫରୁ ୬୬ ଅନ୍ତର୍ଜାତୀୟ ଟି୨୦ ଖେଳି ୧୫୪୦ରନ ସ୍କୋର କରିଛନ୍ତି। ଏହା ପୂର୍ବରୁ ୨୦୨୨ ଆଇପିଏଲ୍‌ରେ ସେ ମାତ୍ର ୩ଟି ଗେମ୍ ଖେଳିଥିଲେ। ସେ ଆର୍‌ସିବିରେ ମାତ୍ର ଦୁଇ କୋଟି ଟଙ୍କା ବିନିମୟରେ ଯୋଗଦାନ କରିଥିଲେ। ବେଥେଲ ଏଥର ଆରସିବି ପାଇଁ ତାଙ୍କ ଶେଷ ଗେମ୍ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବେ। ଏହି ଦଳର ଏହାର ଶେଷ ଲିଗ୍ ଗେମ୍ ମେ ୨୭ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ଅନ୍ୟତମ ଦଳ ଭାବେ ପଞ୍ଜାବ କିଙ୍ଗ୍ସ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେଅଫ୍‌ରେ ପ୍ରବେଶ କରିଛନ୍ତି। ଗୁଜରାର ଟାଇଟନ୍ସ ତରଫରୁ ଖେଳୁଥିବା ଜୋସ୍ ବଟଲର ମଧ୍ୟ ପ୍ଲେ-ଅଫ୍‌ରୁ ଓହରିଯାଇଛନ୍ତି। କାରଣ ସେ ସମୟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ହୋମ୍ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ମ୍ୟୁନିଚ୍ ଶୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା

**ଭୁବନେଶ୍ୱର, ୨୨।୫ (ତପନ ସ୍ୱାଇଁ)**



ଜର୍ମାନୀର ମ୍ୟୁନିଚ୍‌ଠାରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ (ରାଇଫଲ ଓ ପିସ୍ତଲ) ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ୫୦ ମିଟର ରାଇଫଲ ୩ପି ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏ ନେଇ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ପତ୍ର ଯୋଗେ ଶ୍ରୀୟଙ୍କାଙ୍କୁ ଜଣାଇ ଦିଆଯାଇଛି। ଚୟନ ଟ୍ରାଏଲ ସମୟରେ ଶ୍ରୀୟଙ୍କାଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ଅସାଧାରଣ ପ୍ରଦର୍ଶନକୁ ଆସୋସିଏଶନ ପକ୍ଷରୁ ପ୍ରଶଂସା କରାଯାଇଛି। ପ୍ରକାଶଯୋଗ୍ୟ, ସମ୍ବଲପୁରର ଶ୍ରୀୟଙ୍କା ଏହା ପୂର୍ବରୁ ୨୦୨୨ କାଏରୋ ବିଶ୍ୱକପ୍‌ର ୫୦ ମିଟର ରାଇଫଲ ୩ ପୋଜିଶନରେ ବ୍ରୋଞ୍ଜ, ୨୦୨୩ ଚାଙ୍ଗୱନ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଏ ୩ ପୋଜିଶନରେ ସ୍ୱର୍ଣ୍ଣ ଓ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ଏସିଆନ ଏୟାରଗନ ଚାମ୍ପିୟନଶିପ୍ ଏବଂ ସାଉଥ୍ ଏସିଆନ ଗେମ୍ସର ଶୁଟିଂ ଇଭେଣ୍ଟରେ ସେ ଅନେକ ପଦକ ହାସଲ କରିଛନ୍ତି। ୨୦୧୦ରୁ ସେ ଶୁଟିଂ ବିଶ୍ୱକପରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ। ତାଙ୍କ ବାପା ହେଉଛନ୍ତି କଲୋନେଲ ସୀତାଂଶୁ ଚରଣ ଷଡ଼ଙ୍ଗୀ ଓ ମା' ସୁଧା ଷଡ଼ଙ୍ଗୀ। ଶ୍ରୀୟଙ୍କା ସମ୍ପ୍ରତି ଏନ୍‌ଆର୍‌ଏଆଇର ନ୍ୟାଶନାଲ ର୍‍ୟାଙ୍କିଙ୍ଗ୍‌ରେ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶା ମାଇନିଂ କର୍ପୋରେଶନରେ କାର୍ଯ୍ୟରତ ଶ୍ରୀୟଙ୍କା ଚଳିତବର୍ଷ ଆର୍ଜେଣ୍ଟିନାର ବୁଏନ୍ସ ଆରିଜ ଓ ପେରୁର ଲିମାଠାରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପରେ ଭାଗ ନେଇ ସାରିଛନ୍ତି। ଲିମାରେ ସେ ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ।

# ଭାରତୀୟ ଦଳରେ ଅମିତ, ନୀଲମ ଓ ଶିଳାନନ୍ଦ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**


ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ ପାଇଁ ମନୋନୀତ ଭାରତୀୟ ହକି ଦଳ।

ହକି ଇଣ୍ଡିଆ ଗୁରୁବାର ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ ଓ ନୀଲମ ସଞ୍ଜୀବ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଏହି ପ୍ରତିଯୋଗିତା ଜୁନ୍ ୭ରୁ ଆମଷ୍ଟିଲ୍‌ଭିନ୍, ନେଦରଲାଣ୍ଡ୍ସ ଏବଂ ଆଣ୍ଟୱେର୍ପ, ବେଲଜିୟମଠାରେ ଖେଳାଯିବ। ଭାରତୀୟ ଦଳ ଜୁନ୍ ୭ ଓ ୯ରେ ନେଦରଲାଣ୍ଡ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ୟୁରୋପିଆନ୍ ଲେଗ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଦଳ ପରେ ଆମଷ୍ଟିଲଭିନ୍‌ରେ ୱାଗନର ଷ୍ଟାଡିୟମରେ ଜୁନ୍ ୧୧ ଓ ୧୨ରେ ଆର୍ଜେଣ୍ଟିନା ବିପକ୍ଷରେ ଡବଲ ହେଡର ଖେଳିବ। ଭାରତ ପରେ ଆଣ୍ଟୱେର୍ପ ଗସ୍ତ କରିବ। ସେଠାରେ ଦଳ ଜୁନ୍ ୧୪ ଓ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ ଜୁନ୍ ୨୧ ଓ ୨୨ରେ ଆୟୋଜକ ବେଲଜିୟମ ବିପକ୍ଷରେ ମ୍ୟାଚ ଖେଳି ଏହାର ଅଭିଯାନ ଶେଷ କରିବ। ସୂଚନାଯୋଗ୍ୟ, ଭାରତ ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ପ୍ରୋ-ଲିଗ୍‌ର ହୋମ୍ ଲେଗ୍ ଖେଳିଛି ଏବଂ ୮ଗେମ୍‌ରୁ ୫ଟିରେ ବିଜୟ ହାସଲ କରି ୧୫ ପଏଣ୍ଟ ଅର୍ଜନ କରିଛି। ମୁଖ୍ୟ କୋଚ୍ କ୍ରେଗ୍ ଫଲ୍ଟନ କହିଛନ୍ତି, ଏଥର ଆମେ ଦଳରେ ସାମାନ୍ୟ ଅଧିକ ଅଭିଜ୍ଞ ଖେଳାଳି ନେବାକୁ ଚାହିଁଥିଲୁ। ଦଳ ଚୟନ ନେଇ ସେ ଖୁବ୍ ଖୁସି। ତାଙ୍କ ଦଳ ଭଲରୂପେ ତାଲିମ ନେଇଛି। ଆମେ ଯଥାସମ୍ଭବ ପ୍ରୋ-ଲିଗ୍ ଜିତିବାକୁ ଚାହିଁବୁ। ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ହେଲେ ଡିଫେଣ୍ଡର ବରୁଣ କୁମାର, ମିଡ୍‌ଫିଲ୍ଡର ମୈରାଙ୍ଗଥେମ୍ ରବିଚନ୍ଦ୍ର ସିଂ ଓ ଫରୱାର୍ଡ ବବି ସିଂ ଦିହାମି, ଅରାଇଜିତ୍ ସିଂ ହୁଣ୍ଡାଲ, ଉତ୍ତମ ସିଂ, ଅଙ୍ଗଦ ବୀର ସିଂ ଓ ଅର୍ଶଦୀପ ସିଂ।

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ୍**

**ଭାରତୀୟ ହକି ଦଳ:** ଗୋଲ୍‌କିପର: କ୍ରିଶନ ବାହାଦୁର ପାଠକ, ସୂରଜ କରକେରା। ଡିଫେଣ୍ଡର: ସୁମିତ, ଅମିତ ରୋହିଦାସ, ଯୁଗରାଜ ସିଂ, ନୀଲମ ସଞ୍ଜୀବ ଖେସ୍, ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ଯଶଦୀପ ସିୱାଚ। ମିଡ୍‌ଫିଲ୍ଡର: ରାଜ କୁମାର ପାଲ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ରାଜୀନ୍ଦର ସିଂ, ମନପ୍ରୀତ ସିଂ, ବିବେକ୍ ସାଗର ପ୍ରସାଦ, ସମଶେର ସିଂ । ଫରୱାର୍ଡ: ଗୁର୍‌ଜାନ୍ତ ସିଂ, ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ